R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୮୨
ତିଥି : ଏକାଦଶୀ
୧୭ ଜୁଲାଇ ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 282
17 July 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଡୋଡାରେ ୪ ଯବାନ ସହିଦ



## କାଶ୍ମୀର ଟାଇଗର୍ସ ଆକ୍ରମଣ ଲାଗି ନିଜକୁ ଦାୟୀ କଲା

## ୩୨ ମାସରେ ଜମ୍ମୁରେ ୪୮ ଯବାନ ସହିଦ ହେଲେଣି

ନୂଆଦିଲ୍ଲୀ, ୧୬।୭ : ଜମ୍ମୁକାଶ୍ମୀରରେ ସଦ୍ୟତମ ଆତଙ୍କୀ ମାମଲାରେ ଡୋଡାରେ ଆତଙ୍କବାଦୀଙ୍କ ଗୁଳିରେ ୪ ଯବନା ସହିଦ୍ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ଅଧିକାରୀ ସହ ୩ ଯବାନ ଅଛନ୍ତି । ଆଉଜଣେ ଯବାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ପାକିସ୍ତାନ ସମର୍ଥିତ ଜେଇଏମ୍ ଆତଙ୍କବାଦୀ ସଂଗଠନର କାଶ୍ମୀର ଟାଇଗର୍ସ ଏହି ଘଟଣା ପାଇଁ ନିଜକୁ ଦାୟି କରିଛି ।

ସେନାର ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଭାରତୀୟ ସେନାର ସବୁ ର୍ୟାଙ୍କର ଅଧିକାରୀମାନେ ଯେଉଁମାନେ ସହିଦ ହୋଇଛନ୍ତି କ୍ୟାପ୍ଟେନ୍ ବିଜେସ ଥାପ୍ପା, ନାୟକ ଡି ରାଜେଶ, ସିପେଇ ବିଜେନ୍ଦ୍ର ଓ ସିପେଇ ଅଜୟ ନାରୁକାଙ୍କୁ ଗଭୀର ସମବେଦନା ଜଣାଉଛନ୍ତି । କାର୍ଯ୍ୟ କରିବା ସମୟରେ ସେମାନେ ତାଙ୍କ ପ୍ରାଣବଳୀ ଦେଇଛନ୍ତି । ଡୋଡାରେ ଏବେବି ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ଅପରେସନ୍ ଚାଲିଛି । ରାଷ୍ଟ୍ରୀୟ ରାଇଫଲ ଓ ସ୍ୱେଶାଲ ଅପରେସନ୍ ଗ୍ରୁପ୍ର ଅପରେସନ୍ ଚାଲୁଥିବାବେଳେ ଏହି ଏନ୍କାଉଣ୍ଟର ଘଟିଥିଲା । ଭାରିଗୋଟ୍ ଯାହାକି ଦେଶା ଜଙ୍ଗଲ ଅଞ୍ଚଳରେ ସେହିଠାରେ ଏହି ଘଟଣା ଘଟିଛି । ଡୋଡା ସହରରୁ ଏହା ୫୫ କିମି ଦୂରରେ ଅବସ୍ଥିତ । ସୋମବାର ବିଳମ୍ବିତ ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ଜଣାପଡିଛି । ତେବେ ପାଇନ୍ ଗଛ ଓ ସରୁ ରାସ୍ତାରେ ଅପରେସନ୍ କରିବା ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ୫ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି । ତେବେ କାଶ୍ମୀର ଟାଇଗର ସଂଗଠନ ପକ୍ଷରୁ କୁହାଯାଇଛି ଯେ ମୁଜାଉଦ୍ଦିନ୍‌ରେ ହୋଇଥିବା ଅପରେସନ୍ ବିରୋଧରେ ଏହି ଆକ୍ରମଣ କରାଯାଇଛି । ସମଗ୍ର ଅଞ୍ଚଳକୁ ସିଲ୍ କରିଦିଆଯାଇଛି । କିଛିଦିନ ହେଲା ଘାଟିରେ ଆତଙ୍କୀ ନିପାତ ଅଭିଯାନ ବେଳେ ସୁରକ୍ଷାକର୍ମୀଙ୍କ ସହ ଆତଙ୍କବାଦୀଙ୍କର ଗୁଳି ବିନିମୟ ଚାଲିଛି । ପ୍ରାୟ ୨୦ ମିନିଟ୍ ଧରି ଗୁଳି ବିନିମୟ ଚାଲିଥିଲା । ଆହତମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା । ସେଠାରେ ସେମାନେ ଗୁରୁତର ଥିବା ଜଣାପଡିଥିଲା । ୨ ରୁ ୩ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡିଛି । ସେନା ପକ୍ଷରୁ କୁହାଯାଇଛି ଯେ ୧୬ ସେନା ଅଧିକାରୀ ରାତି ୯ଟା ବେଳେ ଏହି ଅଞ୍ଚଳରେ ଆତଙ୍କବାଦୀ ଥିବା ନେଇ ସୂଚନା ପାଇବା ପରେ ପ୍ରବେଶ କରିଥିଲେ । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଆମର ସାହାସୀ ଯବାନମାନେ ଆହତ ହୋଇଥିଲେ । ତେବେ ଜୁଲାଇ ୮ରେ ୫ ସେନା ଯବାନ ଆତଙ୍କୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ । ସେହିଭଳି ଜୁଲାଇ ୬ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ଆତଙ୍କୀଙ୍କୁ ନିପାତ କରାଯାଇଥିଲା । ତେବେ ଏହି ଏନ୍କାଉଣ୍ଟରରେ ୨ ଯବାନ ସହିଦ୍ ହୋଇଥିଲେ । ଜୁନ୍ ୨୬ରେ ସେନା ପକ୍ଷରୁ ୩ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା । ୩୨ ମାସ ମଧ୍ୟରେ ଜମ୍ମୁ ଅଞ୍ଚଳରେ ୪୮ ଯବାନ ସହିଦ ହୋଇସାରିଲେଣି ।

# ୧୮ରେ ପୁଣି ଖୋଲିବ ଭିତର ରତ୍ନଭଣ୍ଡାର



ପୁରୀ, ୧୬।୭ (ସବ୍ୟୁ) : ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁସାରେ ଗଠିତ ୧୧ ଜଣିଆ କମିଟିର ଏକ ଜରୁରୀ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବନରେ କାର୍ଯ୍ୟରତ ଏଏସ୍ଓଙ୍କୁ ଯେଉଁ ବୈଠକରେ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ ।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ୧୮ ତାରିଖ ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ପୁଣିଥରେ ଖୋଲାଯାଇ ଭିତର ଭଣ୍ଡାରରେ ଥିବା ଅଳଙ୍କାର ଆଦି ସ୍ଥାନାନ୍ତର କରାଯିବ । ଖଟସେଜ ଘରେ ହୋଇଥିବା ଅସ୍ଥାୟୀ ଭିତର ଭଣ୍ଡାରକୁ ଏହା ସ୍ଥାନାନ୍ତରିତ ହେବ । ଏହି ସମସ୍ତ ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ କରାଯିବ । ଗତ ୧୪ ତାରିଖ ଦିନ ଭିତର ଭଣ୍ଡାର ମୁଖ୍ୟ ଦ୍ୱାରରେ ଲାଗିଥିବା ୩ ଟି ଯାକ ତାଲା ଟ୍ରେଜେରୀରୁ ଆସିଥିବା ଦୁଇଟି ଚାବିରେ ନ ଖୋଲିବାରୁ ତାଲାଗୁଡିକୁ ଭାଙ୍ଗି କମିଟି ପ୍ରବେଶ କରିଥିଲେ । କିନ୍ତୁ ସମୟ ଅଭାବରୁ ସ୍ଥାନାନ୍ତର ପ୍ରକ୍ରିୟା ସମ୍ଭବପର ହୋଇ ପାରି ନଥିଲା । ସେହିଦିନ ଭିତର ଭଣ୍ଡାର ଦ୍ୱାରରେ ଭଙ୍ଗାଯାଇଥିବା ୩ଟି ଯାକ ତାଲା ଏବଂ ପୁରୁଣା ଦୁଇଟି ଚାବିକୁ ଜିଲ୍ଲା ଟ୍ରେଜେରିରେ ଜମା କରାଯାଇଛି । ଏଥି ସହିତ ୨ ଟି ନୂଆ ତାଲା ପକାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରି ତାହାର ଚାବିକୁ (୯ ପୃଷ୍ଠାରେ)

# ଅଙ୍ଗଦାନ କରି ଅମର ହୋଇଗଲେ ବିରେନ୍ଦ୍ର

ରଘୁନାଥପୁର, ୧୬।୭ (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ଅଧୀନସ୍ଥ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଂଚାୟତ ବିଜେଡି ସଭାପତି(୬୨) ବର୍ଷିୟ ବିରେନ୍ଦ୍ର ସ୍ୱାଇଁଙ୍କର ଗତ ୧୪ ତାରିଖରେ ପୁରୁଣ ଓଡପଡାସ୍ଥିତ ଗୋଲେଡନ ପ୍ୟାଲେସ ନିକଟ କଟକ ପାରାଦ୍ୱୀପ ରାଜରାସ୍ତାରେ ଏକ ସଡକ ଦୁର୍ଘଟଣାରେ ବ୍ରେନ ଡେଡ ହୋଇଯିବା ପରେ ତାଙ୍କ ପରିବାରବର୍ଗ ବିରେନ୍ଦ୍ରଙ୍କ ଅଙ୍ଗଦାନ ପାଇଁ କଟକ ବଡ ମେଡିକାଲ ଡାକ୍ତର ମାନଙ୍କୁ ଅନୁରୋଧ କରିଥିଲେ। ପରିବାରବର୍ଗଙ୍କ ନିବେଦନ କ୍ରମେ ଏକ ଡାକ୍ତରୀଟିମ ବିରେନ୍ଦ୍ରଙ୍କ ଶରୀରରୁ କିଡ୍ନି,ଲିଭର ଏବଂ ଚକ୍ଷୁ କାଢିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ୟୁରୋଲୋଜି ବିଭାଗର ବିଶେଷଜ୍ଞମାନେ କେବଳ ଦୁଇଟିଯାକ କିଡନି ବାହାର କରି ଦୁଇଜଣ କିଡନି ରୋଗୀଙ୍କ ଦେହରେ ପ୍ରତିରୋପଣ କରିବାରେ ସଫଳ ହୋଇଥିଲେ। ଗତକାଲି ବିଳମ୍ବିତ ରାତିରେ କଟକ ବଡ ମେଡିକାଲରେ ଯାଜପୁର ଅଂଚଳର ଜଣେ ମହିଳାଙ୍କ ଦେହରେ ଗୋଟିଏ କିଡ୍ନି ପ୍ରତିରୋପଣ କରା ଯାଇଥିବା ବେଳେ ଭୁବନେଶ୍ୱର ଏମ୍ସ ହସପିଟାଲରେ ଖୋର୍ଦ୍ଧା ଅଂଚଳର ଜଣେ ୨୬ବର୍ଷିୟ ଯୁବକଙ୍କ ଦେହରେ ଅନ୍ୟ କିଡ୍ନିଟି ସଫଳତାର ସହ ପ୍ରତିରୋପଣ କରା ଯାଇଥିଲା। ବିରେନ୍ଦ୍ରଙ୍କ ଅଙ୍ଗଦାନ ରାଜ୍ୟପାଇଁ ଏକ ଉଦାହରଣ ପାଲଟିଥିବାବେଳେ ଜଗତସିଂହପୁର (୯ ପୃଷ୍ଠାରେ)

## ସଚିବସ୍ତରୀୟ ବୈଠକ

# ଆଗାମୀ ବଜେଟ୍ ନେଇ ବିଚାରବିମର୍ଷ



ଭୁବନେଶ୍ୱର, ୧୬।୭ (ସବ୍ୟୁ) : ଆଗାମୀ ସାଧାରଣ ବଜେଟ୍ କିଭଳି ହେବ ଓ ଜୁଲାଇ ୨୭ରେ ନୂଆଦିଲ୍ଲୀରେ ହେବାକୁ ଥିବା ନୀତି ଆୟୋଗର ନବମ ସାଧାରଣ ପରିଷଦ ବୈଠକ ଓ ନଭେମ୍ବର ୨୪ରେ ହେବାକୁ ଥିବା ଚତୁର୍ଥ ଜାତୀୟ ମୁଖ୍ୟ ସଚିବଙ୍କ ସମ୍ମିଳନୀରେ ଆଲୋଚ୍ୟ ହେବାକୁ ଥିବା ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜେଣ୍ଡା ପ୍ରସ୍ତୁତ କରାଯାଉଛି । ବିଶେଷକରି ନିରନ୍ତର ବିକାଶ ଲକ୍ଷ୍ୟ ସାଧନ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ କାର୍ଯ୍ୟନ୍ୱୟନ ଉପରେ ଆଜି ସଚିବସ୍ତରୀୟ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସବୁ ବିଭାଗର ସଚିବମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କ୍ଷୁଧାମୁକ୍ତ ସମାଜ, ଉତ୍ତମ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନାରୀ-ପୁରୁଷ ସମାନତା, ବିଶୁଦ୍ଧ ପାନୀୟ ଜଳ, ସମନ୍ୱିତ ଜଳସେଚନ, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ (୯ ପୃଷ୍ଠାରେ)

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

# କର୍ମ ସଂସ୍ଥାନ କ୍ଷେତ୍ରରେ ଯୋଗ୍ୟ ଲୋକଙ୍କୁ ପ୍ରାଥମିକତା ଦିଅ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଯୋଜନା ଗୁଡିକୁ ତ୍ୱରାନ୍ୱିତ କରି ସହର ଗୁଡିକରେ ଲୋକଙ୍କ ପାଇଁ ଆଧୁନିକ ସୁବିଧାର ବିକାଶ ପାଇଁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଯୋଜନା ଗୁଡିକର ସୁବିଧା ପାଉଥିବା ହିତାଧିକାରୀ ଚୟନ କ୍ଷେତ୍ରରେ ତଥା କର୍ମସଂସ୍ଥାନ ପ୍ରଦାନ କ୍ଷେତ୍ରରେ ଓଡିଶାର ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି ।

ସହରଗୁଡିକର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହା ଦ୍ୱାରା ସହରର ଗରିବ ଲୋକଙ୍କ ପାଇଁ ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧାର ବିକାଶ କରାଯାଇ ପାରିବ । ସେମାନେ ସୁବିଧାରେ ରହି ସହରରେ ସେବା ଯୋଗାଇ ଦେବା ସହ ଜୀବିକ ଅର୍ଜନ ମଧ୍ୟ କରିପାରିବେ ।

ସେହିପରି ଭୁବନେଶ୍ୱରର ଦୟା ୱେଷ୍ଟ କେନାଲର ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ୩୪ କି.ମି ଦୀର୍ଘ ଏହି କେନାଲର ୧୬ କି.ମି.ରୁ ଅଧିକ ଅଂଶ ଭୁବନେଶ୍ୱର ସହର ଭିତରେ ରହିଛି । ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଉନ୍ନତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଭୁବନେଶ୍ୱର ଓ ତା'ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ସବୁ ସହରରେ ବାୟୋ-ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ । ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଯେପରି ଦେଶର ଏକ ମଡେଲ୍ ସହର ହୋଇପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।(୯ ପୃଷ୍ଠାରେ)

# ଜୁଲାଇ ୨୧ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ, ୧୬। ୭(ସବ୍ୟୁ) : ଆସନ୍ତା ଜୁଲାଇ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମାଟ୍ରିକ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ବାର୍ଷିକ (ଦ୍ୱିତୀୟ)ପରୀକ୍ଷା ଅନୁଷ୍ଠିତ ହେବ । ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ୮୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ମାଟ୍ରିକ ପରୀକ୍ଷା ଦେଇନଥିବା ଓ ଅକୃତକାର୍ଯ୍ୟ ହୋଇଥିବା ୯୭୨ ଜଣ ବିଦ୍ୟାର୍ଥୀ ଏହି ପରୀକ୍ଷା ଦେବେ । ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୨୪ ହଜାର ୫୨୦ ଜଣ ପରୀକ୍ଷାର୍ଥୀଙ୍କ ନିମନ୍ତେ ୧୨୧ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟରୁ ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ ।

# ବସଷ୍ଟାଣ୍ଡରେ ନିଶା ଦେଇ ଲୁଟ ଉଦ୍ୟମ, ଚାରି ଅଚେତ

ପାରାଦୀପ, ୧୬।୭ ( ଜିପ୍ର ) : ଭୋରରେ ପାରାଦୀପ ବସଷ୍ଟାଣ୍ଡରେ ଦୁଇ ତ୍ରିଦେବୀ ବସ ପ୍ରସ୍ତୁତ ହେଉଥିଲେ କଟକ ଯିବାପାଇଁ । ଡ୍ରାଇଭର କଣ୍ଡକ୍ଟର ଓ ହେଲପର ଗାଧୁଆ ପାଧୁଆ ସାରି ତରତର ହୋଇ ବସ ପାଖକୁ ଆସୁଥିଲେ । ଗୋଟିଏ ବସ ସାତଟା ଆଉ ଅନ୍ୟଟି ସାତଟା କୋଡ଼ିଏରେ କଟକ ଯାଇଥାନ୍ତେ । ହଠାତ ଏକ ଯୁବକ ଆସିଲେ ଆଉ ଗାଡକୁ ରିଜର୍ଭ କରି ନେବାକୁ ରେଟ୍ ଛିଣ୍ଡାଇ ସମ୍ପର୍କ ବଢାଇଲେ । ସମ୍ପର୍କ ଦେଖାଇ ଦୁଇ ଗାଡିର ଚାରିଜଣଙ୍କୁ ଚା ମଧ୍ୟ ପିଇବାକୁ ଦେଲେ । ଆଉ ଚା ପିଇ ସାରିବା ପରେ ଚାରି ଜଣ ସେହି ବସ ଭିତରେ ବସିଥିବା ଜାଗାରେ ଅଚେତ । ସମ୍ପୃକ୍ତ ଯୁବକ କେଉଁଆଡ଼େ ଉଭାନ। ଏଭଳି ଚାଞ୍ଚଲ୍ୟକର ଘଟଣା ଆଜି ଘଟିଛି ବନ୍ଦର ନଗରୀ ପାରାଦୀପ ଆଦର୍ଶ ଥାନା ପାଖ ବସଷ୍ଟାଣ୍ଡରେ । ତ୍ରିଦେବୀ ବସର ଚାରି ଜଣ କର୍ମଚାରୀ ପ୍ରଦୀପ୍ତ ଖୁଣ୍ଟିଆ, ଭଞ୍ଜ କୁମାର (୯ ପୃଷ୍ଠାରେ)

## ୪ ଯବାନ ସହିଦ ନେଇ ରାହୁଲଙ୍କ ପ୍ରତିକ୍ରିୟା

# ପ୍ରତ୍ୟେକ ଭାରତୀୟ ଦେଶଭକ୍ତଙ୍କ ଦାବି ସରକାର ଉତ୍ତରଦାୟୀତ୍ୱ ନିଅନ୍ତୁ

ନୂଆଦିଲ୍ଲୀ, ୧୬।୭ : ଜମ୍ମୁ-କାଶ୍ମୀରର ଡୋଡାରେ ସହିଦ ହୋଇଥିବା ୪ ଯବାନଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ରାହୁଲ କହିଛନ୍ତି ଯେ ଏହି ଘଟଣା ଅତ୍ୟନ୍ତ ଦୁଃଖ ଦାୟକ ଓ ଚିନ୍ତାଜନକ । ପ୍ରତ୍ୟେକ ଦେଶଭକ୍ତ ଭାରତୀୟଙ୍କର ଦାବି ହେଉଛି ଯେ ସରକାର ବାରମ୍ବାର ହେଉଥିବା ଏହି ସୁରକ୍ଷାଜନିତ ତ୍ରୁଟିର ଉତ୍ତରଦାୟିତ୍ୱ ନିଅନ୍ତୁ ।

ଡୋଡାରେ ସହିଦ ହୋଇଥିବା ୪ ଯବାନଙ୍କ ଘଟଣାରେ ରାହୁଲ ଗାନ୍ଧି ଆଜି ତାଙ୍କ ବୟାନ ରଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଯେଉଁମାନେ ସହିଦ୍ ହୋଇଛନ୍ତି ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି । ଭାରତୀୟ ସେନା ଉପରେ ଜମ୍ମୁକାଶ୍ମୀରରେ ଏଭଳି ବାରମ୍ବାର ଆକ୍ରମଣ କିଛି ମାସ ଧରି ଯାହା ହେଉଛି ତାହା ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ସରକାରଙ୍କୁ ପରୋକ୍ଷ କଟାକ୍ଷ କରି ସେ କହିଛନ୍ତି ଯେ ଜମ୍ମୁକାଶ୍ମୀରର ଏହି ଦୟନୀୟ ସ୍ଥିତି ଓ ବିଜେପିର ଭୁଲ୍ ନୀତି ଯୋଗୁ ଏବେ ଏଠି ଆମ ସୈନିକମାନଙ୍କୁ ପ୍ରାଣବଳୀ ଦେବାକୁ ପଡୁଛି । ପ୍ରତ୍ୟେକ ଦେଶଭକ୍ତ ଏବେ ଚାହୁଁଛନ୍ତି ଯେ ସରକାର ଏହି ଘଟଣାର



ଦାୟିତ୍ୱ ନିଅନ୍ତୁ । ବାରମ୍ବାର ସୁରକ୍ଷାରେ ତ୍ରୁଟି ହେଉଛି । ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ବର୍ତ୍ତମାନ ସମୟରେ ରାଜନୈତିକ ଏକତାର ଆବଶ୍ୟକତା ରହିଛି । ଏହା ଗୁରୁତ୍ୱପୂର୍ଣ୍ଣ ଯେ ସରକାରଙ୍କୁ ବିରୋଧୀ ବଢୁଥିବା ଆତଙ୍କୀ ବିପଦରେ ସମର୍ଥନ କରିବ । ହେଲେ ସରକାର ସ୍ପଷ୍ଟ ନୀତି ଆଣିବା ଦରକାର । ବର୍ତ୍ତମାନର ସମୟ ହେଉଛି ଯେ ସମଗ୍ର ଦେଶ ଆତଙ୍କବାଦ ବିରୋଧରେ ଏକାଠି ଛିଡା ହେବାର ଆବଶ୍ୟକ ଅଛି । ଜଣେ ଅଫିସରଙ୍କ ସହ ୪ ଯବାନ (୯ ପୃଷ୍ଠାରେ)

# ବୁକିଂର ୪୮ ଘଣ୍ଟା ମଧ୍ୟରେ ମିଳିବ ଗ୍ୟାସ୍

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ରାଜ୍ୟ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ ପେଟ୍ରୋଲ, ଡିଜେଲ୍ ଏବଂ ଏଲ୍‌ପିଜି ବିତରକ ଏବଂ ସଂପୃକ୍ତ ଅନ୍ୟାନ୍ୟ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଅଧିକାରୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ-ଓଡ଼ିଶା ଶାଖାର ପ୍ରତିନିଧି, ଉତ୍କଳ ପ୍ରେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର କର୍ମକର୍ତ୍ତା, ବିଭିନ୍ନ ବିତରକ ସଂଘର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ



ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ଖାଉଟିମାନଙ୍କ ସ୍ୱାର୍ଥ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ପ୍ରତ୍ୟେକ ଖାଉଟି ଯେଭଳି ସଠିକ ପରିମାଣ ଏବଂ ଗୁଣାତ୍ମକ ତୈଳ ଓ ଗ୍ୟାସ ସାମଗ୍ରୀ ପାଇପାରିବେ ଏହା ଉପରେ ସଂପୃକ୍ତ ବିତରକ ସଂସ୍ଥା ଦୃଷ୍ଟି ଦେବା ଆବଶ୍ୟକ । ଏଥି ସହ ଉକ୍ତ ସଂସ୍ଥା ପକ୍ଷରୁ ପ୍ରତ୍ୟେକ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ । ଗ୍ୟାସ ବୁକିଂର ୪୮ ଘଣ୍ଟା ମଧ୍ୟରେ ଖାଉଟିମାନଙ୍କ ନିକଟରେ ଗ୍ୟାସ ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଏହାର ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଥିଲେ । ଏଥି ସହ ଗ୍ୟାସର (୯ ପୃଷ୍ଠାରେ)




# ଭାଇରାଲ ଜ୍ୱର

ଆଜିକାଲି ଥଣ୍ଡା କିମ୍ବା ଜ୍ୱର ଅନେକଙ୍କୁ ହେଉଥିବାର ଦେଖିବାକୁ ମିଳୁଛି । ଏହି ସମୟରେ ପାଗ ପରିବର୍ତ୍ତନ କାରଣରୁ ଭାଇରାଲ୍ ଜ୍ୱର ଓ ଥଣ୍ଡାର ଆଶଙ୍କା ରହିଛି । ଏହା ପିଲା ସହ ବଡ ସବୁବର୍ଗର ଲୋକଙ୍କୁ ପ୍ରଭାବିତ କରିଥାଏ । ତେଣୁ କିଛିଟା ଦିଗରେ ଧ୍ୟାନ ଦେଲେ ଆମେ ଏହି ଭାଇରାଲ ଜ୍ୱର ସହ ଥଣ୍ଡାରୁ ବର୍ତ୍ତିପାରିବା । ତେବେ ଋତୁ ପରିବର୍ତ୍ତନ କାରଣରୁ ଛୋଟ ପିଲାଙ୍କର ଏହି ସମସ୍ୟା ଦେଖାଯାଇଥାଏ ।  ମାତ୍ର ଏହାର ଚିକିତ୍ସା ଠିକ୍ ଭାବରେ କରାନଗଲେ ବେଳେବେଳେ ଏହା ଗୁରୁତର ସମସ୍ୟାରେ ପରିଣତ ହୋଇଥାଏ । ତେବେ ଧ୍ୟାନ ରଖନ୍ତୁ ଜ୍ୱର ସମୟରର ପିଲାମାନଙ୍କର ଉତ୍ତାପ ଶରୀରର ସାଧାରଣ ଉତ୍ତାପ ଠାରୁ ବହୁ ପରିମାଣରରେ ବଢିଯାଏ । ଏହାସହ ଜ୍ୱର ସମୟରର ଦେହରୁ ପ୍ରଚୁର ଝାଳ ବାହାରିଥାଏ । ବେଳେବେଳେ ଏହି ଜ୍ୱର ଶରୀରର ଉତ୍ତାପ କମାଇ ଥଣ୍ଡା ପକାଇଦେଇଥାଏ । ଏହାସହ କମ୍ପ ମଧ୍ୟ ଅନୁଭୂତ ହୋଇଥାଏ । ତେବେ ଏହା ପରେ ଶରୀର ଉତ୍ତାପ ପୁଣି ବୃଦ୍ଧି ପାଇଥାଏ । ସେହିଭଳି ପିଲାଙ୍କ କ୍ଷେତ୍ରରେ ଅତ୍ୟଧିକ ଜ୍ୱର ମୂର୍ଚ୍ଛାର କାରଣ ହୋଇଥାଏ । ଯାହାଫଳରେ ବେଳେବେଳେ ପିଲା ଅଚେତ ହୋଇପଡନ୍ତି ।

## କାରଣ

ସର୍ଦ୍ଦି ଏବଂ ଫ୍ଲୁ ଭୂତାଣୁ ସଂକ୍ରମଣରୁ ହୋଇଥାଏ । ଯେଉଁକାରଣରୁ ନାକରୁ ପାଣି  ବାହାରିବା ସହ ଗଳା ଖସଖସ ଓ ଗର୍ଣ୍ଣିରେ ଯନ୍ତ୍ରଣା ହୋଇଥାଏ ।  ଯଦି ସର୍ଦ୍ଦି ବା ଫ୍ଲୁ ଗୋଟିଏ ସପ୍ତାହରୁ ଅଧିକ ରୁହେ କିମ୍ବା ଜ୍ୱର, କଫ ସହିତ କାଶ ହୁଏ, ଛାତିରେ ଯନ୍ତ୍ରଣା ହୁଏ ଓ ଶ୍ୱାସପ୍ରଶ୍ୱାସ ଦ୍ରୁତ ହୁଏ ତେବେ  ବ୍ରୋଙ୍କାଇଟସ୍ ବା ନିମୋନିଆ ହୋଇଥାଇପାରେ । ଏଥିପାଇଁ ଜୀବାଣୁ ପ୍ରତିରୋଧକ ଔଷଧ ଦରକାର । ସର୍ଦ୍ଦି ଜ୍ୱର, ଫୁସୁଫୁସ୍ ପ୍ରଦାହ ବା ନିମୋନିଆରେ ପରିଣତ ହେବାର ବେଶୀ ଭୟ, ବୁଢାଲୋକ, ପିଲା ଓ ଯେଉଁମାନଙ୍କର ବ୍ରୋଙ୍କାଇଟସ୍ ପରି ଫୁସୁଫୁସ୍ର  ସମସ୍ୟା ଥାଏ, ସେମାନଙ୍କ ଠାରେ ରହିଥାଏ । ସେହିଭଳି ଗଳା ଖରାପ ହେବା ସର୍ଦ୍ଦି ଜ୍ୱରର ଏକ ସାଧାରଣ ଅଂଶ । ଏହାର କୌଣସି ସ୍ୱତନ୍ତ୍ର ଔଷଧ  ନାହିଁ ମାତ୍ର ଗରମପାଣି କୁଳି କଲେ ଲାଭ ହୋଇଥାଏ । ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସାର ଆବଶ୍ୟକତା ରହିଛି ।



## ଘରୋଇ ଉପଚାର

* ପ୍ରଚୁର ପାଣି ପିଅନ୍ତୁ ଓ ବିଶ୍ରାମ ନିଅନ୍ତୁ
* ଗରମ ବାମ୍ଫ ଆଘ୍ରାଣ କରନ୍ତୁ ଏହା ଚୁଷ୍ଟିହୋଇଥିବା ନାକକୁ ଖୋଲିବାରେ ସାହାଯ୍ୟ କରେ ।
* ଭଲ ଖାଇବା ଓ ଯଥେଷ୍ଟ ଶୋଇବା ଦ୍ୱାରା ସର୍ଦ୍ଦି ରୋଗ ଭଲ ହୋଇଯାଏ । କମଳା, ବିଲାତି ବାଇଗଣ ଏବଂ ଭିଟାମିନ 'ସି' ଥିବା ଅନ୍ୟାନ ଫଳ ଖାଇଲେ  ଉପକାର ମିଳିବ ।
* ସର୍ଦ୍ଦି ନଡେଇଁବା ପାଇଁ ସର୍ଦ୍ଦି ହୋଇଥିବା ବ୍ୟକ୍ତି ଅଲଗା ଶୋଇବା ଓ ଖାଇବା ଉଚିତ୍ । ଛୋଟ ପିଲାମାନଙ୍କ ଠାରୁ ବିଶେଷ ଭାବରେ ଦୂରେଇ ରହିବା ଦରକାର । କାଶିବା କିମ୍ବା ଛିଙ୍କିବା ସମୟରର ତାଙ୍କର ନାକ ଓ ମୁହଁ ଘୋଡାଇ କାଶିବା ବା ଛିଙ୍କିବା ଉଚିତ୍ । ଏହି ଘରୋଇ ଉପଚାର କରିବା ସତ୍ତ୍ୱେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାନ୍ତୁ ।

# ବାସ୍ତୁ ଅନୁସାରେ ରଖନ୍ତୁ ଔଷଧ



ଜୀବନରେ ଆଗକୁ ବଢିବାକୁ ହେଲେ ସୁସ୍ଥ ରହିବା ନିହାତି ଜରୁରୀ । କୌଣସି ବି କାମ କରିବାକୁ ଶାରୀରିକ ଓ ମାନସିକ ଶାନ୍ତିର ଆବଶ୍ୟକତା ରହିଛି । କେତେ ଥର ବାସ୍ତୁ ଦୋଷ କାରଣରୁ ଲୋକଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେବାକୁ ପଡିଥାଏ । ତେଣୁ ପ୍ରାୟ ଲୋକ ନିଜ ଘରର ସମସ୍ତ ଜିନିଷକୁ ବାସ୍ତୁ ଅନୁସାରେ ସଜାଡି ରଖନ୍ତି । ହେଲେ ବେଳେବେଳେ ଛୋଟଛୋଟ ଜିନିଷକୁ ଗୁରୁତ୍ୱ ଦେଇନଥାନ୍ତି । ଯାହା ଘରେ ନକରାତ୍ମକ ଆଣିବାରେ ସକ୍ଷମ ହୋଇଥାଏ । ଘରେ ମେଡିସିନ୍କୁ ସର୍ବଦା ଲୋକମାନେ ନିଜ ସୁବିଧା ଅନୁସାରେ ରଖନ୍ତି । ହେଲେ ବାସ୍ତୁ ଶାସ୍ତ୍ର ଅନୁସାରେ ମେଡିସିନକୁ ଠିକ୍ ଯାଗାରେ ନ ରଖିଲେ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ସର୍ବଦା ଏହାକୁ ବାସ୍ତୁ ଶାସ୍ତ୍ର ଅନୁସାରେ ରଖିବାକୁ ଚେଷ୍ଟା କରନ୍ତୁ । ବାସ୍ତୁଶାସ୍ତ୍ର ଅନୁସାରେ ଘରର ଦକ୍ଷିଣ ଦିଗରେ ମେଡିସିନ ଡବା ରଖିବା ଉଚିତ୍ ନୁହେଁ । ଏଭଳି ହେଲେ ପରିବାରର ସମସ୍ତେ ଛୋଟଛୋଟ ରୋଗରେ ମଧ୍ୟ ଔଷଧ ଖାଇବାକୁ ଉଚିତ୍ ଭାବିବେ । ଯାହା ବେଳେବେଳେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ସେହିଭଳି କେତେକ ଲୋକ ରୋଷେଇ ଘରେ ହେଉଥିବା ଦୁର୍ଘଟଣାରୁ ବଞ୍ଚିବା ପାଇଁ ଔଷଧ ଡବା ରଖିଥାଆନ୍ତି । ହେଲେ ବାସ୍ତୁ ଅନୁଯାୟୀ ରୋଷେଇ ଘରେ ଔଷଧ ରଖିଲେ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିଥାଏ । ସର୍ବଦା ଉତ୍ତର ପୂର୍ବ ଦିଗରେ ମେଡିସିନ ରଖନ୍ତୁ । ଯାହା ପରିବାରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଇବ ।

# ଚନ୍ଦ୍ରରେ ଗୁମ୍ଫା



ଅନେକ ସମୟରେ ଚନ୍ଦ୍ର ପୃଷ୍ଠକୁ ନେଇ ବିଭିନ୍ନ ତଥ୍ୟ ଆସିଥାଏ ଯାହା ବେଶ୍ ଆଶ୍ଚର୍ଯ୍ୟକର ହୋଇଥାଏ । ସେହିଭଳି ନିକଟରେ ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ରପୃଷ୍ଠରେ ଏକ ଗୁମ୍ଫା ମିଳିଛି । ଏହି ଗୁମ୍ଫାଟି ଆପୋଲୋ ୧୧ର ଲ୍ୟାଣ୍ଡିଂ ସାଇଟ୍ରୁ ଖୁବ ପାଖରେ ରହିଛି । ଏହା ନିଲ୍ ଆମ୍ଷ୍ଟ୍ରଙ୍ଗଙ୍କ ଲ୍ୟାଣ୍ଡିଂ ପଏଣ୍ଟ ଠାରୁ ଏହା ପାଖାପାଖି ୪୦୦ କିମି ଦୂରରେ ରହିଛି । ତେବେ ଏହା ଲୁନାର ବେସ୍ ପାଇଁ ଏକ ଭଲ ସ୍ଥାନ ଭାବେ ପରିଚିତ ହୋଇପାରେ । ଏହା ସେମାନଙ୍କୁ ଚନ୍ଦ୍ରପୃଷ୍ଠର ଖରାପ ପରିବେଶରୁ ବଞ୍ଚାଇବ । ବର୍ତ୍ତମାନ ବିଭିନ୍ନ ଦେଶ ଚନ୍ଦ୍ରପୃଷ୍ଠରେ ଅଧିକ ଗବେଷଣା ପାଇଁ ସେମି ପର୍ମାନେଣ୍ଟ ବେସ୍ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି, ତେଣୁ ଏହି ଗୁମ୍ଫାଟି ସେମାନଙ୍କୁ ସହାୟତା ପ୍ରଦାନ କରିପାରେ ବୋଲି ଗବେଷକ ମତ ଦେଇଛନ୍ତି । ଏହା ମହାକାଶଚାରୀଙ୍କ ପାଇଁ ଏକ ରକ୍ଷାକବଚ ଭଳି ମଧ୍ୟ ବ୍ୟବହାର କରିହେବ । ଏହା ସେମାନଙ୍କୁ ଖରାପ ପ୍ରଭାବ ପକାଉଥିବା କସ୍ମିକ୍ ରେ, ସୋଲାର ରେଡିଏସନ୍ ଓ ମାଇକ୍ରୋମେଟେଓରାଇଟ୍ସ ଠାରୁ ରକ୍ଷା କରିବ । ଏହା ତେଣୁ ମହାକାଶଚାରୀଙ୍କ ପାଇଁ ଏକ ଖୁସି ଖବର ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।




# କମେଡି କରିବା କଷ୍ଟ

ଆନିମଲ ଫିଲ୍ମ ରିଲିଜ୍ ପରେ ତ୍ରିପ୍ତି ଡିମରି ବର୍ତ୍ତମାନ ନ୍ୟାସନାଲ କ୍ରସ ପାଲଟିଛନ୍ତି । ସମସ୍ତେ ତାଙ୍କ ଅଭିନୟ ସହିତ ସୌନ୍ଦର୍ଯ୍ୟର ଫ୍ୟାନ ପାଲଟିଛନ୍ତି । ତେବେ ତ୍ରିପ୍ତିଙ୍କୁ ବର୍ତ୍ତମାନ କମେଡିରେ ଦେଖିବାକୁ ମିଳୁଛି । ୨୦୨୪ରେ ତାଙ୍କର କମେଡି ଫିଲ୍ମ ବ୍ୟାଡ୍ ନ୍ୟୁଜ୍ ରିଲିଜ୍ ହୋଇଛି । ଏହି ଫିଲ୍ମକୁ ଦର୍ଶକଙ୍କ ଭଲ ପାଇବା ମିଳୁଥିବାବେଳେ ଏହାକୁ ନେଇ କଥା ହୋଇଛନ୍ତି ତ୍ରିପ୍ତି । ପୂର୍ବରୁ ସେ ସିରିଅସ୍ ରୋଲ୍ରେ ଅଭିନୟ କରି ସାରିଛନ୍ତି । ହେଲେ ତାଙ୍କୁ କମେଡି କରିବା ଖୁବ କଷ୍ଟ ଲାଗିଥିଲା ବୋଲି ତ୍ରିପ୍ତି ମତ ଦେଇଛନ୍ତି । ଲୋକଙ୍କୁ ହସାଇବା ଖୁବ କଷ୍ଟକର କାମ । ବିଭିନ୍ନ ଫିଲ୍ମ ଜେନେର ମଧ୍ୟରେ କମେଡି ସବୁଠାରୁ କଷ୍ଟ ବୋଲି ତ୍ରିପ୍ତି ପ୍ରକାଶ କରିଛନ୍ତି । ସେ ଅନେକ ଡ୍ରାମା ଫିଲ୍ମ କରିଛନ୍ତି ହେଲେ ସବୁଠାରୁ ଅଧିକ ପରିଶ୍ରମ ସେ କମେଡି ପାଇଁ କରିଥିବା ପ୍ରକାଶ କରିଛନ୍ତି । ସେ ଏହି ଫିଲ୍ମରୁ ଖୁବ ଅଧିକ ଶିଖିଛନ୍ତି, ଯାହା ତାଙ୍କ କ୍ୟାରିୟରେରେ ଆଗକୁ ସାହାଯ୍ୟ କରିବ ବୋଲି ତ୍ରିପ୍ତି ପ୍ରକାଶ କରିଛନ୍ତି । ଫିଲ୍ମ ବ୍ୟାଡ୍ ନ୍ୟୁଜ୍ରେ ତ୍ରିପ୍ତିଙ୍କ ସହିତ ଭିକ୍କି କୌଶଲ, ଫାତିମା ସନା ଶୈଖ, ସାନ୍ୟା ମଲହୋତ୍ରା, ନେହା ଧୁପିଆ ଆଦିଙ୍କୁ ଦେଖିବାକୁ ମିଳିଥିବାବେଳେ ଫିଲ୍ମର ନିର୍ଦ୍ଦେଶନା ଭାର ଆନନ୍ଦ ତିୱାରୀ ସମ୍ଭାଳିଛନ୍ତି ।

## ସୋସିଆଲ କୋଟ୍ସ



ବର୍ତ୍ତମାନ ବ୍ୟାଡ୍ ନ୍ୟୁଜ୍ ଏଞ୍ଜୟ କରନ୍ତୁ । ସମୟ ଆସିଲେ ସବୁ ଶୁଭ ଖବର ଆପଣଙ୍କ ସହିତ ସେୟାର କରିବି ।
ଭିକ୍କି କୌଶଲ, ଅଭିନେତା



ମୋ ନାଁ ମୁଁ କୌଣସି ଜ୍ୟୋତିଷଙ୍କ କଥାରେ ବଦଳାଇ ନଥିଲି । ଏମିତି ଇଚ୍ଛା ହେଲା ସେଥିପାଇଁ ନାଁ ବଦଳାଇଥିଲି । କୌଣସି କାରଣ ନଥିଲା ।
ଅକ୍ଷୟ କୁମାର, ଅଭିନେତା



ମୁଁ ପ୍ରଥମରୁ ଭାବୁଥିଲି ବଲିଉଡ୍ ପାର୍ଟି କେବଳ ମନକଥା କହିବା ପାଇଁ । ହେଲେ ଏହା ନେଟୱାର୍କିଂ ପାଇଁ ଆବଶ୍ୟକ ବୋଲି ପରେ ଜାଣିଲି ।
ରଣଦୀପ ହୁଡ୍ଡା, ଅଭିନେତା

## ଇତିହାସ

୧୪୮୯– ନିଜାମ ଖାନ୍ଙ୍କୁ ସିକନ୍ଦର ଶାହ ଲୋଦୀ ଦ୍ୱିତୀୟ ନାମରେ ଦିଲ୍ଲୀ ସୁଲତାନ ଘୋଷିତ କରାଗଲା ।
୧୭୧୨– ଯୁଦ୍ଧବିରାମ ଚୁକ୍ତି ପ୍ରସଙ୍ଗରେ ଇଂଲଣ୍ଡ, ପର୍ତ୍ତୁଗାଲ ଓ ଫ୍ରାନ୍ସର ସ୍ୱାକ୍ଷର ।
୧୮୫୦– ହାଭାର୍ଡ ଅବଜର୍ଭେଟୋରୀ ତାରାର ପ୍ରଥମ ଫଟୋ ଉତ୍ତୋଳନ କଲା ।
୧୮୯୩– ଇଂଲଣ୍ଡର ଆର୍ଥର ଶ୍ରେସ୍ବେରୀ ଟେଷ୍ଟ କ୍ରିକେଟ୍ରେ ପ୍ରଥମ କରି ୧୦୦୦ ରନ୍ କଲେ ।
୧୯୨୯– ଚୀନ୍ ଠାରୁ କୁଟନୀତିଜ୍ଞ ସମ୍ପର୍କ ଛିନ୍ନ କଲା ସୋଭିଏତ୍ ସଂଘ ।
୧୯୪୩– ପରମବୀର ଚକ୍ର ସମ୍ମାନିତ ରବି କିଶନ ଶୁକ୍ଲାଙ୍କ ଜନ୍ମ ।
୧୯୪୭– ଭାରତୀୟ ଯାତ୍ରୀବାହୀ ଜାହାଜ ରାମଦାସ ମୁମ୍ବାଇ ନିକଟରେ ବୁଡିଯାଇ ୬୨୫ ଲୋକଙ୍କ ମୃତ୍ୟୁ ହୋଇଥିଲା ।
୧୯୪୮– ଭାରତରେ ମହିଳାମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ତଥା ଭାରତୀୟ ପୋଲିସ ସେବା ସମେତ ସମସ୍ତ ସାର୍ବଜନୀନ ସେବାରେ ସାମିଲ କରାଗଲା ।
୧୯୫୦– ପଞ୍ଜାବର ପଠାନକୋଟରେ ପ୍ରଥମ ଭାରତୀୟ ଯାତ୍ରୀବାହୀ ବିମାନର ଦୁର୍ଘଟଣା ।
୧୯୯୫– ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କୁ ଫୋର୍ବସ୍ ମାଗାଜିନ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଘୋଷିତ କଲା ।
୨୦୦୫– ଆର୍ବିଆଇର ୧୪ତମ ଗଭର୍ଣ୍ଣର ଆଇ ଜି ପଟେଲଙ୍କ ନିଧନ ।
୨୦୦୬– ମହାକାଶ ଯାନ ଡିସ୍କଭରୀ ୧୩ ଦିନ ମହାକାଶ ଯାତ୍ରା ପୂରା କରି ଫ୍ଲୋରିଡାସ୍ଥିତ କେପ୍ କେନବରା ସ୍ପେସ୍ ସେଣ୍ଟରକୁ ଫେରିଲା ।
୨୦୧୪– ମାଲେସିଆ ଏୟାରଲାଇନ୍ସର ବିମାନ ୧୭ ଦୁର୍ଘଟଣାଗ୍ରସ୍ତ ହୋଇ ୨୮୩ ଲୋକଙ୍କ ମୃତ୍ୟୁ ।



# ପାରମ୍ପରିକ କଳା ପ୍ରୀତି

ସମସ୍ତେ ସବୁବେଳେ ନିଜ କାରକୁ ସୁନ୍ଦର ରଖିବାକୁ ପସନ୍ଦ କରିଥାଆନ୍ତି । ଏଥିପାଇଁ କିଏ କାରକୁ ରଙ୍ଗ ଦେଉଥିବାବେଳେ କିଏ ଏଥିରେ ଷ୍ଟିକର ମାରିଥାଏ । ତେବେ ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ନୂଆ ଡିଜାଇନର କାର ପେଣ୍ଟ ଭାଇରାଲ ହେବାରେ ଲାଗିଛି । ବିହାର ଜଣେ ଆର୍ଟିଷ୍ଟ ମଧୁବାଣୀ ପେଣ୍ଟିଂକୁ କାର ବନେଟ୍ରେ କରି ଭାଇରାଲ କରିବାରେ ଲାଗିଛନ୍ତି । ଏହି ପେଣ୍ଟିଂରେ ସେ ନିଜ ଭାରତୀୟ ପରମ୍ପରାକୁ ସ୍ଥାନ ଦେଇଛନ୍ତି । ପେଣ୍ଟିଂର ଡିଜାଇନ୍ ସହିତ କଲର ସମସ୍ତଙ୍କୁ ଖୁବ ପସନ୍ଦ ଆସିଛି । ଲୋକମାନେ ଆଶୁତୋଷ ଶାହ ନାମକ ଏହି ବ୍ୟକ୍ତିଙ୍କର ପେଣ୍ଟିଂକୁ ଖୁବ ପସନ୍ଦ କରିବାରେ ଲାଗିଛନ୍ତି । ନିଜର ପୁରାତନ କଳାକୁ ବଞ୍ଚାଇ ରଖିବାର ଏହି ପ୍ରୟାସ ସମସ୍ତଙ୍କର ପସନ୍ଦ ଆସିଛି । ତାଙ୍କ ଘର ବିହାରର ମଧୁବାଣୀ ଜିଲ୍ଲାରେ ହିଁ ଏବଂ ତାଙ୍କର ଏକ ଆର୍ଟ ଇନ୍ଷ୍ଟିଚ୍ୟୁଟ୍ ମଧ୍ୟ ରହିଛି । ଏହି କେନ୍ଦ୍ରରେ ସେ ଅନେକ ପିଲାଙ୍କୁ ଏହି କଳା ବିଷୟରେ ଶିକ୍ଷା ମଧ୍ୟ ଦେଉଛନ୍ତି ।

# ମହାରାଷ୍ଟ୍ରିଆନ ପାଲକ୍



**ସାମଗ୍ରୀ–** ୨କପ, ପାଳଙ୍ଗ ଶାଗ, ୨ ଚାମଚ ବାଦାମ, ଏକ ଚାମଚ ଚଣା ଡାଲି, ୨ କପ ଘୋଳ ଦହି, ଏକ ଚାମଚ ହଳଦୀ, ଏକ ଚାମଚ ଲଙ୍କାଗୁଣ୍ଡ, ୨ଟି କଞ୍ଚା ଲଙ୍କା, ଏକ ଚାମଚ ଗୁଡ, ସୋରିଷ, ଜିରା, ଶୁଖିଲା ଲଙ୍କା, ହେଙ୍ଗୁ ।

**ପ୍ରଣାଳୀ–** ପ୍ରଥମେ ବାଦାମ ଓ ଚଣା ଡାଲିକୁ ୨ଘଣ୍ଟା ପାଇଁ ବତୁରାଇ ଦିଅନ୍ତୁ । ଏହାପରେ ଏକ ପାତ୍ରରେ ବେସନ, ଦହି, ହେଙ୍ଗୁ, ହଳଦୀ, ଲଙ୍କା ଗୁଣ୍ଡ, ଗୁଡ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପ୍ରେସର କୁକୁରରେ ବତୁରା ହୋଇଥିବା ବାଦାମ, ଚଣା ଡାଲି, ପାଳଙ୍ଗ ଓ କଞ୍ଚା ଲଙ୍କା ସହ ପାଣି ଦେଇ ୨ଟି ସିଟି ଦିଅନ୍ତୁ । ଏହାପରେ ଗୋଟିଏ କରେଇରେ ପୂର୍ବ ପ୍ରସ୍ତୁତ ବେସନ ମିଶ୍ରଣକୁ ସିଝାନ୍ତୁ । ଏହା ବହଳା ହେବା ଆରମ୍ଭ କଲେ ଏଥିରେ ପାଳଙ୍ଗ ସିଝାକୁ ପକାନ୍ତୁ । ଏହାପରେ ଲୁଣ ପକାଇ ଫୁଟିବାକୁ ଦିଅନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ତେଲ ଗରମ କରନ୍ତୁ । ସେଥିରେ ଫୁଟଣ କରିବା ପାଇଁ ସମସ୍ତ ମିଶ୍ରଣ ପକାନ୍ତୁ । ଏହି ଫୁଟଣକୁ ପାଳଙ୍ଗ ମିଶ୍ରଣରେ ମିଶାନ୍ତୁ । ପ୍ରସ୍ତୁତ ହୋଇଗଲା ମହାରାଷ୍ଟ୍ରିଆନ ପାଲକ୍ ।



ଇଣ୍ଡିଆନ ମେଡିକାଲ ଆସୋସିଏସନର ଏକ ପ୍ରତିନିଧି ଦଳ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ।

## ଶଶୁର ଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଂଚାୟତର ଶଶୁର ଘରକୁ ଆସିଥିବା ଜ୍ୱାଇଁଙ୍କର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଂଚାୟତର ନରେନ୍ଦ୍ର ସେଠୀଙ୍କ ଘରକୁ ସୋର ଥାନାର ମଧୁସୂଦନପୁର ଗ୍ରାମର ଜ୍ୱାଇଁ ରମେଶ ଚନ୍ଦ୍ର ସେଠୀ ଆସିଥିଲେ । ପୂର୍ବରୁ ବାପଘରେ ପତ୍ନୀ ଲକ୍ଷ୍ମୀ ସେଠୀ ଥିଲେ । ପତି ଓ ପତ୍ନୀଙ୍କ ମଧ୍ୟରେ ମନାନ୍ତର ଯୋଗୁଁ ପାରିବାରିକ କଳହ ଲାଗିଥିଲା । ଆଜି ମଧ୍ୟାହ୍ନରେ ସଂଜ୍ଞାହୀନ ଅବସ୍ଥାରେ ରମେଶ ଚନ୍ଦ୍ର ସେଠୀଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ । ଡାକ୍ତର ଦେଖିବା ପରେ ମୃତ ଘୋଷଣା କରିଥିଲେ । ଶଶୁର ଘରେ ରମେଶ ସେଠୀଙ୍କର କେମିତି ମୃତ ଘଟିଲା ପରିବାର ଲୋକ ସଠିକ ଭାବେ କହି ପାରୁନାହାନ୍ତି । ହତ୍ୟା ନା ଆତ୍ମହତ୍ୟା କାଣ୍ଡ ପୋଲିସ ତଦନ୍ତ କଲେ ମୃତ୍ୟୁର କାରଣ ଜଣାପଡିବ।

# ଆଇସିସି ପକ୍ଷରୁ ଶିଳ୍ପଭିତ୍ତିକ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କର୍ମସ (ଆଇସିସି), କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ସହଯୋଗରେ ଶିଳ୍ପ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଇସିସି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେବି ପାଣି ଅଧ୍ୟକ୍ଷତା କରି କହିଥିଲେ ଯେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବରେ ଉଭା ହୋଇଛି । ଜିଡିପି, ରୋଜଗାର ଏବଂ ରପ୍ତାନିରେ ଏହାର ଅବଦାନ ଦୃଷ୍ଟିରୁ ଭାରତୀୟ ଅର୍ଥନୀତି ୨୦୧୫-୨୦୨୨ ମଧ୍ୟରେ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ପ୍ରଦର୍ଶନ କରିଛି । ଏଏଜିଆର ପ୍ରାୟ ୭.୩% ଉତ୍ପାଦନର ରେକର୍ଡ ସ୍ତର ସହିତ ଏକ ଦୃଢ଼ ଅଭିବୃଦ୍ଧି କ୍ଷେତ୍ରଟି ଅଧିକ ହେବା ପାଇଁ ଆର ଆଣ୍ଡ ଡି ଉନ୍ନତି ପାଇଁ ଏକ ଜରୁରୀ ଆବଶ୍ୟକତା ଅଛି । ଓଡିଶାକୁ ବିଭିନ୍ନ କୃଷି-ଜଳବାୟୁ ପରିସ୍ଥିତି, ଉର୍ବର ମାଟି ଏବଂ ପ୍ରଚୁର ପରିମାଣରେ



ପ୍ରଦାନ କରାଯାଇଛି । ଚାଉଳ, ଡାଲି, ତେଲ ମି, ଫଳ, ପନିପରିବା, ମସଲା ଏବଂ ସାମୁଦ୍ରିକ ଦ୍ରବ୍ୟ ସହିତ ଏହି ପ୍ରଚୁର କୃଷି ସମ୍ବଳଗୁଡ଼ିକ ପାଇଁ ଏକ ଦୃଢ଼ ମୂଳଦୁଆ ଯୋଗାଏ । ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବରେ ଉଭା ହେବାକୁ ଯାଉଛି । ବିଶେଷ କରି ଗ୍ରାମାଞ୍ଚଳରେ ସୁଯୋଗ ଅଧିକ ରହିଥିବା ସେ କହିଥିଲେ । ଆଇସିସି ଏଗ୍ରି ଓ ଖାଦ୍ୟ ପକ୍ରିୟାକରଣ କିମିଟି ଆବାହକ ଶ୍ରୀରାମ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଇନଭେଷ୍ଟ ଇଣ୍ଡିଆର ହର୍ଷିତା ଯୋଶୀ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ- ୨୦୨୪ ଉପରେ ଉପସ୍ଥାପନା କରିଥିଲେ ।

ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମିନହାନ୍ ଆଲାମ ମଧ ବକ୍ତବ୍ୟ ରଖିଥିଲେ । ଆସନ୍ତା ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀ ରେ ହେବାକୁ ଥିବା ୱାର୍ଲ୍ଡ ଫୁଡ୍ ଇଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ ।

ସମ୍ମାନିତ ଅତିଥି ଶିଳ୍ପ ଓ ଏମ୍ଏସ୍ଏମ୍ଇ ପ୍ରମୁଖ ସଚିବ ତଥା ଆଇଏଏସ୍ ହେମନ୍ତ ଶର୍ମା କହିଲେ ଖାଦ୍ୟ ଶିଳ୍ପ କଞ୍ଚାମାଲ କିମ୍ବା ଚାହିଦା ଭିତ୍ତିକ ଦ୍ୱାରା ପରିଚାଳିତା ପ୍ୟାକେଜ ଫୁଡ୍ ସହରରେ ଅଧିକ ଚାହିଦା ରହିଛି । ଓଡିଶାରେ ଏବେ ଉଭୟ କ୍ଷେତ୍ରରେ ବିକାଶ ଦେଖିବାକୁ ମିଳୁଛି । ଅନେକ ବଡ଼ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଓଡିଶାରେ ସେମାନଙ୍କର ୟୁନିଟ ଖୋଲିଲେଣି । ଅନେକ ଏମଏନସି ଫ୍ରାଞ୍ଚାଇଜ ମୋଡରେ ପ୍ରବେଶ କରିବାକୁ ଚାହୁଁଛନ୍ତି । ତେଣୁ ଓଡିଶାର ଉଦ୍ୟୋଗୀ ଏହାର ସୁଯୋଗ ନେଇପାରିବେ । ଖାଦ୍ୟ ପ୍ୟାକେଜିଂ ଶିଳ୍ପରେ ଭବିଷ୍ୟତ ରହିଛି । ଅଳ୍ପ ଟଙ୍କା ବିନିଯୋଗ କରି ଜଣେ ଉଦ୍ୟୋଗୀ ସ୍ଥାପନା କରିପାରିବ । ଅନ୍ୟ ଅତିଥି ଭାବେ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ତଥା ଆଇଏଏସ୍ ଡ. ପ୍ରଶାନ୍ତ କୁମାର ରେଡ୍ଡି ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଆଲୋଚନା କରିଥିଲେ । ଆଇସିସି ଓଡିଶା ରାଜ୍ୟ ପରିଷଦର ବରିଷ୍ଠ ଉପ ଅଧ୍ୟକ୍ଷ ରାଜୀବ ଏସ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଛୁଆ ବର୍ଗ ସମ୍ମାନ ସମ୍ମିଳନୀ

# ଗରିବ ଏବଂ ପଛୁଆ ବର୍ଗଙ୍କୁ ସଶକ୍ତ କରୁଛନ୍ତି ମୋଦି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ବିଗତ ୧୦ ବର୍ଷର କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରତ୍ନ ବାବାସାହେବ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ଆଦର୍ଶ ପଥରେ ଦଳିତ, ଗରିବ ଏବଂ ପଛୁଆ ବର୍ଗଙ୍କୁ ସଶକ୍ତ କରିବାର କାମ କରିଛନ୍ତି । ପଛୁଆ ବର୍ଗ ଆୟୋଗଙ୍କୁ ସାମ୍ବିଧାନିକ ମାନ୍ୟତା ଦେବାରେ ଐତିହାସିକ ନିର୍ଣ୍ଣୟ ନିଆଯାଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ହରିୟାଣାର ମହେନ୍ଦ୍ରଗଡ଼ରେ ସେଣ୍ଟ୍ରାଲ ୟୁନିଭର୍ସିଟି ପାଲି ଠାରେ ଆୟୋଜିତ ପଛୁଆ ବର୍ଗ ସମ୍ମାନ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଦେଶର ଗୃହମନ୍ତ୍ରୀ ଅମିତ ଶାହ ଓ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ଉପସ୍ଥିତିରେ ଓବିସି ସମାଜର ଲୋକମାନଙ୍କୁ ସମ୍ବୋଧନ କରି




କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ ଏବଂ ନିଟ୍ ପରୀକ୍ଷାରେ ୨୭ ପ୍ରତିଶତ ସଂରକ୍ଷଣ ଦେବାର କାମ ମୋଦୀ ସରକାରରେ ହୋଇଛି । ମୋଦିଜୀ ପଛୁଆ ବର୍ଗର କଲ୍ୟାଣ ଅଭୂତପୂର୍ବ ପ୍ରଚେଷ୍ଟା କରିଛନ୍ତି ।

ପଞ୍ଚାୟତ ଏବଂ ମ୍ୟୁନିସିପାଲ କର୍ପୋରେସନରେ ଗ୍ରୁପ 'ଏ' କର୍ମଚାରୀ ମାନଙ୍କୁ ୮ ପ୍ରତିଶତ ସଂରକ୍ଷଣ ସହ ଗ୍ରୁପ 'ବି'ରେ ମଧ୍ୟ ୫ ପ୍ରତିଶତ ଆରକ୍ଷଣ ଭଳି ବ୍ୟବସ୍ଥା କରାଯାଇଛି । ଚାକିରି କ୍ଷେତ୍ରରେ ଓବିସି ସଂରକ୍ଷଣରେ କ୍ରିମି ଲୟୋରର ସୀମାକୁ ୬ ଲକ୍ଷରୁ ବଢାଇ ୮ ଲକ୍ଷ କରିବା ନେଇ ମୁଖ୍ୟମନ୍ତ୍ରୀ ନାୟବ ସାଇନି ନିର୍ଣ୍ଣୟ ନେଇଛନ୍ତି । ଏହି ନିଷ୍ପତି ଦ୍ୱାରା ହରିୟାଣାର ଜନତାଙ୍କୁ ବହୁତ ବଡ଼ ଲାଭ ଭାଗ ମିଳିବ ।

ମୋଦିଜୀ ଏବଂ ମୁଖ୍ୟମନ୍ତ୍ରୀ ନାୟବ ସୈନୀଙ୍କ ଡବଲ ଇଞ୍ଜିନ ସରକାର ସାମାଜିକ ନ୍ୟାୟ ଏବଂ ହରିୟାଣାର ପଛୁଆ ବର୍ଗଙ୍କ ଉତ୍ଥାନ ପାଇଁ ପ୍ରତିବଦ୍ଧ । ଅନ୍ୟପକ୍ଷରେ କଂଗ୍ରେସ ଦଳ ସର୍ବଦା ପଛୁଆ ବର୍ଗଙ୍କ ଅଧିକାରକୁ ଛଡାଇବା ଏବଂ ସେମାନଙ୍କୁ ଅପମାନିତ କରିବାର କାମ କରିଛି । କଂଗ୍ରେସ ଏବଂ ରାହୁଲ ଗାନ୍ଧୀ କେବଳ ସଂରକ୍ଷଣ, ନ୍ୟାୟ ଏବଂ ସମ୍ବିଧାନର କଥା କୁହନ୍ତି, କିନ୍ତୁ ସେମାନଙ୍କ ଉଦ୍ଦେଶ୍ୟ କେବଳ ଏକ ନିର୍ଦ୍ଦିଷ୍ଟ ବର୍ଗଙ୍କ ତୁଷ୍ଟୀକରଣ ପାଇଁ । ବିଜେପି ସରକାର ହରିୟାଣାରେ ପଛୁଆ ବର୍ଗଙ୍କ ଅଧିକାର ଛଡାଇ ନେବାର ପ୍ରୟାସକୁ ସଫଳ କରିବା ପାଇଁ ଦେବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

### ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା

## ୧୦ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।

ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ହଷ୍ଟେଲ ଗୁଡ଼ିକରେ ପିଲା ମାନଙ୍କ ଖାଦ୍ୟର ମାନ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହାସହିତ



ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ଓ ସଚିବ ମାନେ ନିୟମିତ ଭାବେ ବିଦ୍ୟାଳୟ ଓ ହଷ୍ଟେଲ ଗୁଡିକ ପରିଦର୍ଶନ କରି ଏହାର ପରିଚାଳନା ପଦ୍ଧତି ଯାଞ୍ଚ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ ରାଜ୍ୟରେ ବିଭାଗ ଅଧିନରେ ଥିବା ୧୪ଟି ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିବା ପାଇଁ ଅନୁମତି ମିଳିଛି । ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ ଯେ ଚଳିତ ବର୍ଷ ଅତିକମରେ ୧୦ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବା ଆବଶ୍ୟକ । ଆଗକୁ ମଧ୍ୟ, ଡ୍ରପଆଉଟ ହାର କମାଇବା ପାଇଁ ଅଧିକ ଉଚ୍ଚ ବିଦ୍ୟାଳୟକୁ ଅପ୍ ଗ୍ରେଡେସନ କରାଇବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେହିପରି ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍କୁଲର ହଷ୍ଟେଲ ଗୁଡିକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି । ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ଏହା ବିଶେଷ ଭାବରେ କାର୍ଯ୍ୟକାରୀ ହେଉଛି । ତେବେ ଏହାର ହଷ୍ଟେଲ ଗୁଡିକର ଅବସ୍ଥା ଭଲ ନ ଥିବାରୁ ଏଗୁଡିକର ଉନ୍ନତିକରଣ କରାଯାଇ ନୂଆ ହଷ୍ଟେଲ ନିର୍ମାଣ କରାଯାଉଛି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୩୦୧ଟି ହଷ୍ଟେଲର ଉନ୍ନତିକରଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁ ଆଦିବାସୀ ଅଞ୍ଚଳ ଗୁଡିକରେ ଥିବା ହଷ୍ଟେଲ ଗୁଡିକର ଉନ୍ନତିକରଣର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଆବଶ୍ୟକତା ଅନୁଯାୟୀ କେତେକ ହଷ୍ଟେଲକୁ ୧୦୦ ଆସନ ବିଶିଷ୍ଟ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା ସଂପର୍କରେ ମଧ ଆଲୋଚନା କରାଯାଇଥିଲା । ଓଡିଶା ପାଇଁ ୧୧୪ଟି ସ୍କୁଲ ପାଇଁ ଅନୁମୋଦନ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୨ଟି ସ୍କୁଲ କାର୍ଯ୍ୟକାରୀ କରୁଛି ଏବଂ ଏ ବର୍ଷ ଆଉ ୧୫ଟି ସ୍କୁଲ ଖୋଲିବାର କାର୍ଯ୍ୟକ୍ରମ ରହିଛି । ବିଭିନ୍ନ ବିଦ୍ୟାଳୟ ପାଇଁ ଯାହାସବୁ ଅନୁମୋଦନ ଆବଶ୍ୟକ, ବିଶେଷ କରି ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏହି ସ୍କୁଲ ଗୁଡିକୁ ଶୀଘ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂପର୍କରେ ମଧ ଆଲୋଚନା ହୋଇଥିଲା । ପିଲାଙ୍କ ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଜଙ୍ଗଲ ଜମି ଅଧିକାର ଯୋଜନା, ଅନ୍ୱେଷା, ପି.ଏମ୍ ଜନମନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ।

ବୈଠକରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସଚିବ ଶ୍ରୀମତୀ ରୂପାରୋଷନ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଅସହାୟ ମୁରଲୀଧର ପରିବାରକୁ ସାହା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରାବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହାପୁର ଗ୍ରାମର ମୁରଲୀଧର ମହାକୁଡ ମୁମ୍ବାଇରେ ଶ୍ରମଜୀବୀ ଭାବେ କାର୍ଯ୍ୟ କରୁଥିଲେ । ଅସୁସ୍ଥତା ବଶତଃ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଲା । ମୁରଲୀଧରଙ୍କ ପରିବାର ଅତ୍ୟନ୍ତ ଗରିବ । ମୁମ୍ବାଇରୁ ମୁରଲୀଧରଙ୍କ ମର ଶରୀର ଆଣିବା ପାଇଁ ତାଙ୍କ ପରିବାର ପାଖରେ ସମ୍ବଳ ନ ଥିଲା । ମର ଶରୀରକୁ ତାଙ୍କ ଗ୍ରାମକୁ ଆଣି କ୍ରିୟାକର୍ମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ଜିଲ୍ଲା ପ୍ରଶାସନକୁ ଏହି ଅସହାୟ ପରିବାରକୁ ସହଯୋଗ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ମର ଶରୀର ଆମ୍ବୁଲାନ୍ସ ଯୋଗେ ଓଡିଶା ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ବୁଧବାର ମୁରଲୀଧରଙ୍କ ମର ଶରୀର ତାଙ୍କ ଗ୍ରାମରେ ପହଞ୍ଚିବ । ମଙ୍ଗଳବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ମୁରଲୀଧରଙ୍କ ପତ୍ନୀ ଓ ଯୁକ୍ତ ଦୁଇ ପଢୁଥିବା ଏକମାତ୍ର ଝିଅ ବର୍ଷାରାଣୀଙ୍କ ସହିତ ଟେଲିଫୋନ ଯୋଗେ କଥା ହୋଇ ସମବେଦନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମୁରଲୀଙ୍କ ପତ୍ନୀ ଓ ଝିଅଙ୍କୁ କହିଥିଲେ ଯେ ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ, ଧୈର୍ଯ୍ୟ ରଖନ୍ତୁ । ମୁଁ ଆପଣଙ୍କ ସହିତ ଅଛି । ଝିଅକୁ କହିଥିଲେ ତୁମେ ଭଲ ପାଠ ପଢୁଛ । ତୁମେ କିପରି ପାଠ ପଢା ଜାରି ରଖିବ ସେଥିପାଇଁ ମୋର ସହଯୋଗ ରହିବ । ତୁମେ ଭଲ ପାଠ ପଢି ସମାଜରେ ପ୍ରତିଷ୍ଠିତ ହୁଅ, ସେଥିପାଇଁ ମୋର ଆଶୀର୍ବାଦ ଅଛି । ମୁଖ୍ୟମନ୍ତ୍ରୀ ପରଲୋକଗତ ମୁରଲିଧରଙ୍କ ଅମର ଆତ୍ମାର ସଦ୍ ଗତି କାମନା କରିଥିଲେ । ଦୈନନ୍ଦିନ କାର୍ଯ୍ୟ ବ୍ୟସ୍ତତା ଭିତରେ ଜଣେସମ୍ବେଦନଶୀଳ ମଣିଷ ଭାବେ ମୁଖ୍ୟମନ୍ତ୍ରୀ ଯେଭଳି ଜଣେ ସାଧାରଣ ଲୋକର ଭାବାବେଗକୁ ଗୁରୁତ୍ୱ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ସେଥିପାଇଁ ମୁରଲୀଧରଙ୍କ ପରିବାର କୃତଜ୍ଞତା ପ୍ରକାଶ କରିଛନ୍ତି ।

## ବାହୁଡ଼ିଲେ ମହାବାହୁ

ଅସୁରାଳି, (ସବ୍ୟୁ): ଅସୁରାଳି ଅଂଚଳରେ ସୋମବାର ଦିନ ବାହୁଡା ଯାତ୍ରା ସମାପନ ହୋଇଯାଇଛି। ନବଦିନାତ୍ମକ ଯାତ୍ରାର ଶେଷଦିନ ପବିତ୍ର ବାହୁଡା ଅବସରରେ ସ୍ଥାନୀୟ ସମସ୍ତ ମାଉସୀ ମା ବାଡ଼ିରେ ଆଜି ସକାଳେ ପାରମ୍ପରିକ ରୀତି ଅନୁଯାୟୀ ଠାକୁରଙ୍କ ପୂଜାର୍ଚ୍ଚନା ସହ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉ ମାନଙ୍କୁ ପହଣ୍ଡିରେ ନିଆଯାଇ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁଙ୍କ ଗହଣରେ ରଥାରୂଢ କରାଯାଇଥିଲା। ପରେ ରଥକୁ ସମବେତ ପୁରୁଷ ଓ ମହିଳା ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଏଥିପାଇଁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟା ଠାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରଥଟଣା ହୋଇଥିବା ବେଳେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




### ଅଣସଂକ୍ରାମକ ରୋଗ ଉପରେ ଗୋଲଟେବୁଲ ଆଲୋଚନା

# ବିଜ୍ଞାନ ଓ ଗଣମାଧ୍ୟମକୁ ଏକାଠି କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ) : ରିଚ୍ (ରିସୋର୍ସ ଗ୍ରୁପ୍ ଫର୍ ଏଜୁକେସନ୍ ଆଣ୍ଡ ଆଡଭୋକେସି ଫର କମ୍ୟୁନିଟି ହେଲଥ) ପକ୍ଷରୁ ଭୁବନେଶ୍ୱରରେ ଅଣ ସଂକ୍ରାମକ ରୋଗ (ଏନସିଡି: ବିଜ୍ଞାନ ଓ ଗଣମାଧ୍ୟମକୁ ଏକାଠି କରିବା' ଶୀର୍ଷକ ଏକ ଗଣମାଧ୍ୟମ ଗୋଲଟେବୁଲ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ଏନସିଡିର ବଢୁଥିବା ବୋଝ ଏବଂ ଏହି ଜନସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା ।



ସ୍ୱାସ୍ଥ୍ୟସେବା ପେସାଦାର, ନୀତି ନିର୍ଦ୍ଧାରକ ଏବଂ ଗଣମାଧ୍ୟମ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏହି ରାଉଣ୍ଡଟେବୁଲ ସମ୍ମିଳନୀରେ ରିଚ୍ର ବରିଷ୍ଠ ଗଣମାଧ୍ୟମ ଏବଂ ଯୋଗାଯୋଗ ସହଯୋଗୀ ମୟଙ୍କ ମହାନ୍ତି ସ୍ୱାଗତ ଭାଷଣ ଦେଇ ଭାରତରେ ସ୍ୱାସ୍ଥ୍ୟ ଉପରେ ତୃଣମୂଳ ସ୍ତରର ରିପୋର୍ଟିଂକୁ ସୁଦୃଢ଼ କରିବା ପାଇଁ ଅଣଲାଭକାରୀ ସଂସ୍ଥାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ଅଣସଂକ୍ରାମକ ରୋଗର ବାସ୍ତବତାକୁ ସାମ୍ନାକୁ ଆଣି ଗଣମାଧ୍ୟମ କେବଳ ଜନସାଧାରଣଙ୍କୁ ସଚେତନ ଏବଂ ଅବଗତ କରେ ନାହିଁ ବରଂ ନୀତିଗତ ପରିବର୍ତ୍ତନ ଓ ସମ୍ବଳ ଆବଣ୍ଟନକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ତେଣୁ ଏହି ସମସ୍ୟାଗୁଡ଼ିକୁ ଆଲୋକପାତ କରିବା ପାଇଁ ସାମ୍ବାଦିକମାନେ ସଠିକ ଜ୍ଞାନ ଏବଂ ଉପକରଣ ସମ୍ପନ୍ନ ହେବା ଜରୁରୀ ।

ଭାରତରେ ଏନସିଡିକୁ ବୁଝିବା' ଶୀର୍ଷକ ପ୍ରଥମ ଅଧିବେଶନ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ବି ରବୀନ୍ଦ୍ରନ କହିଛନ୍ତି ଯେ, ମୂଳ କାରଣଗୁଡ଼ିକର ସମାଧାନ କରି ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଆମେ ଏହି ରୋଗଗୁଡ଼ିକର ବୋଝକୁ ଯଥେଷ୍ଟ ହ୍ରାସ କରିପାରିବା ଏବଂ ଅଗଣିତ ବ୍ୟକ୍ତିଙ୍କ ଜୀବନର ଗୁଣବତାରେ ଉନ୍ନତି ଆଣିପାରିବା ।

ଏହି ଅଧିବେଶନରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ବରିଷ୍ଠ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ସ୍ୱୀକୃତି ଜେନା ଓ ଶ୍ରୀ ଶଙ୍କର କର୍କଟ କେନ୍ଦ୍ରର ବରିଷ୍ଠ ପେଡିଆଟ୍ରିକ ଅଙ୍କୋଲୋଜିଷ୍ଟ ଡାକ୍ତର ନିର୍ମାଲ୍ୟ ଦେଓ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ । ରୋଗୀଙ୍କ ଫଳାଫଳରେ ଉନ୍ନତି ଆଣିବା ପାଇଁ ସ୍ୱାସ୍ଥ୍ୟସେବାରେ ପ୍ରାରମ୍ଭିକ ଚିହ୍ନଟ, ଜୀବନଶୈଳୀ ସଂଶୋଧନ ଏବଂ ଟେକ୍ନୋଲୋଜି ଏକୀକରଣର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ । ପ୍ରତିରୋଧ, ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରଭାବଶାଳୀ ପରିଚାଳନା ଉପରେ ଧ୍ୟାନ ଦେଇ ଆମେ ଅଣସଂକ୍ରାମକ ରୋଗର ବୋଝକୁ ଯଥେଷ୍ଟ ହ୍ରାସ କରିପାରିବା । ଆମ ସମ୍ପ୍ରଦାୟର ଏକ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବା ପାଇଁ ଡାକ୍ତରୀ ବୃତ୍ତିଜୀବୀ ଏବଂ ଜନସ୍ୱାସ୍ଥ୍ୟ ପଦକ୍ଷେପ ମଧ୍ୟରେ ମିଳିତ ପ୍ରୟାସ ଜରୁରୀ ବୋଲି ଡାକ୍ତର ଜେନା ମତ ବ୍ୟକ୍ତ କରିଥିଲେ।

ସ୍ୱାସ୍ଥ୍ୟସେବାରେ ବାସ୍ତବତା ବର୍ଣ୍ଣନା ଶୀର୍ଷକ ଦ୍ୱିତୀୟ ଅଧିବେଶନର ନେତୃତ୍ୱ ନେଇଥିଲେ ପ୍ରସିଦ୍ଧ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲଥ ଡା. ଅମ୍ବରୀଶ ଦତ୍ତ । ଏହି ଅଧିବେଶନ ପରେ ଏନସିଡି ସହ ରହୁଥିବା ସୁଭଶ୍ରୀ ଦାଶ ଶକ୍ତିଶାଳୀ ଅଭିଜ୍ଞତା ବାଂଟିଥିଲେ ।

ଏନସିଡି ପାଇଁ ଯୋଗାଯୋଗ ପ୍ରଭାବଶାଳୀ: ମେସେଜିଂ ଶୀର୍ଷକ ଅନ୍ତିମ ଅଧିବେଶନରେ ବରିଷ୍ଠ ସ୍ୱାଧୀନ ସାମ୍ବାଦିକା ନିବେଦିତା ପଟ୍ଟନାୟକ ଏନସିଡି ସମ୍ବନ୍ଧୀୟ ଜନସାଧାରଣଙ୍କ ଧାରଣା ଏବଂ ନୀତି ଗଠନରେ ଗଣମାଧ୍ୟମର ଭୂମିକା ବିଷୟରେ ଦର୍ଶକମାନଙ୍କୁ ଅବଗତ କରାଇଥିଲେ । ତଥ୍ୟ ଭିତ୍ତିକ ଏବଂ ବିଶ୍ଳେଷଣ ଭିତ୍ତିକ ଗଭୀର ତଥ୍ୟ ପ୍ରଦାନ କରି ସାମ୍ବାଦିକମାନେ ସଚେତନତା ସୃଷ୍ଟି କରିପାରିବେ, ନୀତିକୁ ପ୍ରଭାବିତ କରିପାରିବେ ବୋଲି ସେ କହିଥିଲେ ।

# କିମ୍ସରେ ମାଗଣା ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର ଅଗଷ୍ଟରୁ




ଭୁବନେଶ୍ୱର, (ସବ୍ୟୁ) : କଳିଙ୍ଗ ଇନଷ୍ଟିଚୁଟ ଅଫ ମେଡ଼ିକାଲ ସାଇନସେସ (କିମସ)ରେ ଆସନ୍ତା ଅଗଷ୍ଟ ମାସରୁ ମାଗଣା ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର କରାଯିବ । ସ୍ମାଇଲ ଫାଉଣ୍ଡେସନ ସହଯୋଗରେ କିମସରେ ଏହି ସେବା ଯୋଗାଇ ଦିଆଯିବାକୁ ଥିବା ବେଳେ ସମାଜର ସବୁବର୍ଗ ଏହାର ସୁବିଧା ନେଇପାରିବେ ।

କିମସରେ ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସ ପାଳନ ଅବସରରେ ସୋମବାର କିମସ ମେଡ଼ିକାଲ କଲେଜ ଅଧକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମସ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଆର.ସି.ଦାସ, କିମସ ପରାମର୍ଶଦାତା ଡା. ଆର.ଏନ ସାମନ୍ତ ଏବଂ ଡ଼ା.ପି.କେ ପଟ୍ଟନାୟକଙ୍କ ଉପସ୍ଥିତିରେ କିମସ ପକ୍ଷରୁ ଏହି ଘୋଷଣା କରାଯାଇଛି । କିମସ ପ୍ଲାଷ୍ଟିକ ଏବଂ ରିକନଷ୍ଟ୍ରକଟିଭ ସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡ଼ା. ସୁନୀଲ କୁମାର ରାଉତ ସୂଚନା ପ୍ରଦାନ କରି କହିଥିଲେ ଏନେଇ ଗତବର୍ଷ କିମସ ଓ ସ୍ମାଇଲ ଫାଉଣ୍ଡେସନ ମଧରେ ଏକ ବୁଝାମଣା ସ୍ୱାକ୍ଷର ହୋଇଥିଲା । ସମସ୍ତଙ୍କ ପାଇଁ ଏହି ସେବା ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରି ପ୍ଲାଷ୍ଟିକ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ଼ା. ସମୀର କୁମାର ପଟେଲ କହିଲେ, ସମଗ୍ର ବିଶ୍ୱରେ ହାରାହାରି ୭ଶହ ଲୋକଙ୍କ ମଧ୍ୟରୁ ଜଣେ ଜନ୍ମରୁ ଗ୍ରହଣଖଣ୍ଡିଆ । ଏହାର ମାଗଣା ଚିକିତ୍ସାର ଉପକାରିତା ଉପରେ ଆଲୋକପାତ କରି ବିଭାଗୀୟ ପରାମର୍ଶଦାତା ଡ଼ା. ବଂଶୀଧର ମୂଳିଆ କହିଥିଲେ ଏହା ପ୍ରଭାବିତ ଲୋକଙ୍କ ଜୀବନ ମାନରେ ଉଲ୍ଲେଖନୀୟ ସୁଧାର ଆଣିପାରିବ ।

ଆସନ୍ତା ବର୍ଷ ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସରୁ କିମସରେ ନୂତନ ବର୍ନ ୟୁନିଟ କାର୍ଯ୍ୟ କରିବ ବୋଲି ଏହି ଅବସରରେ ଡ଼ା. ପଟ୍ଟନାୟକ ଘୋଷଣା କରିଥିଲେ ।

# ମୂଲ୍ୟବୋଧ ଭିତ୍ତିକ ରାଜନୀତିର ପ୍ରତୀକ ଥିଲେ ସୁରେନ୍ଦ୍ରନାଥ ନାୟକ : ରାଜ୍ୟପାଳ



ଭୁବନେଶ୍ୱର, (ସବ୍ୟୁ) ମୂଲ୍ୟବୋଧଭିତ୍ତିକ ରାଜନୀତିର ପ୍ରତୀକ ଥିଲେ ସୁରେନ୍ଦ୍ରନାଥ ନାୟକ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ମଙ୍ଗଳବାର ଦିନ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୀର ଜାହାନିଆଁସ୍ଥ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ବର୍ଷୀଆନ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି ।

ଦିବଙ୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରିଥିଲେ ଏବଂ ପରିବାର, ଆତ୍ମୀୟସ୍ୱଜନ ତଥା ଅନୁଗାମୀମାନଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ସୁରେନ୍ଦ୍ରନାଥ ନାୟକଙ୍କ ପରି ରାଜନେତା ବିରଳ । ଜୀବନ ତମାମ ଗରୀବ, ଶୋଷିତ ଏବଂ ପୀଡ଼ିତ ଲୋକଙ୍କର ସ୍ୱର ସାଜି ସେମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଥିଲେ । ୧୯୬୦ ମସିହାରୁ ଅସ୍ତରଙ୍ଗ ପଂଚାୟତ ସମିତିର ଅଧକ୍ଷ ଭାବେ ରାଜନୈତିକ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ବହୁବାର ବିଧାୟକ ଏବଂ ମନ୍ତ୍ରୀ ହୋଇ ରାଜ୍ୟର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ।

ନିଜ ଜୀବନକାଳ ଭିତରେ ସବୁବେଳେ ଲୋକଙ୍କ ସହ ଜଡ଼ିତ ହୋଇ ରହିବା ତାଙ୍କର ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା । ସ୍ୱର୍ଗତ ନାୟକ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ଅବଦାନ ଆଗମୀ ପୀଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତାଙ୍କର ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କଲେ ବିକଶିତ ରାଜ୍ୟ ଓ ବିକଶିତ ରାଷ୍ଟ୍ର ଗଠନ ତ୍ୱରାନ୍ୱିତ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ ।

# ଭାରତ ବିକାଶ ପରିଷଦ ପକ୍ଷରୁ ବନମହୋତ୍ସବ, ମାଆ ପାଇଁ ଗଛଟିଏ



କଟକ, (ସ୍ୱପ୍ର) : କଟକ ମହାନଗର ନିଗମ ପକ୍ଷରୁ ପରିବେଶ ସନ୍ତୁଳନ କରିବା ଲକ୍ଷ୍ୟରେ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଉଛି । ଭାରତବିକାଶ ପରିଷଦ ବାରବାଟୀ ଶାଖା ୱାଇଏମ୍‌ସିଏ ପକ୍ଷରୁ ଭଗତପୁର କାର୍ଯ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ମାଆ ପାଇଁ ଗଛ ଟିଏ ଅନୁଷ୍ଠିତ ହୋଇଯାଇଛି । ପରିବେଶର ସୁରକ୍ଷା ଓ ମାନବ ସମାଜର କଲ୍ୟାଣ ପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାରର ବ୍ୟାପକ ବୃକ୍ଷ ରୋପଣ କରାଯାଇଥିଲା । ଅନୁଷ୍ଠାନର ସଭାପତି ରୋଟାରିଆନ୍ ଆଲୋକ କୁମାର ସାହୁଙ୍କ ପକ୍ଷରୁ ଆହୁତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ଦେବେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଡଃ ବିଦ୍ୟୁତ୍ କୁମାର ଲାଲା, ମହେଶ୍ୱର ସ୍ୱାଇଁ, ମୀନତି ସାହୁ, ରାଜଲକ୍ଷ୍ମୀ ପାତ୍ର, ଲିଲି ମହାପାତ୍ର, ଗୀତାଶ୍ରୀ ଦାସ, ପୂର୍ଣ୍ଣବାସୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ ।

## ବିଜେଡ଼ିରୁ ଇସ୍ତଫା ଦେଲେ ବିଜୟ ବଳ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କଟକ ଜିଲ୍ଲାର ପୂର୍ବତନ ସାଧାରଣ ସମ୍ପାଦକ ବିଜୟ କୁମାର ବଳ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଦୀର୍ଘ ଦିନ ହେବ ଦଳରେ ରହି କାମ କରୁଥିଲେ ମଧ ବିଭିନ୍ନ ସମୟରେ ତାଙ୍କୁ ଦଳ ପକ୍ଷରୁ ଅଣଦେଖା କରାଯାଉଥିବାରୁ ସେ ନିରୁତ୍ସାହ ହୋଇ ପଡ଼ିଥିଲେ । ଗତ ୨୦୨୨ ଫେବୃୟାରୀ ମାସ ଠାରୁ ତାଙ୍କୁ ଦଳ ପକ୍ଷରୁ ସାଧାରଣ ସମ୍ପାଦକ ପଦବୀରୁ ନିଲମ୍ବିତ କରାଯାଇଥିଲେ ମଧ ଅଦ୍ୟାବଧି ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ସେ ଆଉ ଦଳରେ ରହିବା ପାଇଁ ଉପଯୁକ୍ତ ମଣିଲେ ନାହିଁ । ତେଣୁ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଏ ସଂକ୍ରାନ୍ତରେ ଏକ ଇସ୍ତଫା ପତ୍ର କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ଦେବାଶିଷ ସାମନ୍ତରାୟଙ୍କ ନିକଟକୁ ପଠାଇଥିବା ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ଟ୍ରିମ୍‌ସରେ ଗୁଣାତ୍ମକ ଶିକ୍ଷା ଓ ଗବେଷଣା ଉପରେ ଆଲୋଚନାଚକ୍ର




କଟକ, (ସ୍ୱପ୍ର): ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିରେ ଗୁଣାତ୍ମକ ଶିକ୍ଷା ଓ ଗବେଷଣା ଉପରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଇଣ୍ଟରନାଲ କ୍ୱାଲିଟି ଆସ୍ୟୁରାନ୍ସ ସେଲ (ଆଇକ୍ୟୁଏସି) ପକ୍ଷରୁ ଆୟୋଜିତ ଏକ ଦିବସୀୟ କାର୍ଯ୍ୟକ୍ରମକୁ ଅଭାସୀରେ ଉଦଘାଟନ କରି ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭିତ୍ତିକ ଆଲୋଚନାଚକ୍ର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକଙ୍କ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି କହିଥିଲେ। ରାଉରକେଲା ସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲୋଜି (ଏନ୍‌ଆଇଟି)ର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ. ସୁବ୍ରତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ଉତ୍କୃଷ୍ଟ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଗବେଷଣାରେ ଉପଯୁକ୍ତ ମାର୍ଗଦର୍ଶନ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏକାଡେମିକ୍ ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଡିନ୍ ଡ. ନୟନ ରଂଜନ ସାମଲ, ବିଭିନ୍ନ ଉଇଙ୍ଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ମେକାନିକାଲ ଇଜିନିୟରିଂ ବିଭାଗର ମୁଖ୍ୟ ଡ. ଦୀପକ ରଂଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଏସ୍‌ଓ ବୈକୁଣ୍ଠ ନାଥ ପ୍ରଧାନଙ୍କୁ ମାଡ଼ ପ୍ରସଙ୍ଗ

# ରାଜଭବନ ସମ୍ମୁଖରେ ଧାରଣା ଦେଲେ ପ୍ରଦେଶ ଛାତ୍ର କଂଗ୍ରେସ ଓ ପ୍ରଦେଶ ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରିତ ପାତ୍ରଙ୍କ ନେତୃତ୍ୱରେ ମାନ୍ୟବର ରାଜ୍ୟପାଳଙ୍କ ପୁଅ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏଏସ୍‌ଓ ବୈକୁଣ୍ଠ ନାଥ ପ୍ରଧାନଙ୍କୁ ନ୍ୟାୟ ଦାବିରେ ରାଜଭବନ ସମ୍ମୁଖରେ ଦିନ ୧୦ ଘଟିକା ଠାରୁ ଦିନ ୩ ଘଟିକା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା ।ଧାରଣା ଶେଷର ନିଜ କର୍ତବ୍ୟ ପାଳନ କରିବାରେ ଅସମର୍ଥ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳୀକା ଦାହ କରାଯାଇଥିଲା ।ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ରାଜ୍ୟପାଳଙ୍କ ପୁଅଙ୍କର ସବୁଦୋଷକୁ ମାଫ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଷଡ଼ଯନ୍ତ୍ର କରୁଛନ୍ତି ।

ଏ ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ ଗୋଟିଏ ଏବଂ କ୍ଷମତାଶାଳୀ ଲୋକଙ୍କ ପାଇଁ ଆଉ ଗୋଟିଏ ଆଇନ ରହିଛି ।କାରଣ କର୍ତବ୍ୟରତ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିବାର ଗୋଟିଏ ସପ୍ତାହ ପରେ ମଧ ରାଜ୍ୟପାଳଙ୍କ ପୁଅ ଲଳିତ କୁମାର ଓ ତାଙ୍କର ୫ ଜଣ ଝାଡ଼ଖଣ୍ଡ ସହଯୋଗୀଙ୍କୁ ପୁଲିସ୍ ଗିରଫ କରିପାରିଲା ନାହିଁ ।ରାଜ୍ୟପାଳଙ୍କ ପୁଅ ବୈକୁଣ୍ଠନାଥଙ୍କୁ ତାଙ୍କ ଚପଲ ଚାଟିବାକୁ କହିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଅସହ୍ୟ କଥା ।ସଚିବାଳୟର ସରକାରୀ କର୍ମଚାରୀ ସଂଗଠନମାନେ କେବଳ ଚିଠି ନ ଲେଖି ନିଜର ଜଣେ ନୀରିହ ସହଯୋଗୀଙ୍କ ପ୍ରତି ହୋଇଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତୋଳନ କରନ୍ତୁ ।

ପ୍ରଦେଶ ଯୁବ କଂଗ୍ରେସ ସଭାପତି ରିତ ପାତ୍ର କହିଥିଲେ ଯେ ଯେଉଁମାନେ ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର କଥା କହି ଘଂଟ ପିଟୁଥିଲେ, ଚିତ୍କାର କରୁଥିଲେ ଆଜି ସେମାନେ ଜଣେ ଅସହାୟ ଓଡ଼ିଆ ପାଇଁ ସ୍ୱର ଉତୋଳନ କରିବା ଦୁର୍ଭାଗ୍ୟଜନକ ।ରାଜ୍ୟପାଳଙ୍କ ପ୍ରମୁଖ ସଚୀବ ଅଭିଯୋଗ ପ୍ରାପ୍ତ ହେଲା ପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ଘଂଟ ଘୋଡାଇବା କାମରେ ବ୍ୟସ୍ତ ରହିଛନ୍ତି ।ଶ୍ରୀ ପାତ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଗୃହ ବିଭାଗ ସରକାରୀ ଚାକିରୀଆଙ୍କୁ ନ୍ୟାୟ ଦେବାରେ ଅସମର୍ଥ ।ଏବେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟପାଳଙ୍କର ଜଣେ ବଚସ୍କର ଭାବରେ କାମ କରୁଛନ୍ତି ବୋଲି ଜଣାପଡୁଛି ।ମାତ୍ର ବୈକୁଣ୍ଠନାଥ ପ୍ରଧାନ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏବଂ ରାଜ୍ୟପାଳଙ୍କ ପୁଅ ଗିରଫ ନ ହେବା ପର୍ଯ୍ୟନ୍ତ ଛାତ୍ର ଓ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଧାୟକ ତାରାପ୍ରସାଦ ବାହିନପତି କହିଥିଲେ ଯେ, ସରକାର ଓଡ଼ିଶାର ଆଇନ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛନ୍ତି ।ରାଜ୍ୟପାଳଙ୍କ ପୁଅ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ ।ଓଡ଼ିଆ ଜାତି ଓ ଓଡ଼ିଆ ଅସ୍ମିତାର କଥା କହୁଥିବା ସୌଦାଗରମାନେ ଏବେ ନିରବ ରହିଛନ୍ତି କଣ ପାଇଁ। ଜଣେ ଅସହାୟ ଓଡ଼ିଆକୁ ନ୍ୟାୟ ଦେବାରେ ମୁଖମନ୍ତ୍ରୀ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହପୂର୍ଣ୍ଣ ରହିଛି । ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ଆନ୍ଦୋଳନ ରାଜ୍ୟପାଳଙ୍କ ପୁଅ ଦଣ୍ଡ ନ ପାଇବା ପର୍ଯ୍ୟନ୍ତ ଚାଲୁ ରହିବ ।



# ଜଳଶକ୍ତି ମନ୍ତ୍ରୀଙ୍କ ସହ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ) : ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟରେ ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ସହ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ସହ ପାନୀୟ ଜଳ ସମସ୍ୟାକୁ ଦୂର କରିବା ଉପରେ ଆଲୋଚନା କରିଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ସୁଶାସନ ମଡେଲ୍ ମାଧ୍ୟମରେ କାର୍ଯ୍ୟ କରିବା ସହ ଜଳ ଜୀବନ ମିଶନ ଏବଂ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନକୁ ତ୍ୱରାନ୍ୱିତ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି । ବୈଠକରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଫେସର ପ୍ରତାପ କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ତାଙ୍କ ରଚିତ ପ୍ରତିଜ୍ଞା ଓ ଅନ୍ୟାନ୍ୟ ଗଳ୍ପ ପୁସ୍ତକ ଉନ୍ମୋଚିତ

କଟକ, (ସବ୍ୟୁ): ପୁଣ୍ୟଭୂମି ପକ୍ଷରୁ ବିଶିଷ୍ଟ ଉଦ୍ଭିଦବିଜ୍ଞାନୀ, ଷ୍ଟୁଆର୍ଟ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ, କବି ପ୍ରତାପ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଓ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ତାଙ୍କ ଲିଖିତ ଶେଷ ଗଳ୍ପପୁସ୍ତକ 'ପ୍ରତିଜ୍ଞା ଓ ଅନ୍ୟାନ୍ୟ ଗଳ୍ପ'ର ଉନ୍ମୋଚନ ଉତ୍ସବ କଟକ ଦେଉଳସାହିସ୍ଥିତ ସାଇ ମନ୍ଦିର ନିକଟ ତାଙ୍କ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି ।

ସାହିତ୍ୟିକ ନାଟ୍ୟକାର ସଂଜ୍ଞି କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ବିଶିଷ୍ଟ ଲେଖକ ଇଂ. ରଘୁନାଥ ପ୍ରସାଦ ଦାସ ପୁସ୍ତକଟିକୁ ଉନ୍ମୋଚନ କରି କହିଲେ, କରୋନାର ଭୟାବହତା ବିଶ୍ୱ କିପରି ଦାରୁଣ ବିପଦରେ ସମ୍ମୁଖୀନ ହୋଇ ଜନଜୀବନ ଦୁର୍ବିସହ ହୋଇପଡ଼ିଥିଲା, ତାହାର ନିଚ୍ଛକ ପ୍ରତିଛବି 'ପ୍ରତିଜ୍ଞା ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକରେ ପ୍ରତୀୟମାନ ହୁଏ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ଶ୍ରୀକାନ୍ତ ମହାନ୍ତି, କବି ପ୍ରମୋଦା ଦାସ, ହିମାଂଶୁବାଳା ମହାନ୍ତି, ପ୍ରଦୀପ୍ତ କିଶୋର ମହାନ୍ତି, ନମିତା ମହାନ୍ତି, ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ଶ୍ରୀମତୀ ସୁପ୍ରଭା ପଟ୍ଟନାୟକ, ଡାକ୍ତର ସମରେଶ ମହାନ୍ତି ଯୋଗଦେଇ ସାଂପ୍ରତିକ ସମାଜରେ ମାନବିକ କରୁଣା ଓ ସହାନୁଭୂତିର ନିଚ୍ଛକ ଚିତ୍ର ପ୍ରଫେସର ମହାନ୍ତିଙ୍କ ପୁସ୍ତକରେ ଦେଖିବାକୁ ମିଳେ ବୋଲି କହିଥିଲେଛ ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ, ନାରୀମାନଙ୍କ ଅଧିକାର ଓ ସହାନୁଭୂତିକୁ ଡକ୍ଟର ମହାନ୍ତି ତାଙ୍କ ଗଳ୍ପଗୁଡ଼ିକରେ ସୁନ୍ଦରଭାବରେ ଉପସ୍ଥାପନ କରିଛନ୍ତି । ଜଣେ ସଫଳ ଉଦ୍ଭିଦବିଜ୍ଞାନୀ, କବି, କଥାକାର ଓ ଶିକ୍ଷାବିତ ଭାବରେ ତାଙ୍କର ବିଶେଷ ପରିଚୟ ଥିଲା ।

# ରାସ୍ତା ଦୁର୍ଘଟଣାରେ ଡାକ୍ତର ଆହତ

ପାଣିକୋଇଲି,୧୬।୭: ପାଣିକୋଇଲି ଥାନା ଅନ୍ତର୍ଗତ କୋରେଇ ରାସ୍ତାର ଓଟିନ୍ଦାଛକ ନିକଟରେ ଭାରସାମ୍ୟ ହରାଇ ଜଣେ ଡାକ୍ତର ବାଇକରୁ ପଡି ଆହତ ହୋଇଛନ୍ତି । ପ୍ରକାଶଯେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସନ୍ତୋଷ କୁମାର ପୃଷ୍ଟି ପାଣିକୋଇଲିରୁ କାମ ସାରି ଏକ ବ୍ୟାଟେରୀ ଚାଳିତ ସ୍କୁଟି ଯୋଗେ ଆଜି ମଧ୍ୟାହ୍ନରେ କୋରେଇ ଫେରୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଆହତ ହୋଇଥିଲେ ।

ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି କୋଇେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପାଣିକୋଇଲି ଥାନାକୁ ଖବର ପଠାଇଥିଲେ । ଘଟଣାସ୍ଥଳେ ପୁଲିସ ଓ କୋରେଇ ସ୍ୱାସ୍ଥ୍ୟ କେନ୍ଦ୍ରର ଲୋକମାନେ ପହଂଚି ଏକ କାର ଯୋଗେ ତାଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ।

## ଲାୟନସ୍ କ୍ଲବ ଅଫ ମର୍କତ ନଗର ପକ୍ଷରୁ ବୃକ୍ଷରୋପଣ

କଟକ, (ସବ୍ୟ) : ଲାୟନସ୍ କ୍ଲବ ଅଫ୍ ମର୍କତ ନଗର ପକ୍ଷରୁ ବିଡ଼ାନାସୀ ସ୍ଥିତ ମମତା ହୋମ ଠାରେ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଲାୟନସ୍ କ୍ଲବ ଅଫ ମର୍କତ ନଗର ସଭାନେତ୍ରୀ ରୀତା ବାଗେଡ଼ିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ପାଦିକା ଇତିଶ୍ରୀ ସନ୍ଥୁକା କୋଷାଧକ୍ଷ ଚଂଚଳ ଉଦୟପୁରିଆଙ୍କ ସହ ରଜନୀ କାଜେରିଆ , ପାର୍ବତୀ ଚାକ, ଶର୍ମିଳି ଶର୍ମା, ରୀତା ସନ୍ଥୁକା, ପିଙ୍କୀ ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ, ଦୀପକ କାଜେରିଆ, ସଞ୍ଜୟ ସନ୍ଥୁକା, ପପୁ ଶର୍ମା , ରମଣ ବାଗେଡ଼ିଆ , ମନୋଜ ଉଦୟପୁରିଆ, ରାଜୁ ଅଗ୍ରୱାଲଙ୍କ ସହ ସମସ୍ତ କର୍ମକର୍ତା ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ମମତା ହୋମରେ ଥିବା ପିଲାମାନଙ୍କୁ ବିସ୍କୁଟ , ଚୁଡ଼ା ଓ ଫୁଟି ଲାୟନସ୍ କ୍ଲବ ଅଫ ମର୍କତ ନଗର ପକ୍ଷରୁ ପ୍ରଦାନ କରାଯାଇଥିଲା ।

## ଏସ୍‌ସିବି ମେଡ଼ିକାଲର ସିଟି ସ୍କାନ ମେସିନ ଅଚଳ

# ମରାମତି ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା



କଟକ, (ସବ୍ୟୁ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲକୁ ଦିନକୁ ହଜାର ସଂଖ୍ୟାରେ ରୋଗୀ ଆଶୁ ଆରୋଗ୍ୟ ହେବା ନିମନ୍ତେ ଆସୁଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ରୋଗୀ ସେବାରେ ଅହେତୁକ ଅବହେଳା ପରିଲକ୍ଷିତ ହେଉଛି । ଦୀର୍ଘ ୧୫ଦିନରୁ ଉର୍ଦ୍ଧ୍ୱ ହେବ ସିଟି ସ୍କାନ ମେସିନ ବନ୍ଦ ହୋଇଯାଇଥିବା ଯୋଗୁଁ ରୋଗୀ ଓ ତାଙ୍କ ଆତ୍ମୀୟ ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସୁଭାଷ ସଂଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏସସିବି ମେଡିକାଲର ରଞ୍ଜନରଶ୍ମି ବିଭାଗ ସମ୍ମୁଖରେ ସିଟି ସ୍କାନ ମେସିନର ତୁରନ୍ତ ମରାମତି ଦାବିରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କାର ଅନୁଦାନ ମେଡ଼ିକାଲକୁ ଆସୁଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ କାହିଁକି ରୋଗୀଙ୍କ ସେବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନ କୌଶଳର ଆନୁସଙ୍ଗିକ ବ୍ୟବସ୍ଥା କରୁନାହାଁନ୍ତି । ଆଗାମୀ ଦିନରେ ଯେମିତି ଏସସିବି ମେଡିକାଲର ଭିତ୍ତିଭୂମି ନିର୍ମାଣରେ ଯେତେ ଗୁରୁତ୍ୱ ଦିଆଯାଉଛି ।

ସେହିଭଳି ମେଡିକାଲ ଯନ୍ତ୍ରପାତି ବଢେଇବା ପାଇଁ ସରକାର ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ସଂଗଠନ ପକ୍ଷରୁ ନିବେଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୁଭାଷ ସଂଗଠନର ସଦସ୍ୟ ସୁରେଶ ମହାନ୍ତି, ବାପୁଜୀ କର, ଜ୍ଞାନ ରଞ୍ଜନ ଦାସ, ରାକେଶ ବସ୍ତିଆ, ହାଡିବନ୍ଧୁ ସାହୁ, ମଣ୍ଟୁ ସାହୁ, ସଞ୍ଜିବ ଶୁକ୍ଳ, ଅଭିଜିତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସହିଦ୍ ଯବାନ ନୀଳମଣିଙ୍କ ଶେଷକୃତ୍ୟ ସମ୍ପନ୍ନ



ଚୌଦ୍ୱାର, (ସବ୍ୟୁ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ହରିଅନ୍ତା ପଂଚାୟତ ଦେଉଳଚୁଆ ଗ୍ରାମର ନୀଳମଣି ନାୟକ ୧୯୯୨ ମସିହା ସ୍ଥଳସେନା ବିଭାଗରେ ଯୋଗଦେଇ ର୍ବମାନ ମେଜର ସୁବେଦାର ଭାବେ ପଞ୍ଜାବରେ କାର୍ଯ୍ୟ କରିଆସୁଥିଲେ । ଗତ ୧୫ଦିନ ତଳେ ଶ୍ରୀ ନାୟକ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ପଞ୍ଜାବର ଚଣ୍ଡୀଗଡ଼ରେ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା । ଶ୍ରୀ ନାୟକଙ୍କର ଚାକିରିରୁ ଅବସର ସମୟ ଆଉ ମାତ୍ର ୨ବର୍ଷ ଥିବା ବେଳେ ତାଙ୍କର ଏହି ଅକାଳ ବିୟୋଗର ଖବର ପ୍ରଚାରିତ ହେବା ପରେ ସାରା ଟାଙ୍ଗୀ-ଚୌଦ୍ୱାର ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ଶ୍ରୀ ନାୟକ ସେନାବାହିନୀରେ ପ୍ରଥମେ ସେ ଜଣେ କିରାଣୀ ଭାବେ ଯୋଗ ଦେଇଥିବା ବେଳେ ନିଜ ପଦ ପର୍ଯ୍ୟାଦା ବଜାୟ ରଖି ସେନାବାହିନୀରେ ଅତି ଉଚ୍ଚକୋଟୀର କାର୍ଯ୍ୟ ପାଇଁ ଖୁବ୍ କମ୍ ଦିନରେ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ତାଙ୍କୁ ମେଜର ସୁବେଦାର ଭାବେ ପଦୋନ୍ନତି କରାଯାଇଥିଲା । କେବଳ ସେନାବାହିନୀରେ କାହିଁକି ସେ ନିଜର ଗ୍ରାମରେ ଜଣେ ସୁସଙ୍ଗଠକ ଓ ପରୋପକାରୀ ଭାବେ ପରିଚିତ ଥିବା ବେଳେ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ ରଖିଆସୁଥିଲେ । ସୋମବାର ତାଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରଖାଯାଇ ମଙ୍ଗଳବାର ସେନାବାହିନୀର ଦୁଇଟି ଗାଡ଼ିରେ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି ଦେଉଳଚୁଆ ଗ୍ରାମକୁ ଆଣିବା ବାଟରେ ସ୍ଥାନୀୟ ମଙ୍ଗୁଳି ଛକ ନିକଟରେ ହଜାର ହଜାର ସଂଖ୍ୟାରେ ଅଂଚଳବାସୀ ଜାତୀୟପତାକା ଧରି ନୀଳମଣି ଅମର ରହେ ନାରାରେ ସ୍ୱାଗତ କରିଥିଲେ ।

ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମକୁ ଅଣାଯିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ନୀଳମଣିଙ୍କ ବାପା ଓ ମାଆଙ୍କର କିଛି ବର୍ଷ ପୂର୍ବରୁ ଦେହାନ୍ତ ହୋଇଯାଇଥିବା ବେଳେ ବେଳେ ଘରର ମୁରବୀ ଭାବେ ତାଙ୍କର ବଡ଼ଭାଇ, ନୀଳମଣିଙ୍କର ସହଧର୍ମିଣୀ ହରପ୍ରିୟା ଓ ଝିଅ ଉପସ୍ଥିତ ଥିବା ବେଳେ ତାଙ୍କର ଏକମାତ୍ର ପୁଅ ମୁଖାଗ୍ନି ଦେଇଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ଟାଙ୍ଗୀ-ସାଲେପୁର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଶାଳଗାଁ ସରପଂଚ ପବିତ୍ର ମୋହନ ଉପାଧ୍ୟାୟ, ହରିଅନ୍ତା ପଂଚାୟତ ସଭାପତି ନରେନ୍ଦ୍ର କୁମାର ରାଉତରାୟ ପ୍ରମୁଖ ସୁବେଦାର ମେଜର ନୀଳମଣି ନାୟକଙ୍କ ଘରେ ପହଂଚି ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡାଯାତ୍ରା : ୩ ଲକ୍ଷ ଭକ୍ତଙ୍କ ସମାଗମରେ ଗଡିଲା ତିନି ରଥ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ବାହୁଡାଯାତ୍ରାର ପ୍ରଥମ ଦିନରେ ତିନିଲକ୍ଷ ଭକ୍ତଙ୍କ ସମାଗମରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥ ଟାଉନଥାନା ନିକଟରେ ପହଞ୍ଚିଛି । ବାହୁଡାଯାତ୍ରାର ପ୍ରଥମଦିନରେ ସକାଳୁ ସକାଳୁ ବଡଦାଣ୍ଡକୁ ଭକ୍ତଙ୍କ ସୁଅ ଛୁଟିଥିଲା । ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ତାରାକଟା ଓ ଘୋଡାଲାଗି ନୀତି ଶେଷ ହେବାପରେ ସାରଥୀ ଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ । ଖୋଳ, କୀର୍ତ୍ତନ, ହରିବୋଲ, ବାଦ୍ୟଶଙ୍ଖ ଓ ହୁଳୁହୁଳି ଧ୍ୱନୀରେ ଭକ୍ତମାନେ ଭାବବିହ୍ୱଳ ହୋଇ ଜଗନ୍ନାଥ ରଥକୁ ବର୍ଷାରେ ଭିଜିଭିଜି ଟାଣିଥିଲେ । ଜଗନ୍ନାଥଙ୍କ ରଥ ପହଞ୍ଚିବା ପରେ ମହିଳା ଭକ୍ତମାନେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣିଟାଣି ଆଣି ଟାଉନଥାନା ନିକଟରେ ପହଞ୍ଚାଇଥିଲେ । ଆଜିର ରଥଟଣାରେ ରାଜ୍ୟ ପୂର୍ବାଞ୍ଚଳ ଡିଆଇଜି ଡଃ ସତ୍ୟଜିତ୍ ନାଏକ, ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଓ ଏସପି ଏସ. ସୁଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ରଥ ଉପରୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରବଚକ ଭାଗବତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ । ବୁଧବାର ବାହୁଡାଯାତ୍ରାର ଶେଷଦିନରେ ଟାଉନଥାନା ନିକଟରେ ଅଟକିଥିବା ଦେବୀଶୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଟାଣିଟାଣି ନେଇ ଶ୍ରୀମନ୍ଦିରରେ ପହଞ୍ଚାଇବା ପରେ ଶେଷରେ ପ୍ରଭୁ ବଳରାମଙ୍କ ତାଳଧ୍ୱଜ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦ୍ୱିତୀୟ ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ବୁଧବାର ଦେବୀ ଶୁଭଦ୍ରାଙ୍କ ରଥଟଣା ପୂର୍ବରୁ ମହିଳା ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗାଯିବ, ସେହିପରି ବଳଭଦ୍ରଙ୍କ ରଥ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ପ୍ରସିଦ୍ଧ ଗୁଡଲଡୁ ଭକ୍ତଙ୍କ ଉଦ୍ଦେଶ୍ୟରେ ରଥ ଉପରୁ ଫିଙ୍ଗାଯିବ । ମଙ୍ଗଳବାର ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କୁ ରୂପାବେଶରେ ଦର୍ଶନ କରିଥିଲେ ।

# ହତ୍ୟା ଅଭିଯୁକ୍ତ ଫାଣ୍ଡିରୁ ଚମ୍ପଟ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ସୋମବାର ରାତି ଗୋଳନ୍ଥରା ଥାନା ଅଂଚଳରେ ନବବଧୂକୁ ହତ୍ୟା କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ୍ୟୁ ଜଣକ ଜଗନ୍ନାଥପୁର ଓଡ଼ିଆରପି କଲୋନୀ ରାଣୀ ମହାରଣା (୨୨) ବୋଲି ପୋଲିସ ସୂଚନା ଦେଇଛି। ଖବର ଅନୁସାରେ ଗୋପାଳପୁର ଥାନା ଅଧିନସ୍ଥ ଆରୁଆପୁଲ୍ଲୀ ଗ୍ରାମର ରାଣୀ ମହାରଣାଙ୍କ ସହିତ ଗୋଳନ୍ଥରା ଥାନା ଅଧିନସ୍ଥ ଜଗନ୍ନାଥପୁର ଓଡ଼ିଆରପି କଲୋନୀର ଲକ୍ଷ୍ମୀ ମହାରଣା ମଧ୍ୟ ଗତ ଚାରି ମାସ ତଳେ ବିବାହ ହୋଇଥିଲା । କିଛି ଦିନ ଖୁସି ରହିବା ପରେ ପରବର୍ତ୍ତି ସମୟରେ ରାଣୀକୁ ଲକ୍ଷ୍ମୀ ଯୌତୁକ ନିର୍ଯାତନା ଦେବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସୋମବାର ଅପରାହ୍ନରେ ରାଣୀ ମୃତ୍ୟୁ ବରଣ କରିଥିବା ନେଇ ତାଙ୍କ ମା ଘର ପରିବାର ଲୋକକୁ ଜଣାଇଥିଲେ ଲକ୍ଷ୍ମୀ । ସନ୍ଧ୍ୟାରେ ମୃତ୍ୟୁ ରାଣୀଙ୍କ ଭାଇ ପହଂଚି ବେଳେ ତାଙ୍କ ଭଉଣୀ ଖଟାରେ ମୃତ୍ୟୁ ହୋଇ ପଡି ରହିଥିଲେ। ଘଟଣା ସମ୍ପର୍କ ଭାଇ ଲକ୍ଷ୍ମୀ ପରିବାର ଲୋକକୁ ପଚାରିବାରୁ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ କହିଥିଲେ। ପରେ ମୃତ୍ୟ ରାଣୀଙ୍କ ଭାଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଥାନା କେଶନଂ ୨୯୧/୨୪ ପ୍ରକାର ହତ୍ୟା ମାମଲା କରିଥିଲା। ବ୍ରହ୍ମପୁରରେ ବଡ଼ ମେଡିକାଲକୁ ରାଣୀକୁ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡିରେ ସ୍ୱାମୀକୁ ଅଟକ ରଖା ଯାଇଥିଲା। କୌଶଳେ କ୍ରମେ ଲକ୍ଷ୍ମୀ ଫେରାର ହୋଇଯାଇଥିଲେ। ଆଜି ମୃତ୍ୟୁ ଦେହକୁ ବ୍ୟବଛେଦ କରିବା ପରେ ପରିବାର ଲୋକକୁ ହସ୍ତାନ୍ତର କରିଥିଲେ। ସ୍ୱାମୀ ଫେରାର ଥିବା ରାଣୀ ପରିବାର ଲୋକ ଜାଣିବା ପରେ ମୃତଦେହକୁ ନେଇ ଥାନାରେ ସମୁଖରେ ଅଭିଯୁକ୍ତ ଧରିବା ପାଇ ଜିଦ ଧରି ଧାରଣ ଦେଇଥିଲେ । ପୋଲିସ ବୁଝାସୁଜା କରିବା ପରେ ଧାରଣ ହଟିଥିଲା । ଆସାମୀ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘର ବାହୁଡ଼ା

ତାଳଚେର,(ସବ୍ୟୁ) : ଜଗତରନାଥ ପ୍ରଭୁ ଜଗନ୍ନାଥ ବର୍ଷକୁ ଥରେ ତାଙ୍କର ଜନ୍ମ ସ୍ଥାନ ଗୁଣ୍ଡିଚା ମନ୍ଦିରକୁ ରଥ ରୁଢ଼ହୋଇ ଆସିଥାନ୍ତି । ପ୍ରଭୁଙ୍କର ରଥଯାତ୍ରାଟି ବର୍ଷକରେ ଥରେ ପଡୁଥିବାରୁ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଯାତ୍ରା ଦେଖିବାକୁ ନିଜ ଭାଗ୍ୟର ସହ ତୁଳନା କରିଥାନ୍ତି । ବଡଦେଉଳ ଛାଡି ୯ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ବୁଲି ଆସନ୍ତି । ତେଣୁ ପ୍ରଭୁଙ୍କ ଏହି ଯାତ୍ରାକୁ ଏକ ଐତିହାସିକ ଯାତ୍ରା ରୂପେ ପାଳନ କରିଥାନ୍ତି । ପ୍ରଭୁ ରଥଯାତ୍ରାଠୁ ଆରମ୍ଭ କରି ବାହୁଡ଼ାଯାତ୍ରା ଓ ଏକାଦଶୀ ସାରି ପୁଣି ବଡଦେଉଳ କୁ ବିଜେକରନ୍ତି । ସେହିପରି ତାଳଚେର ବାହୁଡ଼ାଯାତ୍ରାରେ ଆଜି ପ୍ରଭୁ ଜଗତର ନାଥ ଜଗନ୍ନାଥ ଭାଇ ,ଭଉଣୀକୁ ନେଇ ଅପରାହ୍ନ ୩ଘଟିକା ସମୟରେ ରୀତିନୀତି ଅନୁଯାଇ ଧୂପ, ଆଳତି ସାରିବାପରେ ପହଣ୍ଡି ବିଜେକରି ରଥକୁ ଅଣାଯାଇଥିଲା । ଭକ୍ତମାନେ ଝିପି ଝିପି ବର୍ଷାରେ ବଡ ଆନନ୍ଦ ଉଲ୍ଲାସ ସହ ରଥ ଦଉଡ଼ିକୁ ଟାଣିଟାଣି ନେଇଥିଲେ ଏବଂ ଘଣ୍ଟ କୀର୍ତନ ହୁଳୁ ହୁଳି ଓ ଭକ୍ତ ବିଭିନ୍ନ ଦେବଦେବୀ ବେଶରେ ରଥ ସାମ୍ନାରେ ଅଗ୍ରସର ବଡଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଥିଲା । ସନ୍ଧ୍ୟାରେ ପ୍ରଭୁ ଯଥା ସ୍ଥାନରେ ପଂହଚି ଥିଲେ ଏବଂ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତ ରଥ ଉପରକୁ ଯାଇ ତିନି ଠାକୁରଙ୍କୁ ଦର୍ଶନ କରିଥିଲେ ଓ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ତେବେ ଆଜିର ବାହୁଡ଼ାଯାତ୍ରା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରିବା ସହିତ ପ୍ରତିଛକମାନଙ୍କରେ ପୋଲିସ୍ ମୂତୟନ କରାଯାଇଥିଲା । ଆଜି ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ବାହୁଡ଼ାଯାତ୍ରା ପାଇଁ ବଡ଼ଦାଣ୍ଡରେ ପଂହଚି ଚତୁର୍ଦ୍ଧା ମୂରତୀଙ୍କ ଦର୍ଶନ କୃପା ଲାଭ କରିଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ମୋଟାମୋଟୀ ଭାବେ ଦେଖିବାକୁ ଗଲେ ଶାନ୍ତି ଶୃଙ୍ଖଳାର ସହ ବାହୁଡା ଯାତ୍ରା ପାଳିତ ହୋଇଯାଇଛି ।

# ଗୋମାଂସ ବୋଝେଇ କଣ୍ଟେନର ଜବତ : ବଜରଙ୍ଗ ଦଳର ଏତଲା



ଛତ୍ରପୁର, (ସବ୍ୟୁ): ଛତ୍ରପୁର ଡିଆରଡିଏ ଛକ ନିକଟରେ ମଙ୍ଗଳବାର ସକାଳେ ଏକ ଗୋମାଂସ ବୋଝେଇ କଣ୍ଟେନର ଜବତ ହୋଇଛି। କଲକତାରୁ ଟିଏନ ୦୪ ଏୟୁ ୫୬୫୫ ନଂ ଏକ କଣ୍ଟେନର ଯୋଗେ ଗୋରୁ ମାଂସ ନେଇ ଚେନ୍ନାଇ ଅଭିମୁଖେ ଯାଉଥିବା ଏକ କଣ୍ଟେନରକୁ କୌଣସି ପ୍ରକାରେ ସୂଚନା ପାଇଁ ବଜରଙ୍ଗଦଳ ସଦସ୍ୟ ଓ ସ୍ଥାନୀୟ ଯୁବକ ମାନେ ଡିଆରଡିଏ ଛକ ନିକଟରେ ଅଟକାଇ ଥିଲେ। ଉକ୍ତ କଣ୍ଟେନର ବହୁ ପରିମାଣର ବକ୍ସ ମାଧ୍ୟମରେ ଗୋ ମାଂସ ଗୁଡିକ ପ୍ୟାକ କରି ରଖାଯାଇଥିଲା । ପାଖାପାଖି ୧୮ ଟନ ଘଟଣାର ଖବର ପାଇଁ ଛତ୍ରପୁର ଥାନା ପୋଲିସ ପହଂଚି ଉକ୍ତ ଗାଡିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖି ପଚରା ଉଚରା କରୁଛି । ଏହି କରବାରର ମୁଖ୍ୟକୁ ତୁରନ୍ତ ଗିରଫ କରିବା ଦାବୀ ନେଇ ବଜରଙ୍ଗୀ ଦଳର ସଦସ୍ୟ ଗଣେଶ ବେହେରା ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି । ଏହାର ନକଲ ଗଞ୍ଜାମ ଏସପି, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ ପଠାଇଛନ୍ତି ।

## କନିସିରେ ବିଦେଶୀ ମଦ ବିକ୍ରିକୁ ନେଇ ବଢୁଛି ଅସନ୍ତୋଷ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋଳନ୍ଥରା ଥାନା ଅନ୍ତର୍ଗତ କନିସି ଠାରେ ବିଦେଶୀ ମଦ ବିକ୍ରିକୁ ନେଇ ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେବାରେ ଲାଗିଛି । କନିସି ହାଟ ସ୍ଥିତ ତୁଲୁ ରୋଡ଼ରେ ଅବସ୍ଥିତ ଏକ ବିଦେଶୀ ଅଫ ସପ ଦୋକାନ ଖୋଲି ଦୀର୍ଘ ଦୁଇରୁ ତିନି ବର୍ଷ ହେଲା ନିଜର ସାମ୍ରାଜ୍ୟ ଚଳାଇ ଆସୁଛନ୍ତି । ଯାହାକି ମୁଖ୍ୟ ରାସ୍ତା କଡରେ ଥିବା ସହ ଜନବସତି ମଧ୍ୟରେ ରହିଅଛ। ଯାହା ଫଳରେ ମଦୁଆ ମାନଙ୍କ ଉତ୍ପାତରେ ସାହି ଲୋକେ ଅତିଷ୍ଟ ହୋଇ ପଡିବା ସହ ଝିଅ, ବୋହୁ ମାନେ ବାହାରକୁ ବାହାରିବା ମଧ୍ୟ କଷ୍ଟକର ହୋଇ ପଡୁଛି । ଏହା ସହ ଉକ୍ତ ରାସ୍ତାରେ ପ୍ରାୟ କୋଡିଏରୁ ପଚିଶି ଖଣ୍ଡ ଗ୍ରାମର କଲେଜ ଓ ସ୍କୁଲ ପଢୁଆ କୋମଳମତି ଛାତ୍ର, ଛାତ୍ରୀ ମାନେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଯିବା ଆସିବା କରନ୍ତି। ବିଭିନ୍ନ ସମୟରେ ମଦୁଆ ମାନେ ଝିଅ, ବୋହୁ ଏବଂ ସ୍କୁଲ, କଲେଜ ପଢୁଆ ଛାତ୍ରୀ ମାନଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ସହ ଅଭଦ୍ର ଭାଷାର ପ୍ରୟୋଗ କରିବାର ବି ନଜିର ରହିଛି। ଏଣୁ ସ୍ଥାନୀୟ ବାସିନ୍ଦାଙ୍କ ସହ କିଛି ବୁଦ୍ଧିଜୀବୀ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ କଲେ ବି କିଛି ସୁଫଳ ମିଳିନାହିଁ । ମଦ ଦୋକାନ ମାଲିକ ଅଞ୍ଚଳର କିଛି କିଛି କୁଜି ନେତା ଓ ଖଣ୍ଡି ଗୁଣ୍ଡା ବଳାଉଥିବା ବ୍ୟକ୍ତିଙ୍କୁ ଦାଦା ମାମୁଲି ଦେଇ ନିଜ ବେପାର ଚଳାଉଥିବା ଅଭିଯୋଗ ହେବାରେ ଲାଗିଛି । ଏଣୁ ବର୍ତ୍ତମାନ ନୂଆ ସରକାରଙ୍କ ଉପରେ ଭରସା କରି କିଛି ବୁଦ୍ଧିଜୀବୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା ଏବଂ ବିଶ୍ୱାସ ରଖିଛନ୍ତି ।

# ବାଘୁଆ ଜଳସେଚନ ପ୍ରକଳ୍ପର ସାଧାରଣ ଅଧିବେଶନ



ବୁଗୁଡା, (ସବ୍ୟୁ) : ବାଘୁଆ ଜଳସେଚନ ପ୍ରକଳ୍ପର ଏକ ସାଧାରଣ ଅଧିବେଶନ ସ୍ଥାନୀୟ ବାଘୁଆ ଜଳସେଚନ କଲୋନୀସ୍ଥ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ଖରିଫ ଜଳସେଚନ ପରିଚାଳନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ବର୍ତ୍ତମାନ ବାଘୁଆ ଜଳଭଣ୍ଡାରରେ ୪୪୭.୯୪ ହେକ୍ଟର ମିଟର ଜଳ ଗଚ୍ଛିତ ଥିବା ନେଇ ଚିନ୍ତା ପ୍ରକଟ କରାଯାଇଥିଲା । ତେଣୁ ଏ ଅବସରରେ ଚାଷୀମାନଙ୍କୁ ଜଳସେଚନ ପରିଚାଳନା କରିବାରେ ସହଯୋଗ କାମନା କରାଯାଇଥିଲା। ଜଳଭଣ୍ଡାରରେ ଗଚ୍ଛିତ ଜଳର ଅବସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଖରିଫ ଋତୁ ପାଇଁ ଆସନ୍ତା ଜୁଲାଇ ୨୯ ତାରିଖଠାରୁ ଜଳଭଣ୍ଡାରର ବାମ ଓ ଡାହାଣ କେନାଲ ଦେଇ ଜଳସେଚନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ପୋଲସରା ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢୀ ଓ ବୁଗୁଡ଼ା ସହକାରୀକୃଷି ଅଧିକାରୀ ହରପ୍ରିୟା ବେହେରା ଯୋଗଦେଇ ଧାନ ତଳିର ଯତ୍ନ ଓ ଫସଲକୁ ରୋଗ ପୋକ ଦାଉରୁ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଅଧିବେଶନର ପ୍ରାରମ୍ଭରେ ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ଭାଷଣ ଓ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅନ୍ୟତମ ସହକାରୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଧିବେଶନରେ ବିଭିନ୍ନ ପାଣିପଞ୍ଚାୟତର ଚାଷୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାସ୍ତାରେ ଟଳି ପଡିଲେ ବୃଦ୍ଧ

ଛତ୍ରପୁର, (ସବ୍ୟୁ): ଘରୁ ଛତ୍ରପୁର ଆସୁଥିବା ବେଳେ ରାସ୍ତାରେ ଟଳି ପଡିଲେ ବୃଦ୍ଧ । ତରୁନ୍ତ ତାଙ୍କୁ ଛତ୍ରପୁର ମେଡିକାଲ ୧୦୮ ଯୋଗେ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣକ ହେଲେ ଗଞ୍ଜାମ ସହରର ଅଭିରାମ ପଣ୍ଡା(୭୫) । ସୂଚନା ଥାଉକି କୌଣସି କାମରେ ଅଭିରାମ ଛତ୍ରପୁର ଏକ ଗାଡିରେ ଆସିଥିଲେ। ଛତ୍ରପୁର କଲେଜ ଛକ ନିକଟରେ ଓହ୍ଲାଇବା ପରେ ମୁଣ୍ଡ ବୁଲାଇବା ସହ ସେଠାରେ ପଡିଯାଇଥିଲେ। ୧୦୮ ଯୋଗେ ତାଙ୍କୁ ଛତ୍ରପୁର ମେଡିକାଲ ଅଣାଯାଇଥିଲା। ତାଙ୍କ ନିକଟରେ ଥିବା ବ୍ୟାଙ୍କ ଏଟିଏମ କାର୍ଡରେ ପରିଚୟ ଜଣାପଡିବା ପରେ ପୁଲିସ ପରିବାର ଲୋକଙ୍କୁ ଅବଗତ କରାଇଥିଲେ।

## କଳମଛୁଇଁରେ ବାହୁଡାଯାତ୍ରା ପାଳିତ

ସାଉଥବଲଣ୍ଡା (ସବ୍ୟୁ) : ତାଳଚେର ବ୍ଲକ୍ ଜନବହୁଳ କଳମଛୁଇଁ ଗ୍ରାମରେ ପବିତ୍ର ବାହୁଡା ଯାତ୍ରା ସମାରୋହରେ ପାଳିତ ହୋଇଯାଇଛି । ଆଜି ଅପରାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ହରିହର ମହାପାତ୍ର ତିନି ଠାକୁରଙ୍କର ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ । ବରିଷ୍ଠ ଶିକ୍ଷାବିତ୍ ଜଗନ୍ ମୋହନ ଗଡନାୟକ ଛେରା ପହଁରା କାର୍ଯ୍ୟ କରିଥିଲେ । ଅପରାହ୍ନରେ ବର୍ଷା ଯୋଗୁଁ ୫.୧୫ମିନିଟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ରଥ ଟାଣିବାକୁ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପ୍ରଥମେ ମହିଳା ଭକ୍ତମାନେ ରଥ ଟାଣିଥିଲେ । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । କାଠି ମହାନ୍ତି ଯାତ୍ରାର ଧାରା ବିବରଣୀ ପ୍ରଦାନ କରିଥିଲେ । ଦଇତାପତି ପ୍ରଭାତ ମହାପାତ୍ର, ବଳରାମ ରଥ, ଅକ୍ଷୟ ମହାପାତ୍ର ଓ ଆଦିତ୍ୟ ପଣ୍ଡା ପ୍ରମୁଖ ତିନି ଠାକୁରଙ୍କ ଗୋଟି ପହଣ୍ଡି କରି ମନ୍ଦିର ଭିତରକୁ ବିଜେ କରାଇଥିଲେ । ରଥଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କ ସମେତ କଳମଛୁଇଁ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସେହିପରି ଗୋପାଳପ୍ରସାଦ,ସାଉଥବଲଣ୍ଡାସ୍ଥିତ ଶକ୍ତି ଶ୍ରୀକ୍ଷେତ୍ରରେ ମଧ ବାହୁଡା ଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି ।

# ସ୍ନେକ ହେଲ୍ପ ଲାଇନ ପକ୍ଷରୁ ବିଶ୍ୱ ସର୍ପ ଦିବସରେ ସଚେତନତା



ବ୍ରହ୍ମପୁର, (ସବ୍ୟୁ) : ସ୍ନେକ ହେଲ୍ପ ଲାଇନ ପକ୍ଷରୁ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୁକୁଡାଖଣ୍ଡି ବ୍ଲକ କୁସୁମି ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାର୍ଥୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ ପିପିଟି ପ୍ରେଜେଣ୍ଟେସନ ଦ୍ୱାରା ଜିଲ୍ଲାରେ ଦେଖାଯାଉଥିବା ସାପ, ତାହା ବିଷଧର କି ନୁହଁ, ସାପ କାମୁଡିଲେ ପ୍ରାଥମିକ ଭାବେ କଣ କରିବେ, ସାପକୁ ଚିହ୍ନିବେ କିପର ଆଦି ବିଷୟରେ ବୁଝାଇଥିଲେ। ସେହିପରି ସ୍ନେକ ହେଲ୍ପ ଲାଇନ ସଦସ୍ୟ ତାରା ପ୍ରସାଦ ଦାସ ଓ ପି. ଅରୋବିନ୍ଦ ଦେଶୀବେହେରା ସାପକୁ ନେଇ ଥିବା ଅନ୍ଧବିଶ୍ୱାସକୁ ପିଲାଙ୍କ ମନରୁ ଦୂର କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟାପକ ମଧୁସୂଦନ ମିଶ୍ର ଏହୋକୁ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ସବୁଜ ବାହିନୀର ସାଗର ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ସେହିପରି ଛାତ୍ରଛାତ୍ରୀ ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ପିଲାଙ୍କ ପ୍ରଶ୍ନ ଓ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରାଯାଇଥିଲା। ଏଥିରେ ସର୍ପ ଉଦ୍ଧାରକ କାଳିଆ ସାହୁ, ସବୁଜ ବାହିନୀ ସଦସ୍ୟ ରବି ସାହାଣୀ, ପି. ବିନୋଦ, ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସବୁଜ ବାହିନୀ ଉପ–ସଭାପତି ଏମ୍ ଦିଲ୍ଲୀପ କୁମାର ଧନ୍ୟବାଦ ଦେଇଥିଲେ ।

# ଆସିକା ଏନଏସିରେ ନବ ନିର୍ବାଚିତ ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା




ଆସିକା, (ସବ୍ୟୁ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ନବ ନିର୍ବାଚିତ ବିଧାୟକ ସରୋଜ କୁମାର ପାଢ଼ୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳବାର ଦିନ କାର୍ଯ୍ୟାଳୟ ପରିସରରେ ଏନଏସିର ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ସଂଯୋଜନା ଓ ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ବିଧାୟକ ଶ୍ରୀ ପାଢ଼ୀ ମୁଖ୍ୟଅତିଥି ଓ ସୁଦୀପ୍ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ସହରର ବିକାଶ ନେଇ ସେ ଉଦ୍ୟମ ଜାରି ରଖିବା ସହ ଜବରଦଖଲ ଉଚ୍ଛେଦ, ବନ୍ୟା ନିୟନ୍ତ୍ରଣ ନେଇ ସେ ଉଦ୍ୟମ କରିବା ସହ ଆସିକା ଏନଏସିକୁ ମ୍ୟୁନିସିପାଲଟି ଘୋଷଣା କେବଳ କାଗଜ ପତ୍ରରେ ରହିଥିବାରୁ ସେ ଉଦବେଗ ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ ବେଳେ ଭବିଷ୍ୟତରେ ହିତାଧିକାରୀ ଚୟନକୁ ସଠିକ୍ ଭାବେ କରିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନାରେ ୪୭ ଜଣ ନୂତନ ହିତାଧିକାରୀଙ୍କୁ ଶ୍ରୀ ପାଢୀ ଭଉ। ବଣ୍ଟନ କରିଥିଲେ। ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ କିଛି କାଉନସିଲର ଏଥିରେ ଯୋଗ ଦେଇଥିଲା ବେଳେ ବହୁ କାଉନସିଲର ଅନୁପସ୍ଥିତ ଥିଲେ। ଏନଏସି ନିର୍ବାହୀ ଅଧିକାରୀ ଶ୍ରୀ ବେଜ ପ୍ରାରମ୍ଭିକ ସୂଚନା ଥିବା ବେଳେ ଅଧକ୍ଷା ବିନେତା ସ୍ୱାଇଁଙ୍କ ସମେତ ବହୁ କର୍ମଚାରୀ ବିଧାୟକ ଶ୍ରୀ ପାଢ଼ୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# କାମରେ ଆସୁନି ସିସିଟିଭି କ୍ୟାମେରା, ପ୍ରତିକାର ଦାବି

ବୁଗୁଡା, (ସବ୍ୟୁ): ବୁଗୁଡା ସହରରେ ନାମକୁ ମାତ୍ର ଲାଗିଛି ମାଳ ମାଳ ସିସିଟିଭି କ୍ୟାମେରା । ସେଥିରୁ ଅଧାରୁ ଅଧିକ କ୍ୟାମେରା କାମରେ ଆସୁନି । ଫଳରେ ଅପରାଧ କାର୍ଯ୍ୟକଳାପରେ ବ୍ରେକ୍ ଲାଗି ପାରୁନି । ସଂପ୍ରତି ବୁଗୁଡ଼ା ସହର ସିସିଟିଭି ଅଧିନରେ ରହିଥିବା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିବାର କ୍ଷମତା ରଖିଥିଲେ ହେଁ କାର୍ଯ୍ୟକ୍ଷମ ହେବାର ଅଳ୍ପ କେତେ ମାସ ମଧ୍ୟରେ ସେଥିରୁ ଅନେକ କାମରେ ଲାଗୁନଥିବାରୁ କୌଣସି ସୁଫଳ ମିଳୁନି। ଏହି କ୍ୟାମେରା ଗୁଡିକ ମଧ୍ୟରୁ କେତେକ ୨୪ ଘଣ୍ଟା କାମ କରୁନଥିବା ବେଳେ ଯେଉଁ କେତେକ ଚାଲୁଛି ତାହା ମଧ୍ୟରୁ ପୁଣି କେତେକ ଲାଇଭ୍ ଚାଲୁଥିଲେ ମଧ୍ୟ ରେକର୍ଡିଂ ହେଉନାହିଁ। ସୂଚନା ଅନୁସାରେ, ଗତ ୨୦୨୩ ଜାନୁଆରୀ ୬ ତାରିଖରେ ସ୍ଥାନୀୟ ପୋଲିସ ଥାନା ପକ୍ଷରୁ ଆୟୋଜିତ ବୁଗୁଡ଼ା ସହରକୁ ସି.ସି.ଟିଭି ଦ୍ୱାରା ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅବସରରେ ସହରାଞ୍ଚଳର ବଡଶଙ୍ଖ, ନୂଆଁ ବସଷ୍ଟାଣ୍ଡ, ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ଗେଟ୍ ଛକ, ସିନେମା ହଲ୍ ଛକ, ବଡଦାଣ୍ଡ, ବାଗଦେବୀ ରୋଡ଼, ଖଦାଳସାହି ଛକ, ଥାନା ରୋଡ ସମେତ ବିଭିନ୍ନ ସ୍ଥାନରେ ପୋଲସରା ବିଧାୟକଙ୍କ ହାତପାଣ୍ଠି ବିନିଯୋଗରେ ୨୨ଟି ସି.ସି.ଟିଭି କ୍ୟାମେରା ଖଞ୍ଜା ଯାଇଥିଲା। ସେହିପରି ଗ୍ରାମାଞ୍ଚଳର କରସିଙ୍ଗି, ଗୋଲିଆ, ମୋଟାବାଡ଼ି, ମାଣିତରା, ଷୋଳମଇଲି ଆଦି ଗାଁ ଛକରେ ମଧ ସି.ସି.ଟିଭି କ୍ୟାମେରା ଲଗାଯାଇ ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା। ଏହି କ୍ୟାମେରା ଗୁଡିକର ଦାୟିତ୍ୱ ବୁଗୁଡା ପୋଲିସ ହାତରେ ରହିଥିବା ବେଳେ ବୁଗୁଡା ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକା ଯାଇ ସହରରେ ଶାନ୍ତି ଶୃଙ୍ଖଳାକୁ ବଳବତ୍ତର ରଖିବାର ଲକ୍ଷ୍ୟ ରହିଥିଲା। ଏହି କ୍ୟାମେରା ମାଧ୍ୟମରେ ବାହାରୁ ବୁଗୁଡା ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଯାନବାହାନ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ ପାରୁଥିଲା। ତେବେ ଅଧିକାଂଶ ସ୍ଥାନରେ ଲାଗିଥିବା କ୍ୟାମେରା କାମ ଦେଉ ନାହିଁ। ଦୁର୍ବୃତ୍ତଙ୍କ ଦ୍ୱାରା କେତେକ ସ୍ଥାନରେ କ୍ୟାମେରାକୁ ଅକାମୀ କରିବା ପ୍ରଚେଷ୍ଟା ହେତୁ ସେଗୁଡିକ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ପରିବର୍ତ୍ତେ ଉପର ମୁହାଁ ହୋଇ ଦିନରେ ଆକାଶକୁ ଚାହିଁ ରାତିରେ ତାରା ଗଣିବା କାମରେ ଲାଗିଛନ୍ତି। ଫଳରେ କୌଣସି ଅସାମାଜିକ ଘଟଣାର ତଦନ୍ତ ପାଇଁ ବିଭିନ୍ନ ଦୋକାନରେ ଲାଗିଥିବା କ୍ୟାମେରାର ସହାୟତା ଲୋଡ଼ା ଯାଉଛି। ତେବେ ଅକାମୀ କ୍ୟାମେରା ଗୁଡିକୁ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ସଜାଡିବାକୁ ସାଧାରଣରେ ଦାବି ହେଉଛି ।

# ଚନ୍ଦ୍ରାବତୀ ମହାନ୍ତ ସ୍ମୃତି ସଂସଦର ପ୍ରତିଭା ସମ୍ମାନ ପ୍ରଦାନ



ବାରିପଦା, (ସବ୍ୟୁ) : ଚନ୍ଦ୍ରାବତୀ ମହାନ୍ତ ସ୍ମୃତିସଂସଦ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳ ପରିସରରେ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ହରେକୃଷ୍ଣ ମହାନ୍ତଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି ବିଗତ ମ୍ୟାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରୀ ଅମ୍ବିକା ହାବୋଡ଼ା, ଜୟଶ୍ରୀ ଦତ୍ତ ଓ ଦେବକୀ ନାଏକ କୁ ସ୍ୱର୍ଗତ ଚନ୍ଦ୍ରାବତୀ ମହାନ୍ତଙ୍କ ସ୍ମୃତିରେ ଫଳକ ଓ ଅର୍ଥରାଶି ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରି ସ୍ୱାଗତ ଭାଷଣ, ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ ସଂଯୋଜନା ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବାହୁଡାର ଦ୍ୱିତୀୟ ଦିନରେ ଚକଡା ଲାଗିଲା ବ୍ରହ୍ମ ତାଳଧ୍ୱଜ

କେନ୍ଦ୍ରାପଡ଼ା, (ସବ୍ୟୁ) : ତୁଳସୀ କ୍ଷେତ୍ରାଧିପତି ତଥା କେନ୍ଦ୍ରାପଡା ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ବ୍ରହ୍ମ ତାଳଧ୍ୱଜ ରଥ ବାହୁଡା ର ଦ୍ୱିତୀୟ ଦିନରେ ଶ୍ରୀମନ୍ଦିର ସମ୍ମୁଖରେ ଚକଡା ଲାଗିଥିବା ଜଣାପଡିଛି । କେନ୍ଦ୍ରାପଡା ର ପରମ୍ପରା ଅନୁଯାଇ ବାହୁଡା ଦିନ ରଥ ର ଦକ୍ଷିଣ ମୋଡ ସହ ଜୀଉ ମାନଙ୍କ ରଥ ଉପରକୁ ପହଣ୍ଡ ବିଜେ କରାଯାଇ ଥିଲା । ଗତକାଲି ଧାର୍ଯ୍ୟ ସମୟ ଠାରୁ ପହଣ୍ଡି ବିଳମ୍ବରେ ଆରମ୍ଭ କରାଯାଇ ରାତି ୮ଟା ସମୟରେ ଦିଅଁମାନେ ରଥାରୂଢ ହୋଇଥିଲେ । ଆଜି ରଥ ଉପରେ ଦିଅଁ ମାନଙ୍କ ନୀତି ସେବା ସମାପ୍ତ ହେବାପରେ ଦିନ ୨ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା । ମାତ୍ର ଦୁଇ ଦଉଡି ଟଣା ହେବା ପରେ ରଥ ପୁଣି ବାମ ମୋଡ ନେଇ ଚନ୍ଦନ ପୋଖରୀ ନିକଟସ୍ଥ ଓମ୍‌ଫେଡ୍ ପାଲର ନିକଟରେ ଟ୍ରାକରୁ ବାହାରି ଯାଇଥିଲା । ପୂର୍ବରୁ ପ୍ରସ୍ତୁତ ଥିବା ରେଳବାଇ ର କର୍ମଚାରୀ ମାନେ ହାଇଡ୍ରୋଲିକ ଜଗ ଲଗାଇ ରଥକୁ ସଳଖ କରି ଟ୍ରାକରେ ପକାଇବା ପରେ ପୁଣି ରଥଟଣା ଅରମ୍ଭ ହୋଇଥିଲା । ତେବେ ସଂନ୍ଧ୍ୟା ୬ଟା ସୁଦ୍ଧା ରଥ ସୁରୁଖୁରୁ ରେ ଶ୍ରୀମନ୍ଦିର ସମ୍ମୁଖରେ ଚକଡା ଲାଗିଥିବା ଜଣାପଡିଛି । ବାହୁଡା ଯାତ୍ରା ରଥଟଣା ରେ ଯୋଗ ଦେବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୌରାଧକ୍ଷା ସରିତା ସାହୁ, ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସମାଜସେବୀ ରଂଜିତ ସାହୁ, ସଂଜୟ ରଥ, ଗୀତା ସେଠୀ, ତେଜେଶ୍ୱର ପରିଡା, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତ ପ୍ରମୁଖ ବହୁ ରାଜନେତା ଙ୍କ ସମେତ



ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ବଳଦେବଜୀଉ ଏଣ୍ଡାମେଣ୍ଟ ର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ତହସିଲଦାର ତାପସ ରଂଜନ ଦେହୁରୀ, ଏସଡିପିଓ ଦେବେନ୍ଦ୍ର କୁମାର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ ସାହୁ ପ୍ରମୁଖ ଉପସ୍ଥିତ ରହି ରଥଟଣା ତଦାରଖ କରିଥିଲେ । ଆଜି ପାଗ ଅନୁକୂଳ ଥିବାରୁ ପ୍ରାୟ ୫୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଶ୍ରୀଜୀଉ ମାନଙ୍କ ରଥଟଣା ରେ ସାମିଲ ହୋଇ ଶ୍ରୀ ବ୍ରହ୍ମ ତାଳଧ୍ୱଜ ରଥକୁ ଚକଡା ଲଗାଇବାରେ ସହାୟକ ହୋଇଥିଲେ । ଆସନ୍ତାକାଲି ରଥ ଉପରେ ଜୀଉ ମାନଙ୍କ ବଡ ଏକାଦଶୀ ନୀତି ପାଳନ କରାଯିବ ।

# ‘ବଲେ ବଲେ’ ଢାବା ଭଙ୍ଗାଯିବନି : ବିଡ଼ିଓ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା ବିବଦୀୟ ବଲେ ବଲେ ଢାବା ଭଙ୍ଗାଯିବ ନାହିଁ ବୋଲି ଧର୍ମଶାଳା ବିଡିଓ ଆଜି ସ୍ପଷ୍ଟ କରିଛନ୍ତି । ସରକାରଙ୍କ ଆମ ଗାଁ ଆମ ବିକାଶ ଓ ଏନଆରଜିଏସ ପାଣ୍ଠିରୁ ୪୦ ଲକ୍ଷ ରୁ ଉର୍ଦ୍ଦ ଟଙ୍କା ବ୍ୟୟ କରାଯାଇ ଫୁଡ କୋର୍ଡରେ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ଧର୍ମଶାଳା ଭବନ ପରିସରରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଢାବା ଉପରେ ତଦନ୍ତ କରିବାକୁ ଧର୍ମଶାଳା ବିଧାୟକ ବିଧାୟକ ହିମାଂଶୁ ଶେଖର ସାହୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ଉକ୍ତ ଢାବା ୩ ଦିନ ମଧ୍ୟରେ ଖାଲି କରିବାକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ନୋଟିସ ଜାରି କରିଥିଲେ । ତିନି ଦିନ ବିତିଯିବା ପରେ ବିଡିଓ ଶ୍ରୀ ବଳଙ୍କ





ନିର୍ଦ୍ଦେଶ କ୍ରମେ ଢାବାଟିକୁ ସିଲ କରାଯାଇଥିଲା । ଯାହାକୁ ନେଇ ଲିଜ୍‌ଧାରୀ ଅକ୍ଷୟ ନାୟକ ନିଜ ଓକିଲ ସହ ଆଜି ଅପରାହ୍ନରେ ଧର୍ମଶାଳା ବିଡିଓ ଙ୍କୁ ଭେଟି ଭବନ ପରିସର ରେ ଥିବା ଫୁଡ୍ କୋର୍ଟ ଅକ୍ଷୟ ନାୟକ ଙ୍କ ହେପାଜତ ରେ ଥିଲା ବୋଲି ଅବଗତ କରିଥିବା ଜଣାପଡିଛି । ସୂଚନା ମୁତାବକ ଲିଜଧାରୀ ଶ୍ରୀ ନାୟକ ବ୍ଲକ ପ୍ରଶାସନ ଠାରୁ ୨୦୨୧ ମସିହାରେ ଧର୍ମଶାଳା ଭବନକୁ ୧୦ ବର୍ଷ ପାଇଁ ବାର୍ଷିକ ୪ ଲକ୍ଷ ୧୦ ହଜାର ଟଙ୍କାରେ ଲିଜ ନେଇଥିଲେ । ତେବେ କରୋନା ଚାଲିଥିବାରୁ ୨୦୨୨ ମାର୍ଚ୍ଚମାସରୁ ବିଦ୍ଧିବଦ୍ଧ ଭାବେ ଲିଜ କାର୍ଯ୍ୟକାରୀ ହୋଇଥିଲା । ଲିଜ ଆଧାରରେ ଲିଜଧାରୀ ଦୁଇ ବର୍ଷର ବାର୍ଷିକ ଦେୟ ପ୍ରଦାନ କରିଥିବା ତାଙ୍କ ଓକିଲ ଗୌରବ ମହାନ୍ତି ସୂଚନା ଦେଇଛନ୍ତି । ତେବେ ଧର୍ମଶାଳା ଭବନ ପରିସରରେ ଥିବା ଏହି ବିବାଦୀୟ ବଲେ ବଲେ ଢାବା ଫୁଡ଼ କୋର୍ଡ ଅନୁସାରେ ହୋଇଥିବା ବେଳେ ଏହାର ମାଲିକାନା ଲିଜଧାରୀଙ୍କ ବୋଲି ତାଙ୍କ ଓକିଲ ଯୁକ୍ତି ବାଢିବା ସହ ଲିଜଧାରୀଙ୍କୁ କାରନ ଦର୍ଶାଅ ନୋଟିସ ନଦେଇ ସର୍ବସାଧାରଣରେ ଢାବା ଖାଲି କରିବାକୁ ନୋଟିସ ଜାରି କରିବା ଓ ପରବର୍ତି ସମୟରେ ଏହାକୁ ସିଲ କରିବା ଆଇନ ଅସମ୍ମତ ବୋଲି ଓକିଲ ଶ୍ରୀ ମହାନ୍ତି କହିଛନ୍ତି । ଏନେଇ ଲିଜଧାରୀ ଶ୍ରୀ ନାୟକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ କେସ ନସରିବା ପାର୍ଯ୍ୟନ୍ତ ଲିଜଧାରୀଙ୍କ ନାମରେ ଧର୍ମଶାଳା ଭବନ ରହିବ ବୋଲି ମାନ୍ୟବର କୋର୍ଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଅନ୍ୟପଟେ କେଶ ନସରିବା ଯାଏଁ ଢାବାକୁ ବନ୍ଦ ନକରିବା କିମ୍ବା ନଭାଙ୍ଗିବା ପାଇଁ ବିଡିଓଙ୍କୁ ଲିଜାଧାରୀଙ୍କ ଓକିଲ ଅପିଲ କରିଛନ୍ତି । ଏନେଇ ଧର୍ମଶାଳା ବିଡିଓ ଙ୍କୁ ପଚାରିବାରୁ ଧର୍ମଶାଳା ଭବନ ଲିଜ ନେଇଥିବା ଅକ୍ଷୟ ନାୟକ ନିଜ ଓକିଲ ଙ୍କ ସହ ଆସିଥିଲେ। ମୋତେ ଅନ୍ତର୍ଭୁକ୍ତ କରି ସେ କୋର୍ଟ ରେ ମାମଲା ଦାୟର କରିଛନ୍ତି ଯାହାର ନୋଟିସ ମତେ ମିଳିବ ବୋଲି ଲିଜଧାରୀ ଙ୍କ ଓକିଲ ସୂଚନା ଦେଇଛନ୍ତି । ତେବେ ମୁଁ କୌଣସି ନୋଟିସ ପାଇ ନାହିଁ। ଧର୍ମଶାଳା ଭବନ କିମ୍ବା ଫୁଡ୍ କୋର୍ଟ ସରକାରୀ ଟଙ୍କାରେ ତିଆରି ହୋଇଥିବାରୁ ଏହା ଭଙ୍ଗାଯିବାର କୌଣସି ପ୍ରସ୍ତାବ ନାହିଁ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି ।

## ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ

ଜଗତସିଂହପୁର, (ସବ୍ୟୁ): ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋମିତା ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜନ ଶିକ୍ଷଣ ସଂସ୍ଥାନ,ଜଗତସିଂହପୁର ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଏକ ସାଧାରଣ ସଭା ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ମଲିକଙ୍କ ପୌରହିତ୍ୟରେ ସଂସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ସଂସ୍ଥାନ ନିର୍ଦ୍ଦେଶକ ଧୀରେନ୍ଦ୍ର କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ଉନ୍ନୟନ ଅଧିକାରୀ ମୋନିକା ବେହେରା ନିଜର ବକ୍ତବ୍ୟରେ ଦକ୍ଷତା ବିକାଶରେ ଆଜିର ଯୁବପିଢୀର ଯୋଗଦାନ ଏବଂ ଦେଶ ଆତ୍ମନିର୍ଭରଶୀଳ ହେବାପାଇଁ ଜନ ଶିକ୍ଷଣ ସଂସ୍ଥାନ ଦ୍ୱାରା କରାଯାଉଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।ପ୍ରାରମ୍ଭରେ ସଂସ୍ଥାନ କାର୍ଯ୍ୟକ୍ରମ ଅଧିକାରୀ ଭୂଷଣ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ପରିଶେଷରେ ସଂସ୍ଥାନଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ରଙ୍ଗୋଲି ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧୀକାର କରିଥିବା ତାଲିମାର୍ଥୀ ମାନଙ୍କୁ ମୁଖ୍ୟଅତିଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ସଂସ୍ଥାନର ସହକାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ୧୦ଜଣ କେଳାର ବନ୍ଧରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୫୦ ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବା ସହ ଚାରା ବଂଟନ କରାଯାଇଥିଲା ।

## ଠିକାଦାରଙ୍କ କବଜାରେ ବ୍ଲକ ମାର୍କେଟ କମ୍ପ୍ଲେକ୍ସ

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକର କିଶୋରବାଙ୍କ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଲକ୍ଷ ଟଙ୍କାରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା । ଏହାପାଇଁ ବ୍ଲକ ପ୍ରଶାସନ ଜନୈକ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଏହି ମାର୍କେଟ କମ୍ପ୍ଲେକ୍ସରେ ବ୍ୟୟ କରାଯାଇଥିଲା । ଇତିମଧ୍ୟରେ ପ୍ରାୟ ୨ ମାସ ହେବ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଯାଇଛି । କିନ୍ତୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯାଉନି । ଫଳରେ ଏବେ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ଭଡ଼ାରେ ଲାଗିଛି । ଯେଉଁ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ସିଏ ଗୃହକୁ ଭଡ଼ାରେ ଲଗାଇଛନ୍ତି ନାଁ ଏହାକୁ ଆଉ କିଏ ଭଡ଼ାରେ ଲଗାଇଛନ୍ତି ଯାହା ତଦନ୍ତ ସାପେକ୍ଷ । ସରକାର ମହିଳାମାନଙ୍କୁ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଯୋଜନା କରୁଛନ୍ତି । କିଶୋରବାଙ୍କ ଗ୍ରାମଞ୍ଚଳ ଅଭଞ୍ଚି ମହିଳାମାନଙ୍କ କହିବାକଥା ଆମେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିୟମ ଅନୁସାରେ ଭଡ଼ାରେ ନେଇ ବ୍ୟବସାୟ ବଣିଜ କରି ଦିପଇସା ରୋଜଗାର କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ଆମକୁ ଦିଆଯାଉନାହିଁ । ବ୍ଲକ ପ୍ରଶାସନ ମଧ୍ୟ ଆମ କଥା ଶୁଣିଲା ନାହିଁ । ମାସକୁ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଏହି ଗୃହରୁ ଆଦାୟ କରାଯାଉଥିବା ବେଳେ ଏହି ଅର୍ଥ କାହା ପକେଟକୁ ଯାଉଛି ଯାହାକି ତଦନ୍ତ ସାପେକ୍ଷ । ତେବେ କେଉଁଦିନ ମହିଳା ଗୋଷ୍ଠୀମାନଙ୍କୁ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ଯାହାକୁ ଦେଖିବାକୁ ବାକି ରହିଲା ।

## ଗ୍ରୀଲ ଭାଙ୍ଗି ଗହଣା ଲୁଟ୍

ତିର୍ତ୍ତୋଲ, (ସବ୍ୟୁ): ଗତକାଲି ବିଳମ୍ବିତ ରାତ୍ରିରେ ତିର୍ତ୍ତୋଲ ଥାନା ଅର୍ନ୍ତଗତ ଟେଂଲିପଦାରେ ଘରଭଡା ନେଇ ରହୁଥିବା ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଗୋଲୋକ ବିହାରୀ ପଲାଇଙ୍କ ଘରର ପଛପଟୁ ଗ୍ରୀଲ ଭାଙ୍ଗି ଘରେ ପଶି ଆଲମାରୀ ଲକ ଭାଙ୍ଗୀ ୩୦୦ ଗ୍ରାମରୁ ଉର୍ଦ୍ଧ ସ୍ୱର୍ଣ୍ଣ ଅଳଙ୍କାର ଓ ୬୦ହଜାର ଟଙ୍କା ଚୋରୀ କରି ନେଇଯାଇଥିବା ନେଇ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି । ସାହିତ୍ୟକ ଶ୍ରୀ ପଲାଇ ଓ ତାଙ୍କ ପତ୍ନୀ ଅନ୍ୟ ଘରେ ଶୋଇଯାଇଥିବାବେଳେ ଦୁର୍ବୃର୍ତ୍ତ ମାନେ ଏହି କାଣ୍ଡ ଘଟାଇ ପଳାଇଯାଇଛନ୍ତି । ସକାଳ ସମୟରେ ଶ୍ରୀ ପଲାଇ ଉଠିବା ପରେ ଏସମ୍ପର୍କରେ ଜାଣିବାକୁ ପାଇ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦ଼ କରି ଫେରିଛନ୍ତି । ସେହିପରି ନିକଟରେ ଥିବା ଟେଂଲିପଦା ଆଖଣ୍ଡଳେଶ୍ୱର ଶିବ ମନ୍ଦିରର ଘରେ ମନ୍ଦିର ପରିସରରେ ଥିବା ଗଟି ଦାନ ବାକ୍ସ ତାଲା ଭାଙ୍ଗି ଦାନ ଟଙ୍କାକୁ ଦୁର୍ବୃର୍ତ୍ତ ନେଇ ପଳାଇଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି ।

## ବିଦ୍ୟୁତ୍ ଖୁଣ୍ଟରେ କୁମ୍ଭୀର ଛୁଆ

ରାଜନଗର, (ସବ୍ୟୁ): ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଇଲାକାରେ ଏକ ୩ ଫୁଟର କୁମ୍ଭୀର ଛୁଆ ବିଦ୍ୟୁତ ଖୁଂଟରେ ଚଢିଯିବା ଘଟଣା ଅଞ୍ଚଳରେ ସାଧାରଣରେ କୌତୁହଳ ସୃଷ୍ଟି କରିଛି । କୁମ୍ଭୀର ଛୁଆଟି ବିଦ୍ୟୁତ ଖୁଂଟ ଉପରେ ଚଢି ଶୀର୍ଷରେ ଥିବା ତାର ସହିତ ଲାଗି ରହିଛି । ସେଥିରେ ଚେଷ୍ଟା କରାଗଲେ ବି କୁମ୍ଭୀର ଛୁଆଟି ତଳକୁ ହୋଇ ନଥିବା ଏହି ରିପୋର୍ଟ ଲେଖାହେବା ଯାଏଁ ଜଣାପଡିଛି । ବଉଳା କୁମ୍ଭୀରମାନେ ଭିତରକନିକା ଅଂଚଳରେ ଚଳିତବର୍ଷ ୧୧୪ଟି ବସା କରିଥିବା ଗଣନାରୁ ଜଣାପଡିଛି । ବଉଳା କୁମ୍ଭୀର ଜନବସତିକୁ ପଶି ଆସି ଲୋକ ଓ ଗୃହପାଳିତ ପଶୁଙ୍କୁ ଆକ୍ରମଣ କରିବାର ବହୁ ନଜିର ରହିଛି । ପୂର୍ବରୁ କୁମ୍ଭୀରମାନଙ୍କୁ ଜନବସତିରେ ପୋଖରୀ,ନଦୀ, ନାଳ, ରାସ୍ତା ଉପରେ ଦେଖିବାକୁ ମିଳିଥିଲା । ମାତ୍ର କୁମ୍ଭୀର ବିଦ୍ୟୁତ ଖୁଂଟ ଉପରକୁ ଚଢିବା ପ୍ରଥମଥର ଦେଖିବାକୁ ମିଳିଛି । ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ପାଟଶାଳା ନଦୀରୁ କୁମ୍ଭୀର ଛୁଆ ଉଠିଆସି ବିଦ୍ୟୁତ ଖୁଂଟ ଉପରେ ଚଢିବା ଭିଡିଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପାଟଶାଳା ନଦୀର ଖୋଲା ନିକଟରେ ନଦୀରୁ ଉଠି ରାସ୍ତା ପାର କରି ରାସ୍ତା ଏପଟେ ଥିବା ବିଦ୍ୟୁତ ଖୁଂଟ ଉପରକୁ କୁମ୍ଭୀରଟିଏ ଚଢି ଯାଇଛି । ୨୫ ଫୁଟ ଲମ୍ବ ବିଦ୍ୟୁତୁ ଖୁଂଟର ପୁରା ଉପରକୁ କୁମ୍ଭୀର ଚଢିଯିବା ଓ ସ୍ଥାନୀୟ ଲୋକେ ତାକୁ ଦେଖି ପାଟି କରିବା ଓ ତାର ଭିଡିଓ କରି ସୋସିଆଲ ମିଡିଆରେ ଛାଡିଛନ୍ତି । ଏ ଘଟଣା କୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି ।

# ବଟି ନଦେବାରୁ ଖଣ୍ଡାଚୋଟ

ପାରାଦୀପ, (ଜି.ପ୍ର) : ସରକାରୀ ମଦ ଦୋକାନକୁ ଧସେଇ ପଶିଲା ବଟି ମାଗିଲା । ବଟି ନଦେବାରୁ ସାଙ୍ଗରେ ଆଣିଥିବା ଖଣ୍ଡାରେ ଚୋଟ ପରେ ଚୋଟ ମାରି ଚାଲିଲା । ଆଖି ପିଛୁଳାକେ ତିନି ଜଣଙ୍କୁ ଆହତ କଲା । ଏଭଳି ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା–ନାଉଗାଁ ବ୍ଲକଛକ ନିକଟରେ ଥିବା ସରକାରୀ ବିଦେଶୀ ଦୋକାନ ନିକଟରେ । ଦୁର୍ଦାନ୍ତ ଅପରାଧୀ ଶୁଭମ୍ ଅନ୍ୟ ସହଯୋଗୀଙ୍କ ସହିତ ମିଶି ଉନ୍ମତ୍ତକାଣ୍ଡ ଘଟାଇ ଏକାଧିକ ଲୋକଙ୍କୁ ଆହତ କରିଛି । ସୂଚନା ମୁତାବକ ଘଟଣା ଦିନ ରାତି ପ୍ରାୟ ୯ ଘଟିକା ସମୟରେ ନାଉଗାଁ ଥାନା ଅଞ୍ଚଳର ବ୍ଲକ ଛକ ନିକଟରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନକୁ ନାଉଗାଁ ଅଞ୍ଚଳର ରାଜ କିଶୋର ଦାସଙ୍କ ପୁଅ ଦୁର୍ଦାନ୍ତ ଅପରାଧୀ ଶୁଭମ ଦାସ ଓ ତାଙ୍କର ସହଯୋଗୀଙ୍କ ସହିତ ମିଶି ଏକ ଖଣ୍ଡା ସାହାଯ୍ୟରେ ବିଦେଶୀ ମଦ ଦୋକାନୀକୁ ବଟି ମାଗିଥିଲା । ଦୋକାନ ମାଲିକ ବଟି ଦେବାକୁ ରାଜି ନହେବାରୁ ସାଙ୍ଗରେ ଆଣିଥିବା ଖଣ୍ଡା ସାହାଯ୍ୟରେ ଦୋକାନକୁ ଭଙ୍ଗାରୁଜା କରିବା ସହିତ କର୍ମଚାରୀକୁ ଆକ୍ରମଣ କଲା । ଯାହା ଫଳରେ ଦୋକାନର ରଞ୍ଜିତ ସାହୁଙ୍କ ସହିତ ତାଙ୍କ କର୍ମଚାରୀମାନେ ମଧ ଆହତ ହୋଇଥିଲେ । ଅନ୍ୟପଟେ ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ଶୁଭମ ଦାସକୁ କାବୁ କରିବାରେ ସକ୍ଷମ ହୋଇ ଉତ୍ତମମଧ୍ୟମ ଦେଇ ନାଉଗାଁ ଥାନାକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ନାଉଗାଁ ପୋଲିସ ପହଂଚି ଖଣ୍ଡା ଟିକୁ ଜବତ କରିବା ସହିତ ଶୁଭମ୍ କୁ କାବୁ କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତି କରିଥିଲା । ଅନ୍ୟପଟେ ଫେରାର ଥିବା ଆଉଜଣେ ଅଭିଯୁକ୍ତ ପୁରୀ ଅଞ୍ଚଳର ବିନୁ ଭୋଇକୁ ନାଉଗାଁ ନାୟରା ପେଟ୍ରୋଲ ପମ୍ପ ନିକଟରୁ କାବୁ କରିବା ସହିତ ତା ନିକଟରୁ ବମରେ ବ୍ୟବହୃତ ହେଉଥିବା ବାରୁଦ ଓ ଅନ୍ୟ ସାମଗ୍ରୀକୁ ମଧ ଜବତ କରିଥିଲା ପୋଲିସ । ତେବେ ଏ ଘଟଣା ସଂକ୍ରାନ୍ତରେ ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସରକାରୀ ବିଦେଶୀ ମଦ ଦୋକାନୀର ମାଲିକ ରଞ୍ଜିତ କୁମାର ସାହୁ । କିଛି ଦିନର ନୀରବତା ପରେ ପୁଣି ଥରେ ଅଶାନ୍ତ ହୋଇ ଉଠିଛି ନାଉଗାଁ ଅଞ୍ଚଳ । ଅପରାଧିକ ଯୁବକ ମାନେ ଆସି ଏବେ ନାଉଗାଁ ଅଞ୍ଚଳରେ ବୁଲୁଥିବା ବେଳେ ଲୋକେ ଏହି ଘଟଣା ପରେ ଏକପ୍ରକାର ଭୟଭୀତ ଅବସ୍ଥାରେ ଅଛନ୍ତି । ସେହିପରି ସକାଳ ଠାରୁ ରାତି ପର୍ଯ୍ୟନ୍ତ ନାଉଗାଁ ର ଦୁଇ ସରକାରୀ ମଦ ଦୋକାନ ଆଗରେ ପ୍ରବଳ ଗହଳି ଦେଖିବାକୁ ମିଳିଛି । ସରକାରଙ୍କ ପକ୍ଷରୁ ନାଉଗାଁ ଓ ବ୍ଲକ ଛକ ରେ ଖୋଲା ଯାଇଥିବା ସରକାରୀ ଠିପି ବନ୍ଦ ମଦ ଦୋକାନ ଆଗରେ ଅନେକ ଗୁଡିଏ ଚାଖଣା ଦୋକାନ ଖୋଲିଥିବା ବେଳେ ମଦ ଦୋକାନରୁ ମଦ କିଣି ଅନେକ ମଦ୍ୟପ ଖୋଲାମେଲାରେ ବସି ମଦ୍ୟପାନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି । କିଛି ଅସାମାଜିକ ଯୁବକ ମଦ୍ୟପାନ କରିବା ପରେ ସେହି ରାସ୍ତାରେ ଯାଉଥିବା ସାଧାରଣ ଲୋକଙ୍କୁ ଧମକଚମକ ଦେଉଥିବା ଓ ବଟି ଆଦାୟ କରୁଥିବା ମଧ୍ୟ ଚର୍ଚ୍ଚା ବଢିବାରେ ଲାଗିଛି । ତୁରନ୍ତ ଏଥିପ୍ରତି ନାଉଗାଁ ପୋଲିସ ପକ୍ଷରୁ ଦୃଷ୍ଟି ଦେବା ଜରୁରୀ ହୋଇ ପଡିଛି ।

## ଅନୁସୂୟା ପରିଡା ସ୍ମାରକୀ ପାଠାଗାର ପକ୍ଷରୁ ବୃକ୍ଷରୋପଣ



ଉଦୟଗିରି, (ସବ୍ୟୁ) : ବାଲିଚନ୍ଦ୍ରପୁର ଅଞ୍ଚଳର ଅନ୍ୟତମ ସାମାଜିକ ଅନୁଷ୍ଠାନ ଅନୁସୂୟା ପରିଡା ସ୍ମାରକୀ ପାଠାଗାର ପକ୍ଷରୁ ଆଜି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପାଠାଗାର ସଭାପତି ତଥା କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଭକ୍ତ ଚରଣ ସାହୁ ଯୋଗଦେଇ ବୃକ୍ଷର ଉପକାରିତା ସହିତ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ,ଦିଲ୍ଲୀପ କୁମାର ଦେବତା,ମମତା ରାଉତ,ଅନିଲ କୁମାର ମହାନ୍ତି,ଶଙ୍କର ମିଶ୍ର ଓ ତୁଷାର ମାନସିଂହ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ସ୍ଥାନରେ ବ୍ୟାପକ ତାଳଗଛ ଲଗାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ କରି ସଚେତନତା ସୃଷ୍ଟି କରୁଥିବା ଏହି ଅଞ୍ଚଳର ବୃକ୍ଷପ୍ରେମୀ ଭାସ୍କର ଚନ୍ଦ୍ର ଦାଶଙ୍କୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରୁଷୋତ୍ତମ ମଲ୍ଲିକ,ସୁଧାଂଶୁ ପରିଡା,ଅରକ୍ଷିତ ମଲ୍ଲିକ ଓ ଅର୍ଜୁନ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେପରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରାରୋପଣ କରାଯାଇଥିଲା ।

## ଶ୍ରୀଜଗନ୍ନାଥ ଶୀର୍ଷକ ଚିତ୍ରକଳା ପ୍ରତିଯୋଗିତା

ସାଲେପୁର, (ସବ୍ୟୁ): ପବିତ୍ର ରଥଯାତ୍ରାର ପାର୍ବଣ ଅବସରରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର, ଗୋପୀନାଥପୁର ପ୍ରାଙ୍ଗଣରେ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା, ବିଜୟାନନ୍ଦ ଯୁବ ପରିଷଦ ଓ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ, ଗୋପୀନାଥପୁର ମିଳିତ ଆନୁକୂଲ୍ୟରେ ରଙ୍ଗରେ ତୁଳୀରେ ଶ୍ରୀ ଜଗନ୍ନାଥ ଶୀର୍ଷକ ଚିତ୍ରକଳା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ ୮୩ଜଣ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ଭାଗ ନେଇଥିବା ବେଳେ କନିଷ୍ଠ ବର୍ଗରେ ଶୁଭସ୍ମିତା ପ୍ରଧାନ ୧ମ, ସାଇ ସ୍ୱରୂପା ଗିରି ୨ୟ, ଓ ରିସିତା ମହାନ୍ତି ୩ୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ବର୍ଗରେ ସୀମା ଭୋଇ ୧ମ, ପ୍ରିୟାଂଶୁ ପରିଜା ୨ୟ,ଏବଂ ଓମ ଭୋଇ ୩ୟ ସ୍ଥାନ ଅଧିକାର କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଭାବରେ ଆକାଶବାଣୀ କଟକର ପ୍ରାକ୍ତନ ସହକାରୀ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ସାମଲ,ସମ୍ମାନିତ ଅତିଥି ଭାବରେ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ,ସୁଜିତାଭ ଶତପଥୀ, ବାଲୁଙ୍କେଶ୍ୱର ମହାଦେବ ମନ୍ଦିରର ମ୍ୟାନେଜିଙ୍ଗ ଟ୍ରଷ୍ଟି ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚିତକଳା ପ୍ରତିଯୋଗିତାକୁ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପାର ସଭାପତି ପ୍ରଶାନ୍ତ ମହାନ୍ତି, ପ୍ରାକ୍ତନ ସଭାପତି ମନୋରଞ୍ଜନ ସାହୁ, ଧନେଶ୍ୱର ସାହୁ,ରାମଚନ୍ଦ୍ର ପାଣି, ରାକେଶ ମିଶ୍ର ଓ କମଳା କାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ବୁଧବାର ସୁନାବେଶ, ଶୁକ୍ରବାର ନୀଳାଦ୍ରିବେଶ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠର ବାହୁଡ଼ା ଯାତ୍ରାରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ମାଉସୀ ମା’ ଘର ନିକଟରେ ଅଟକି ରହିଥିଲା । ମଙ୍ଗଳବାର ଦିନ ରଥ ଉପରେ ପ୍ରଭୁ ବଳଭଦ୍ର ,ଭଗ୍ନୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କର ଯଥାରୀତି ନୀତିକାନ୍ତି ସମାପନ ହେବା ପରେ ଅପରାହ୍ନରେ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଉପସ୍ଥିତ ହୋଇ ଶୃଙ୍ଖଳିତ ଭାବେ ରଥକୁ ଟାଣି ନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ । ରଥାରୁଢ ଶ୍ରୀଜୀଉଙ୍କ ମାନବୀୟ ଲୀଳା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ବିଧି ବ୍ୟବସ୍ଥା ଅନୁଯାୟୀ ବୁଧବାର ପଡୁଥିବା ହରି ଶୟନ ଏକାଦଶୀ ରେ ଶ୍ରୀଜୀଉଙ୍କୁ ରଥ ଉପରେ ସୁନାବେଶ କରାଯିବାର ଯୋରଦାର ପ୍ରସ୍ତୁତି ଚାଲିଛି । ଗୁରୁବାର ଦିନ ରଥ ଉପରେ ବିଶ୍ରାମ ନେବା ପରେ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ନିଳାଦ୍ରି ବିଜେ କରାଯିବାର କାର୍ଯ୍ୟକ୍ରମ ରହିଛି । ରଥ ସିଂହଦ୍ୱାରରେ ଲାଗିବା ପରେ ଭକ୍ତମାନେ ଶ୍ରୀଜୀଉଙ୍କୁ ଧୂପ, ଦୀପ,ନୈବେଦ୍ୟ ଅର୍ପଣ କରି ବିଭୁ କୃପା ଲାଭ କରିଥିଲେ । ସାଲେପୁର ପୋଲିସ ପକ୍ଷରୁ ୨ଦିନ ଧରି ଶୃଙ୍ଖଳା ରକ୍ଷା କରାଯାଇଥିଲା । ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଭ୍ୟ ରାଜେନ୍ଦ୍ରମୋହନ କର ,ଚୌଧୁରୀ ଅଜୟ କୁମାର ନନ୍ଦ,ଜ୍ୟୋତିରଂଜନ ସ୍ୱାଇଁ ଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଶ୍ରୀଜୀଉଙ୍କ ସେବକ ଓ ପୂଜକ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଦ୍ୟାଳୟର ଅନିୟମିତତା ନେଇ ଅଭିଯୋଗ


ପାରାଦୀପ, (ଜି.ପ୍ର) : ନାଉଗାଁ ଓ ଜଗତସିଂପୁର ବ୍ଲକ ସୀମାରେ ଥିବା ବାଜପୁର ଗ୍ରାମର ବ୍ରଜମୋହନ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଅଭିଯୋଗ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି । ବାଟୁ ସାହୁ , ପ୍ରମିଳା ସାହୁ, ଶାନ୍ତିଲତା ସାହୁ ଓ ସରସ୍ୱତୀ ବାରିକ ଆଦି ଗ୍ରାମବାସୀ ଏବଂ ଶିକ୍ଷା କମିଟି ର ସଦସ୍ୟଙ୍କ ଲିଖିତ ଅଭିଯୋଗ ଅନୁଯାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ଅବହେଳିତ କାର୍ଯ୍ୟ ତଥା ବ୍ୟବହାରରେ ଗ୍ରାମବାସୀ ଅତିଷ୍ଠ । ଠିକ ସମୟରେ ସେ ବିଦ୍ୟାଳୟକୁ ଆସୁ ନଥିବା , ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନ ଠିକ ଭାବେ ନଦେବା , ପାଠ ପଢାରେ ସୁବ୍ୟବସ୍ଥା ନହେବା ଆଦି ଅଭିଯୋଗ କଲେ ଅଭିଭାବକଙ୍କୁ ଥାନାର ଭୟ ଦେଖାଉଛନ୍ତି ଦିଦି । ନାଉଗାଁ ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ଘଟଣା ସମ୍ପର୍କରେ ଯାଇ ପଚାରିବାରୁ ତାଙ୍କୁ ଗୁଣ୍ଡା ବୋଲି କହିବାକୁ କହିବା ମଧ୍ୟ ସେ ପଛାଇନଥିଲେ ବୋଲି ଅଭିଯୋଗ ହୋଇଛି । ଏନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କଲାପରେ ଏବେ ବିଦ୍ୟାଳୟରେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ଏତାଦୃଶ୍ୟ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସମ୍ପୃକ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇନାହିଁ ।

## ସାଂସଦ ଭର୍ତ୍ତୃହରିଙ୍କ ନାକେଇଶୁଣୀ ପୀଠ ପରିଦର୍ଶନ

ନେମାଳ, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଂଚାୟତସ୍ଥିତ ମା’ ନାକେଇଶୁଣୀ ଗ୍ରାମଦେବତୀ ପୀଠକୁ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ପରିଦର୍ଶନ କରି ମା’ଙ୍କ କୃପାଲାଭକରିଛନ୍ତି । ଏଠାରେ ପୀଠର ଉନ୍ନତି ଓ ମା’ ପୂଜାନୀତି ସଂପର୍କରେ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିଥିଲେ । ପୀଠର ଉନ୍ନତି ପାଇଁ ସେ ସହଯୋଗର ହାତବଢାଇବେ ବୋଲି ପ୍ରକାଶ କରିଥିଲେ । ଏଥିରେ ବିଜୟ ଲେଙ୍କା, ଜ୍ଞାନରଂଜନ ଦାସ, ପୂର୍ବତନ ସରପଂଚ ନକୁଳ ଜେନା, ଇଂ. ବିଭୂତି ଦ୍ୱିବେଦି, ଅଶ୍ୱିନ ମଲିକ, ଅନିରୁଦ୍ଧ ସ୍ୱାଇଁ, ଦୁର୍ଗାମାଧବ ଜେନା, ପ୍ରଭାତ କୁମାର ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ରେଡିଟ୍ ସ୍କୋର ଜରୁରୀ

ଆଜିର ଦୁନିଆରେ ଅନେକ ଜିନିଷ ପାଇଁ ଭଲ କ୍ରେଡିଟ୍ ସ୍କୋର ଜରୁରୀ। କାର୍ କିମ୍ବା ଘର ପାଇଁ ଋଣପାଇବାଠାରୁ ଆରମ୍ଭ କରି ବୀମା ଉପରେ ସର୍ବୋତମ ହାର ପାଇଁ ଯୋଗ୍ୟତା ଅର୍ଜନ କରିବା ପର୍ଯ୍ୟନ୍ତ ଏକ ସୁସ୍ଥ କ୍ରେଡିଟ୍‌ସ୍କୋର ଆପଣଙ୍କ ଆର୍ଥିକ ସୁଖକୁ ଯଥେଷ୍ଟ ବୃଦ୍ଧି କରିପାରେ। କିନ୍ତୁ ପ୍ରକୃତରେ କ୍ରେଡିଟ୍ ସ୍କୋର କଣ ଏବଂ ଆପଣକ୍ରେଡିଟ୍ କାର୍ଡ ବ୍ୟବହାର କରି କିପରି ଏକ ଭଲ ସ୍କୋର ତିଆରି କରିପାରିବେ?କ୍ରେଡିଟ୍ କାର୍ଡ୍ ଆପଣଙ୍କ କ୍ରେଡିଟ୍ ଇତିହାସ ପ୍ରତିଷ୍ଠା ଏବଂ ସୁଦୃଢ଼ କରିବା ପାଇଁ ଶକ୍ତିଶାଳୀ ଉପକରଣ ଅଟେ । ଆପଣଙ୍କକ୍ରେଡିଟ୍ କାର୍ଡକୁ ବୁଦ୍ଧିମତା ସହିତ ବ୍ୟବହାର କରି ଏବଂ କ୍ରମାଗତ ଭାବରେ ସଠିକ ସମୟରେ ଦେୟ ପ୍ରଦାନ କରି ଆପଣଦାୟିତ୍ୱପୂର୍ଣ୍ଣ ଭାବରେ କ୍ରେଡିଟ୍ ପରିଚାଳନା କରିବାର କ୍ଷମତା ପ୍ରଦର୍ଶନ କରନ୍ତି। ଏହି ସକାରାତ୍ମକ କ୍ରେଡିଟ୍ ଇତିହାସ କ୍ରେଡିଟ୍ ବ୍ୟୁରୋକୁ ରିପୋର୍ଟ କରାଯାଏ,ଯାହା ବଦଳରେ ଭଲ କ୍ରେଡିଟ୍ ସ୍କୋରରେ ଯୋଗଦାନ ହୋଇଥାଏ।ଆପଣଙ୍କ ଆର୍ଥିକ ଦାୟିତ୍ୱର ମୂଲ୍ୟାଙ୍କନ କରୁଥିବା ଏକ ରିପୋର୍ଟ କାର୍ଡ ଭାବରେ ଆପଣଙ୍କ କ୍ରେଡିଟ୍ ସ୍କୋରକୁ କଳ୍ପନାକରନ୍ତୁ। ଏହି ତିନି ଅଙ୍କ ବିଶିଷ୍ଟ ନମ୍ବର ଆପଣଙ୍କ କ୍ରେଡିଟ୍ ଇତିହାସ ଆଧାରରେ ନିର୍ଦ୍ଧାରଣ କରାଯାଏ ଯେଉଁଥିରେଆପଣଙ୍କ ଋଣ ଅଭ୍ୟାସ ବିଷୟରେ ବିବରଣୀ ଅନ୍ତର୍ଭୁକ୍ତ । ଠିକ୍ ସମୟରେ ବିଲ୍ ଦେୟ, କ୍ରେଡିଟ୍ କାର୍ଡ ବାଲାନ୍ସ ଏବଂ ଆପଣଙ୍କ କ୍ରେଡିଟ୍ ଇତିହାସର କେତେ ଲମ୍ବା ସେଭଳି କାର ଗୁଡିକ ଆପଣଙ୍କ ସ୍କୋରରେ ଯୋଗଦାନ କରନ୍ତି । ଆପଣଙ୍କକ୍ରେଡିଟ୍ ସ୍କୋର ଋଣଦାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଧାରଣା ଭାବରେ କାର୍ଯ୍ୟ କରେ, ଋଣ ପରିଚାଳନାରେଆପଣଙ୍କ ବିଶ୍ୱସନୀୟତାକୁ ସୂଚିତ କରେ ଏବଂ ଏହା ଦ୍ୱାରା ଆପଣଙ୍କୁ ଅଧିକ ଆକର୍ଷଣୀୟ ଋଣଦାତା ପ୍ରଦାନ କରେ। ଏହାଦ୍ୱାରା କମ୍ ସୁଧ ହାର ସମେତ ଅନେକ ଫାଇଦା ମିଳିପାରେ, କାରଣ ଉଚ୍ଚ କ୍ରେଡିଟ୍ ସ୍କୋର ଆପଣଙ୍କୁ କମ୍ ସୁଧ ହାରସହିତ ଋଣ ପାଇଁ ଯୋଗ୍ୟ କରିଥାଏ ଯାହାଫଳରେ ଯଥେଷ୍ଟ ଦୀର୍ଘମିଆଦୀ ସଞ୍ଚୟ ହୋଇଥାଏ।ଏକ ଦୃଢ଼ କ୍ରେଡିଟ୍ ସ୍କୋର ଋଣ ଅନୁମୋଦନକୁ ବୃଦ୍ଧି କରିଥାଏ, ସଫଳ ଋଣ ଆବେଦନର ସମ୍ଭାବନାକୁ ବଢ଼ାଇଥାଏଏବଂ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତରେ ଋଣ ସୁବିଧାର ଉପଲବ୍ଧତାକୁ ସୁନିଶ୍ଚିତ କରିଥାଏ। ଋଣନୈତିକ କ୍ରେଡିଟ୍ ପରିଚାଳନା କୌଶଳ କାର୍ଯ୍ୟକାରୀ କରି ଆପଣ ଆପଣଙ୍କ କ୍ରେଡିଟ୍ କାର୍ଡକୁ ଏକ ସମ୍ଭାବ୍ୟ ଦାୟିତ୍ୱରୁ ଆର୍ଥିକ ପ୍ରଗତି ପାଇଁ ଏକଶକ୍ତିଶାଳୀ ଉପକରଣରେ ପରିଣତ କରିପାରିବେ। ନିୟମିତ ସଠିକ୍ ସମୟରେ ଦେୟ ଏକ ସୁସ୍ଥ କ୍ରେଡିଟ୍ ସ୍କୋରରମୂଳଦୁଆ ଅଟେ। ଅନେକ ସୁବିଧାଜନକ ଅନଲାଇନ୍ ପୋର୍ଟାଲ୍ ଏବଂ ସ୍ୱୟଂଚାଳିତ ଦେୟ



କାର୍ଯ୍ୟକାରିତା ସହିତ ନିରବଚ୍ଛିନ୍ନ ଭାବେ ଆପଣଙ୍କ ବିଲ୍ ଉପରେ ଦୃଢ଼ ନିୟନ୍ତ୍ରଣ ରଖନ୍ତୁ। ଆପଣଙ୍କ କ୍ରେଡିଟ୍ ସୀମାକୁ ଆପଣଙ୍କ ଖର୍ଚ୍ଚ ସୀମା ଭାବରେଦେଖନ୍ତୁ। ଆଦର୍ଶଭାବରେ ଆପଣ ଏହାର ମାତ୍ର ଏକ ଅଂଶ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ । କ୍ରେଡିଟ୍ କାର୍ଡ ଅନେକ ରିୱାର୍ଡ ଏବଂ ଲାଭ ପ୍ରଦାନ କରୁଥିବା ବେଳେ ଏହାକୁଅଯଥାରେ ଅତ୍ୟଧିକ ମହଜୁଦ କରି ରଖନ୍ତୁ ନାହିଁ। ପ୍ରତ୍ୟେକ ବ୍ୟବହାର ଆପଣଙ୍କ କ୍ରେଡିଟ୍ ରିପୋର୍ଟ ଉପରେ ଏକ କଠିନଅନୁସନ୍ଧାନ ସୃଷ୍ଟି କରେ ଯାହା ଅସ୍ଥାୟୀ ନକାରାତ୍ମକ ପ୍ରଭାବ ପକାଇପାରେ। ବୁଦ୍ଧିମାନ ହୁଅନ୍ତୁ। ମୌଳିକ କଥା ବ୍ୟତୀତଏକ ଦୃଢ଼ କ୍ରେଡିଟ୍ ସ୍କୋର ସୃଷ୍ଟି କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପଦକ୍ଷେପ ହୋଇଥିବା ବେଳେ ଆପଣଙ୍କ ଆର୍ଥିକ ଲାଭକୁସର୍ବାଧିକ କରିବା ପାଇଁ ଆପଣ ଅଧିକ କିଛି କରିପାରିବେ। କ୍ରେଡିଟ୍ କାର୍ଡ ନୂତନ ଗ୍ରାହକମାନଙ୍କ ପାଇଁ ସୁରକ୍ଷିତ କାର୍ଡରଏକ ଚମତ୍କାର ବିକଳ୍ପ ହୋଇପାରେ । ଏହି କାର୍ଡଗୁଡିକ ଏକ ସିକ୍ୟୁରିଟି ଡିପୋଜିଟ୍ ଆବଶ୍ୟକ କରେ ଯାହା ଆପଣଙ୍କକ୍ରେଡିଟ୍ ସୀମା ଭାବରେ କାର୍ଯ୍ୟ କରେ। ତାହା ଆପଣଙ୍କୁ ଦାୟିତ୍ୱପୂର୍ଣ୍ଣ ଖର୍ଚ୍ଚ ଅଭ୍ୟାସ କରିବା ସମୟରେ ଏକ ସକାରାତ୍ମକକ୍ରେଡିଟ୍ ଇତିହାସ ପ୍ରତିଷ୍ଠା କରିବାରେ ସହାୟକ ହୋଇଥାଏ। ଆଉ ଏକ ରଣନୀତି ହେଉଛି ଛୋଟ ଛୋଟ ବିଜୟ ଉପରେ ଧ୍ୟାନ ଦେବା ।

**– ସଞ୍ଜୀବ ମୋଘେ**
**ସଭାପତି ଓ ମୁଖ୍ୟ–କାର୍ଡସ୍ ଆଣ୍ଡ ପେମେଣ୍ଟ୍ସ, ଆକ୍ସିସ୍ ବ୍ୟାଙ୍କ**

# ଜମିଜମାର ଭୁଲ ରେକର୍ଡ ପାଇଁ ସ୍ୱତ୍ୱ ହରାଇଛନ୍ତି ୧୯ ଗ୍ରାମର ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ

ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ବଳରାମପୁର ରାଜସ୍ୱ ସର୍କଲ ଅଧୀନ ଅଞ୍ଜିରା ମୌଜାରେ ଗତ ବନ୍ଦୋବସ୍ତ ସମୟରେ ହଜାର ହଜାର ଚାଷୀଙ୍କ ଜମିଜମାର ଭୁଲ ରେକର୍ଡ କରାଯାଇଛି । ପୂର୍ବ ରେକର୍ଡରେ ସ୍ତିତିବାନ ସତ୍ୱ ରହିଥିବା ଜମିକୁ ବନ୍ଦୋବସ୍ତ ସମୟରେ ନିୟୋଜିତ କର୍ମଚାରୀ ମାନେ ଭୁଲକ୍ରମେ ଶାଳଜଙ୍ଗଲ, ଅନାବାଦୀ ଓ ଝାଟି ଜଙ୍ଗଲ କିଶମରେ ପରିବର୍ତ୍ତନ କରିଦେଇଥିଲେ । ଯେଉଁଥି ପାଇଁ ଏହି ଅଞ୍ଚଳର ୧୯ଟି ଗ୍ରାମର ୭୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଓ ସ୍ଥାୟୀ ବାସିନ୍ଦା ନିଜ ଜମିଜମାର ସତ୍ୱ ହରାଇ ବର୍ଷ ବର୍ଷ ହେବ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତ । ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ କ୍ଷତିଗ୍ରସ୍ତ ଚାଷୀ ଓ ସ୍ଥାନୀୟ ବାସିନ୍ଦା ଗତ ବନ୍ଦୋବସ୍ତ ବେଳେ ନିଯୁକ୍ତ ସରକାରୀ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସେମାନଙ୍କ ଜମିଜମାର ଭୁଲ ରେକର୍ଡକୁ ସଂଶୋଧନ କରିବା ପାଇଁ ସଂଗ୍ରାମ ଚଳାଇ ଆସୁଥିଲେ ମଧ ସେମାନଙ୍କ ନାର୍ଯ୍ୟ ଦାବି ପ୍ରତି କେହି ଦୃଷ୍ଟି ଦେଇନାହାନ୍ତି । ଫଳରେ ଏହି ଅଞ୍ଚଳର ଚାଷୀ ଓ କ୍ଷତିଗ୍ରସ୍ତ ଲୋକଙ୍କ ମଧରେ ତିବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କ୍ଷତିଗ୍ରସ୍ତ ଅଞ୍ଜିରା ପଞ୍ଚାୟତବାସୀ ଧର୍ମଶାଳାର ନବ ନିର୍ବାଚିତ ବିଧାୟକ ହିମାଂଶୁସେଖର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଏହି ସମସ୍ୟା ସମାଧାନ ପାଇଁ ତାଙ୍କର ହସ୍ତକ୍ଷେପ ଲୋଡିଛନ୍ତି । ଗତ ସରକାର ସମୟରେ କ୍ଷତିଗ୍ରସ୍ତ ଲୋକେ ବାରମ୍ବାର ତତ୍କାଳୀନ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପ୍ରାକ୍ତନ ବିଧାୟକଙ୍କ ସହ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରି ପୁନଃ ବନ୍ଦୋବସ୍ତ କରାଇ ଏହି ସମସ୍ୟାର ସ୍ଥାୟି ସମାଧନ କରିବାକୁ ଦାବି କରିଥିଲେ ମଧ ଏହି ଜନ ସମସ୍ୟା ପ୍ରତି କେହି କର୍ଣ୍ଣପାତ କରିନଥିଲେ । ତେବେ ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବାରୁ ଏବେ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷୀତ ଏହି ନାର୍ଯ୍ୟ ଦାବି ପୁରଣ ହେବ ବୋଲି ସେମାନେ ଆଶା କରିଛନ୍ତି । ଜମିଜମାର ବାସ୍ତବ ସ୍ଥିତିକୁ ନେଇ ପୂର୍ବ ରେକର୍ଡ ସଂଶୋଧନ କରି ପ୍ରଜାଙ୍କୁ ଜମିଜମାର ସଂଶୋଧିତ ରେକର୍ଡ ପ୍ରଦାନ ପାଇଁ ୧୯୮୪ ମସିହାରେ ଏହି ଅଞ୍ଚଳର ପ୍ରାୟ ୪୦ଟି ମୌଜାରେ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ଅତି ମନ୍ଥର ଗତିରେ ବନ୍ଦୋବସ୍ତ କାର୍ଯ୍ୟ ଚାଲିବା ପରେ ୧୯୯୭/୯୮ ମସିହାରେ ଅଞ୍ଜିରା ସମେତ ଅନ୍ୟ ୫ଟି ମୌଜାକୁ ଛାଡି ଅନ୍ୟ ସମସ୍ତ ମୌଜାରେ ବନ୍ଦୋବସ୍ତ ପରବର୍ତ୍ତୀ ସଂଶୋଧିତ ଜମିପଟ୍ଟା ଲୋକଙ୍କୁ ପ୍ରଦାନ କରାଯାଇଥିଲା । ପରେ ବାକିଥିବା ୫ଟି ମୌଜାର ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହୋଇ ଲୋକଙ୍କ ଜମିଜମାର ପୂର୍ବ ରେକର୍ଡ ସଂଶୋଧନ କରାଯିବା ସହ ବନ୍ଦୋବସ୍ତ ପ୍ରକ୍ରିୟାର ୩ଟି ପର୍ଯ୍ୟାୟ କାର୍ଯ୍ୟ ଶେଷପରେ ଲୋକମାନଙ୍କୁ ସେମାନଙ୍କ ଜମିଜମାର ସଂଶୋଧିତ ରେକର୍ଡର ପ୍ରମାଣପତ୍ର ଦିଆଯାଇଥିଲା । ହେଲେ ଏହି ୫ ମୌଜାର ଲୋକମାନଙ୍କୁ ଜମିଜମାର ସଂଶୋଧିତ ପଟ୍ଟା ପ୍ରଦାନ କରାଯିବା ପୂର୍ବରୁ ଗତ ୨୦୦୦ ମସିହାରେ ହଠାତ ବନ୍ଦୋବସ୍ତ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ତିବ୍ର ଅସନ୍ତୋଷ ସୃଷ୍ଟି ହେବାରୁ ପୁନର୍ବାର ୨୦୧୦ ମସିହାରେ ଅଞ୍ଜିରା ମୌଜାର ବାକିଆ ବନ୍ଦୋବସ୍ତ କାମ ଆରମ୍ଭ ହୋଇଥିଲା । ଏଥିରେ ୨୦୦୦ ମସିହା ବନ୍ଦୋବସ୍ତ କାର୍ଯ୍ୟର ପୂର୍ବ ନିଷ୍ପତ୍ତିକୁ କାଏମ ରଖାଯାଇ ତଦନୁଯାଇ କାର୍ଯ୍ୟ ଆଗେଇଥିଲା । ଏହି ପର୍ଯ୍ୟାୟରେ ସର୍ବଶେଷ ରେକର୍ଡ ସଂଶୋଧନ ସହ ଜମାଧାର୍ଯ୍ୟ କରାଯାଇ ଲୋକମାନଙ୍କୁ ସେମାନଙ୍କ ଜମିଜମାର ସଂଶୋଧିତ ଜମିପଟ୍ଟା ପ୍ରଦାନ ପାଇଁ କ୍ୟାମ୍ପ ଖୋଲାଯାଇଥିଲା ।

ପର୍ଯ୍ୟାୟ କ୍ରମେ କାମ ଚାଲିବା ପରେ ୨୦୧୩ ମସିହାରେ ଅଞ୍ଜିରା ମୌଜାର ଲୋକଙ୍କୁ ନୂଆ ଜମିପଟ୍ଟା ପ୍ରଦାନ କାମ ଆରମ୍ଭ ହୋଇଥିଲା । ହେଲେ ପରିତାପର ବିଷୟ ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ପୂର୍ବରୁ ଲୋକମାନଙ୍କୁ ଦିଆଯାଇଥିବା ସେମାନଙ୍କ ଜମିଜମାର ସଂଶୋଧିତ ରେକର୍ଡ ପ୍ରମାଣପତ୍ର ସହ ପ୍ରଦାନ କରାଯାଉଥିବା ଜମିପଟ୍ଟାରେ କୌଣସି ତାଳମେଳ ନଥିବା ଦେଖାଯାଇଥିଲା । ଏପରିକି ହଜାର ହଜାର ଲୋକଙ୍କ ଜମିଜମାର ସ୍ତିତିବାନ ସତ୍ୱ ଓ କିଶମକୁ ରହସ୍ୟ ଜନକ ଭାବେ ପରିବର୍ତ୍ତନ କରାଯାଇ ଶାଳଜଙ୍ଗଲ,ଝାଟିଜଙ୍ଗଲ ଓ ଅନାବାଦୀ କିଶମ କରାଯିବା ସହ ଲୋମାନଙ୍କର ହଜାର ହଜାର ଏକର ସ୍ତିତିବାନ ସତ୍ୱଥିବା ଜମିକୁ ସରକାରୀ ଖାତାକୁ ନିଆଯାଇଥିବା ଦେଖାଯାଇଥିଲା ।

ବହୁବର୍ଷ ଧରି ଘରଦ୍ୱାର କରି ରହୁଥିବା ଘରଡିହ ଓ ଚାଷବାସ କରି ପରିବାର ପୋଷଣ କରୁଥିବା ସ୍ତିତିବାନ ଜମିରୁ ନିଜର ସତ୍ୱ ହରାଇବା ଓ ସବୁ ଜମି ସରକାରୀ ଖାତାକୁ ଚାଲି ଯାଇଥିବା ଜାଣି ଲୋକମାନଙ୍କ ମଧ୍ୟରେ ସେତେବେଳେ ତିବ୍ର ଉତେଜନା ସୃଷ୍ଟି ହେବାରୁ ପଟ୍ଟାଦାନ କାର୍ଯ୍ୟ ମଧ ଅଧାରୁ ବନ୍ଦ ହୋଇଯାଇଥିଲା । ଲୋକଙ୍କ ଭାବାବେଗକୁ ନଜରକରି ସେତେବେଳେ ବିଭାଗୀୟ ଅଧିକାରୀ ମାନେ ଏହି ଭୁଲକୁ ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ଅଦ୍ୟାବଧି ସେହି ସମସ୍ୟାର ସମାଧାନ ହୋଇପାରି ନାହ । ଜମିଜମାର ରେକର୍ଡ ଭୁଲ ହୋଇଥିବାରୁ ଛାତ୍ରଛାତ୍ରୀ ମାନେ ଆବଶ୍ୟକତା ଅନୁଯାଇ କୌଣସି ସରକାରୀ ପ୍ରମାଣପତ୍ର ପାଇପାରୁ ନାହାନ୍ତ । ଏପରିକି ଗୁରୁତର ସମସ୍ୟା ଯୋଗୁ ଆର୍ଥିକ ସଂକଟରେ ପଡି ମଧ ଲୋକେ ସେମାନଙ୍କ ଜମିର ବିକ୍ରି ଖର୍ଦ୍ଦି କରିପାରୁ ନାହାନ୍ତି । ଜମିଜମାର ଭୁଲ ରେକର୍ଡ ଯୋଗୁଁ ସମଗ୍ର ଅଞ୍ଚଳର ପାଖାପାଖି ଲକ୍ଷେ ଲୋକ ଓ ସେମାନଙ୍କ ଉତ୍ତରାଧିକାରୀ ଦୀର୍ଘ ବର୍ଷ ହେବ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି ।

# ସମ୍ବଲପୁର ଚିଡ଼ିଆଖାନାକୁ ଆସିବ ମହାବଳ, ଡେବ୍ରିଗଡ଼ ଯିବେ ୧୧୫ ହରିଣ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ମୋତିଝରନ୍ ସ୍ଥିତ ସମ୍ବଲପୁର ଚିଡିଆଖାନାକୁ ଏକ ମହାବଳ ବାଘ ଆସିବ। ଏହି ଚିଡ଼ିଆଖାନାରୁ ଡେବ୍ରିଗଡ଼ ଅଭୟାରଣ୍ୟକୁ ୧୧୫ଟି ହରିଣ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମଙ୍ଗଳବାର ଏମାନଙ୍କ ମଧ୍ୟରୁ ୧୨ଟି ହରିଣଙ୍କୁ ପୁର୍ନବାସ କୌଶଳରେ ଅଭୟାରଣ୍ୟରେ ଛଡ଼ା ଯାଇଛି। ଅଭୟାରଣ୍ୟରେ ଏହି ହରିଣମାନେ ପ୍ରଥମେ ଏକାନ୍ତବାସରେ ରହିବେ। ବନ୍ୟପ୍ରାଣୀ ସ୍ଥାନାନ୍ତର ପାଇଁ ଆଫ୍ରିକାରେ ଅନୁସରଣ କରାଯାଇଥିବା କୌଶଳକୁ ବ୍ୟବହାର କରାଯାଇଛି। ଏହି କୌଶଳରେ ବନ୍ୟପ୍ରାଣୀମାନେ ଆରାମରେ ଗୋଟିଏ ସ୍ଥାନକୁ ଅନ୍ୟସ୍ଥାନକୁ ଯାଇଥାନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟରେ ହରିଣମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହାଦ୍ୱାରା ଅଭୟାରଣ୍ୟରେ ହରିଣ (ସ୍ୱଟେଡ୍



ଡିଅର)ଙ୍କ ସଂଖ୍ୟା ବର୍ଗ କିଲୋମିଟର ପ୍ରତି ୫୦ ରୁ ୬୦ରେ ପହଞ୍ଚିବ। ଏହି ହାର ଅରଣା ମଇଁଷିଙ୍କ ସଂଖ୍ୟା ୫୦, ସମ୍ବରଙ୍କ ସଂଖ୍ୟା ୩୦ ଓ ବାର୍ହାଙ୍କ ସଂଖ୍ୟା ପାଖାପାଖି ୭୦ରେ ରହିଛି। ସମ୍ବଲପୁର ଚିଡିଆଖାନାରେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ନନ୍ଦନକାନନରୁ ଏହି ଚିଡ଼ିଆଖାନାକୁ ୧୦ଟି ବ୍ଲେକ୍ ବକ୍ସ ଓ ୮ଟି ହଜ୍ ହରିଣ ଆସିଛନ୍ତି। ଏହି ଚିଡ଼ିଆଖାନାକୁ ଏକ ମହାବଳ ବାଘକୁ ଆଣିବା ପାଇଁ ଆନୁଷାଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଡେବ୍ରିଗଡ଼କୁ ସ୍ଥାନାନ୍ତର ହେବାକୁ ଥିବା ୧୧୫ ହରିଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଭୁବନେଶ୍ୱର ସ୍ଥିତ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞମାନେ ଏହି ପରୀକ୍ଷା କରିଛନ୍ତି। ଅଭୟାରଣ୍ୟରେ ୩ରୁ ୪ ସପ୍ତାହ ସଙ୍ଗରୋଧ ପରେ ଏହି ହରିଣମାନଙ୍କୁ ଜଙ୍ଗଲରେ ଛଡ଼ା ଯିବ। ପ୍ରତି ପର୍ଯ୍ୟାୟରେ ୧୨ ରୁ ୧୬ଟି କରି ହରିଣଙ୍କୁ ସ୍ଥାନାନ୍ତର କରାଯିବ। ସଙ୍ଗରୋଧ ସ୍ଥାନରେ ୧.୨ ହେକ୍ଟର ଜମି, ପାଣି, ଯନ୍ତ୍ରକେନ୍ଦ୍ର, ସିସିଟିଭି କ୍ୟାମେରା ଏବଂ ଚାରୋଟି ମଞ୍ଚା ତିଆରି କରାଯାଇଛି।

ସମ୍ବଲପୁର ଚିଡିଆଖାନା ଏବଂ ଉଦ୍ଧାର କେନ୍ଦ୍ର ୧୯୮୦ ମସିହାରେ ସ୍ଥାପିତ ହୋଇଥିଲା । ସହରର ମୋତିଝରନ ଅଞ୍ଚଳରେ ମୋଟ ୧୩.୧୬ ଏକର ଜମିରେ ଏହା ଅବସ୍ଥିତ । ସହରବାସୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ରରେ ପରିଣତ ହୋଇଥିବା ଏହି ଉଦ୍ୟାନରେ ୧୮ ପ୍ରଜାତିର ବନ୍ୟଜନ୍ତୁ ଏବଂ ୨୭୮ ରୁ ଅଧିକ ପ୍ରଜାତିର ପଶୁପକ୍ଷୀ ରହିଛନ୍ତି । ଚିତା (ଲିଓପାର୍ଡ଼), ହରିଣ, ଭାଲୁ, ସମ୍ବର, ମୟୂର, କୁଟୁରା, ଅଜଗର, ମାଙ୍କଡ଼, କୃଷ୍ଣସାର ମୃଗ ଅଛନ୍ତି। ଏଥିସହ ବାଘ, ନୀଳଗାଈ, ଗଣ୍ଡାଗୟଳ, ଜଙ୍ଗଲୀ ଶ୍ୱାନ, କୁହ୍ଲିଆ ଆଦି ବନ୍ୟଜନ୍ତୁଙ୍କୁ ରଖାଯିବାର ବ୍ୟବସ୍ଥା ରହିଛି। ପୂର୍ବାପେକ୍ଷା ଏହି ଚିଡ଼ିଆଖାନାର ପରିବେଶ ବଦଳିଛି। ଭିତରେ ବିଭିନ୍ନ ବୃକ୍ଷ, ଘାସ ଗାଲିଚା, ଟ୍ରେକିଂ ପାଇଁ ପାଥ୍ ଓ୍ୱେ, ଆକ୍ୱାରିଅମ୍, ଶିଶୁମାନଙ୍କ ପାଇଁ ଖେଳଣା ବ୍ୟବସ୍ଥା ଯୋଗୁଁ ଏଠାକୁ ପର୍ଯ୍ୟଟକମାନଙ୍କ ଆକର୍ଷଣ ବଢ଼ିଛି।

# ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟୱାର୍କ ସାତସପନ

ବୋରିଗୁମ୍ମା,(ସବ୍ୟୁ): ଆଧୁନିକ ଯୁଗରେ ଲୋକେ ବିନା ମୋବାଇଲ ଗୋଟିଏ ମିନିଟ ଚଳପ୍ରଚଳ କରିପାରୁ ନାହାନ୍ତି। ମୋବାଇଲ ନେଟୱାର୍କ ୪-ଜି ରୁ ୫- ଜି କୁ ପହଁଚିଲା। ଡିଜିଟାଲ ଯୁଗରେ ଲୋକେ ମୋବାଇଲରେ କାହିଁ କେତେ ସୁବିଧା ପାଇ ପାରୁଛନ୍ତି । ହେଲେ ଉପାନ୍ତ ଅଞ୍ଚଳର ଲୋକେ ଜରୁରୀ କାଳୀନ ପରିସ୍ଥିତିରେ ମଧ ଫୋନ କରିବା ପାଇଁ ଜୀବନକୁ ବାଜି ଲଗାଇ କିଏ ପାହାଡ଼ ଚଢ଼ି ନେଟୱାର୍କ ଖୋଜୁଛି ତ କିଏ ମଞ୍ଚା ଉପରେ ଚଢ଼ି ସଂଘର୍ଷ କରୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରଡ଼ାଗୁଡା ପଞ୍ଚାୟତ ଅଧିନ ଉପାନ୍ତ ଅଞ୍ଚଳ ଚାନ୍ଦବେଡା ଗାଁ ରେ। ଚାନ୍ଦବେଡା ଗାଁ ପାହାଡ଼ ଜଙ୍ଗଲ ଘେରା ମଧରେ ଅବସ୍ଥିତ। ଏହି ଗାଁ ରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗାଁ ରେ ମୋବାଇଲ ନେଟୱର୍କ ନାହିଁ। ଲୋକେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବାକୁ ହେଲେ କିଏ ପାହାଡ଼ ଉପରେ ଚଢନ୍ତି ତ କିଏ ମଞ୍ଚା କିମ୍ବା ବଡ଼ ବଡ଼ ଗଛ ଉପରେ ଚଢ଼ି ଫୋନ କରନ୍ତି। ଦିନ ବେଳେ କୌଣସି ପ୍ରକାର ଚଳି ଯାଏ । କିନ୍ତୁ ରାତିରେ ଗର୍ଭବତୀ ମହିଳାଙ୍କ ଦେହ କିମ୍ବା କୌଣସି ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଗାଁ ଲୋକେ ଆମ୍ବୁଲାନ୍ସକୁ ଫୋନ କରିବା ପାଇଁ ମଶାଲ ଧରି ପାହାଡ଼ ଉପରେ ଚଢ଼ି ଫୋନ କରନ୍ତି। କାରଣ ହିଂସ୍ରଜନ୍ତୁଙ୍କ ଡର ରହିଥାଏ। ସରକାର ସମସ୍ତ ପ୍ରକାର ସେବା ମୋବାଇଲରେ ଉପଲବ୍ଧ କରିଛନ୍ତି । କିନ୍ତୁ ଉପାନ୍ତ ଅଞ୍ଚଳରେ ନେଟୱାର୍କ ସୁବିଧା ନଥିବା ଯୋଗୁଁ କିଛି ସୁବିଧା ପାଇ ପାରୁ ନାହାଁନ୍ତି। ଚାନ୍ଦବେଡା ସ୍କୁଲରେ ସରକାର ପିଲା କିଭଳି ଡିଜିଟାଲରେ ପାଠ ପଢିବେ ସେଥିପାଇଁ ବଡ଼ ବଡ଼ ଏଲଇଡ଼ି ଟିଭି ଯୋଗାଇଛନ୍ତି ହେଲେ ଲାଭ କଣ ବିନା ଇଣ୍ଟରନେଟରେ ଚାଲିବା ଅସମ୍ଭବ। କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ କିମ୍ବା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ଜରୁରୀକାଳୀନ ପରିସ୍ଥିତିରେ ଫୋନ କରିବା କିମ୍ବା ଆଶା ଦିଦିଙ୍କୁ ଯୋଗାଯୋଗ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗାଁ ଲୋକେ। ଗାଁ ରେ ମୋବାଇଲ ଟାୱାର ଟିଏ ପାଇଁ ଗାଁ ଲୋକେ ନେତା ମନ୍ତ୍ରୀ ଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀଙ୍କୁ ଗୁହାରି କରି କରି ଥକିଗଲେଣି। କିନ୍ତୁ କେହି କର୍ଣ୍ଣପାତ କରୁ ନାହାନ୍ତି। ନିର୍ବାଚନ ପୂର୍ବରୁ ନେତା ପ୍ରତିଶ୍ରୁତିରେ ପୋତି ପକାନ୍ତି । ନିର୍ବାଚନ ପରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହି ଯାଇଛି। ଜରୁରୀକାଳୀନ ପରିସ୍ଥିତି ରେ ବେଳେ ବେଳେ ନେଟୱାର୍କ ନଥିବା ଯୋଗୁଁ ଠିକ ସମୟରେ ଅଗ୍ନିଶମ ଗାଡ଼ି ପହଂଚି ପାରୁ ନାହିଁ । ଫଳରେ ଅନେକ ଧନ ଜୀବନ ନଷ୍ଟ ହେଉଛି। କେବଳ ଉପାନ୍ତ ଅଞ୍ଚଳ ଚାନ୍ଦବେଡା ନୁହଁ ବରଂ ଚମ୍ପାପଦର ଓ ହରଡ଼ାଗୁଡା ପଞ୍ଚାୟତର ଅନେକ ଗ୍ରାମ ରହିଛି । ଯେଉଁଠି ମୋବାଇଲ ନେଟୱ୍ର୍କ ନାହିଁ । ଏଣୁ ଉପାନ୍ତ ଅଞ୍ଚଳକୁ ତୁରନ୍ତ ମୋବାଇଲ ସେବା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୁଦ୍ଧରେ ପ୍ରତାରଣା

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନୁସୂଚିତ ଜାତିର ଠିକା କର୍ମଚାରୀ କୈଳାଶ ଚନ୍ଦ୍ର ମାଝୀ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ନେତ୍ରାନନ୍ଦ ନାୟକଙ୍କ ବିରୁଦ୍ଧରେ ପ୍ରତାରଣା ଅଭିଯୋଗ ଆଣିବା ସହ ତାଙ୍କୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ସେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡିଓ ଭାବେ ପ୍ରାୟ ଦଶନ୍ଧି ଧରି କାର୍ଯ୍ୟ କରି ଆସୁଥିବା ବେଳେ ତାଙ୍କୁ ଏଭଳି ପ୍ରତାରଣା ଗତ ଦୁଇ ବର୍ଷ ହେଲା କରି ଆସୁଥିବା ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତ ରାୟଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ହେଲା ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଶ୍ରୀ ନାୟକ ମଦ ଆଣିବାକୁ କହିଥିଲେ । କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କ ପ୍ରତି ଏଭଳି ପ୍ରତାରଣା କରୁଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି । ଏହା ମଧ କହିଛନ୍ତି ଯେ କାର୍ଯ୍ୟରତ ସମୟରେ ଡାକ୍ତର ମଦ୍ୟପାନ କରନ୍ତି । ଚଳିତ ଆର୍ଥିକ ମାସ ଜୁଲାଇର ଉପସ୍ଥାନ ଖାତାରେ ଲାଲରଙ୍ଗ ଗାର ଟାଣି କାର୍ଯ୍ୟକୁ ନଆସିବାକୁ କହିଥିବା କହିଛନ୍ତି। ଏ ନେଇ ଆମ ପ୍ରତିନିଧି ଡାକ୍ତର ନାୟକଙ୍କୁ ପଚାରିବାରୁ କହିଥିଲେ ସେ ଡିଓ ମାଝୀବାବୁ ଯେଉଁ ଯୋଜନା ନିମନ୍ତେ ନିଯୁକ୍ତି ହୋଇଥିଲେ ବର୍ତ୍ତମାନ ସେ ଯୋଜନା ବନ୍ଦ ହୋଇଗଲା। ଏହା ପୂର୍ବରୁ ସେମାନଙ୍କୁ ଚିଠି ମଧ ପ୍ରଦାନ କରାଯାଇଛି। ଯେହେତୁ ସେ ଯୋଜନାର ଅର୍ଥ ନାହିଁ କେମିତି ଦରମା ଦିଆଯିବ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଦ ଆଣିବା ବିଷୟରେ କହିଛନ୍ତି ସେଭଳି କିଛି ହୋଇନାହିଁ ଏହା ସମ୍ପୂର୍ଣ୍ଣ ମିଛକଥା । ଏହି ଘଟଣାକୁ ନେଇ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ରାଉତ ରାୟ କହିଛନ୍ତି ତଦନ୍ତ କରିବା ପରେ ଘଟଣା ସମ୍ପର୍କରେ ସୂଚନା ଦେବି ।

# ବୋଲବମ ଭକ୍ତଙ୍କ ୫୦ କିମି ପଦଯାତ୍ରା

ସିନାପାଲି,(ସବ୍ୟୁ): ବିଭିନ୍ନ ମନ୍ଦିରରେ ପବିତ୍ର ଜଳ ଢାଳି ନିଜର ମନସ୍କାମନା ପୂରଣ ପାଇଁ ଗୁହାରି ଜଣାଇବେ ବୋଲବମ୍ ଭକ୍ତ । ଏହା ପାରମ୍ପରିକ ବିଶ୍ୱାସ ରହି ଥିବା ବେଳେ ଶ୍ରାବଣ ମାସ ବୋଲବମ ଭକ୍ତଙ୍କ ଏକ

## ମାତାପିତାଙ୍କୁ ପୂଜାକରି ଢ଼ାଳିବେ ପବିତ୍ର ଜଳ



ଗୁରୁତ୍ୱପୂର୍ଣ୍ଣ ମାସ । ହଜାର ହଜାର ଭକ୍ତ ବିଭିନ୍ନ ଶିବ ମନ୍ଦିରକୁ ପାରମ୍ପରିକ ରୀତିରେ ବୋଲବମ ଯାଉଥିବା ବେଳେ ଏବେ ଏକ ନିଆରା ଢଙ୍ଗରେ ବୋଲବମ ଯାଇଥିବା ଦେଖିବାକୁ ମିଳିଛି। ସିନାପାଲି ଅନ୍ତର୍ଗତ ଲିଟିଗୁଡା ଗ୍ରାମର ଯୁବକ ଲିଙ୍ଗରାଜ ମାଝୀ ସୋମବାର ତୀର୍ଥକ୍ଷେତ୍ର ପାତାଳଗଙ୍ଗାରୁ ପବିତ୍ର ଜଳ ଉଠାଇଛନ୍ତି। ତାହା ପୁଣି କୌଣସି ଏକ ଛୋଟିଆ ପାତ୍ରରେ ନୁହେଁ। ଦୁଇଟି ବଡ଼ ଜାରରେ। ତାଙ୍କ କହିବାନୁସାରେ ଲୋକେ କେବଳ ଭଗବାନ ଶିବଙ୍କୁ ପାଣି ଢାଳି ଭକ୍ତି ଭାବ କରୁଛନ୍ତି। କିନ୍ତୁ ଚଳନ୍ତି ଦୃଶ୍ୟମାନ ଭଗବାନ ହେଉଛନ୍ତି ମାଁ ଓ ବାପା। ତାଙ୍କୁ କାହିଁକି ଅଣଦେଖା କରାଯିବ। ମୁଁ ପାଣି ଆଣି ପ୍ରଭୁ ଶିବଙ୍କ ଚରଣରେ ଢାଳିବା ସହ ମାଁ ବାପାଙ୍କ ଚରଣରେ ମଧ ଢାଳିବି ବୋଲି କହିଛନ୍ତି। ଏଣୁ ସେ ପ୍ରାୟ ୫୦ କିମି ବୋଲବମ ଯାଇ କାବେଡ଼ରେ ୪୦ ଲିଟର ଜଳ ଧରି ପଦଯାତ୍ରା କରିଛନ୍ତି। ପ୍ରାୟ ୫୦କିଲୋମିଟର ଦୂର ରାସ୍ତା ପଦଯାତ୍ରା ଅତିକ୍ରମ ପରେ ସେ ଚଳନା ବରଦେଶ୍ୱର ମନ୍ଦିରରେ ବୁଧବାର ପହଞ୍ଚିବେ। ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ପରେ ମାତା ଛେଦ ମାଝୀ ଓ ପିତା ପବିତ୍ର ମାଝୀଙ୍କ ଚରଣରେ ଜଳ ଢାଳି ଆଶୀର୍ବାଦ ନେବେ ବୋଲି କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ବୋଲବମ ଯୁବବର୍ଗଙ୍କ ପାଇଁ ଏକ ଫେସନ ପାଲଟି ଥିବା ବେଳେ ଯୁବକଙ୍କ ଏଭଳି ନିଆରା ଢଙ୍ଗରେ ବୋଲବମର ପ୍ରୟାସକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳିଛି।

## ପ୍ରାଦେଶିକ ଖେଳକୁଦ ସମାରୋହ

# ନର୍ଲା ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ଯୋଗଦାନ

ନର୍ଲା,(ସବ୍ୟୁ): ଚଳିତ ମାସ ୧୨ ତାରିଖରୁ ୧୪ ପର୍ଯ୍ୟନ୍ତ ତିନି ଦିନ ଧରି କଟକର ଗତି ରାଉତ ପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି ପ୍ରାଦେଶିକ ଖେଳ କୁଦ ସମାରୋହ । ସମାରୋହରେ ଦକ୍ଷିଣ ସମ୍ଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ନର୍ଲା ସରସ୍ୱତୀ ଶିଶୁ ମନ୍ଦିରର ବାଲ ବର୍ଗ ଭାଇ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ଖେଳ ପାଇଁ ପ୍ରତିଯୋଗିତା ହୋଇଥିବା ବେଳେ ଖୋକୋ ଖେଳରେ ନର୍ଲା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ମାନେ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକଙ୍କ ତତ୍ତ୍ୱାବଧାନରେ ଜୟଦେବ ପୋଢ ଏବଂ ତୁଳସୀ ରାମ୍ ବିଶି ଛାତ୍ର ମାନଙ୍କୁ ପ୍ରଶିକ୍ଷିତ କରି ଏହି ସଫଳତା ପର୍ଯ୍ୟନ୍ତ ପହଞ୍ଚାଇ ଥିବାରୁ ସ୍କୁଲ ପରିଚାଳନା ସମିତି ତଥା ସମସ୍ତ ଗୁରୁଜୀ ଗୁରୁମା ସଫଳତା ପାଇଥିବା ଛାତ୍ରଙ୍କ ସହିତ ଦୁଇ ଗୁରୁଜୀଙ୍କୁ ମଧ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ସହିତ ଶାରୀରିକ ବିକାଶ ପାଇଁ ଏହି ଭଳି କାର୍ଯ୍ୟ କ୍ରମ କରିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

# ଶ୍ରୀବତ୍ସ ବେହେରା ସାଂସଦଙ୍କ ବ୍ଲକ ପ୍ରତିନିଧି ନିଯୁକ୍ତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ମୁରିବାହାଲ ବ୍ଲକ ପ୍ରତିନିଧି ରୂପେ ଶ୍ରୀବତ୍ସ ବେହେରା ପୁଣି ଥରେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ବେହେରା ସାଂସଦ ପ୍ରତିନିଧି ନିଯୁକ୍ତ ହେବା ପରେ ମଙ୍ଗଳବାର ସେ ତାଙ୍କର ନିଯୁକ୍ତି ପତ୍ର ମୁରିବାହାଲ ବିଡ଼ିଓ ପୂର୍ଣାନନ୍ଦ ପଟେଲଙ୍କୁ ପ୍ରଦାନ କରିଥିଲେ। ଏହାପରେ ବ୍ଲକ ସଭାଗୃହରେ ନବନିଯୁକ୍ତ ସାଂସଦ ପ୍ରତିନିଧି ଶ୍ରୀ ବେହେରାଙ୍କ ସମ୍ମାନାର୍ଥେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା।

# କାଦୁଅ ପଚପଚ ରାସ୍ତାରେ ଧାନ ଗଛ ଲଗାଇ ଅଭିନବ ପ୍ରତିବାଦ

ମାଲକାନଗିରି,(ସବ୍ୟୁ): ବର୍ଷା ଋତୁରେ ବାଲି ଟ୍ରକ ସାଜିଲା କାଳ। ଲଗାତାର ଗାଁ ରାସ୍ତାରେ ବାଲି ଟ୍ରକ ଗୁଡିକ ଯିବା ଆସିବା କରିବା ଦ୍ୱାରା ଏବେ ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତା ପାଲଟିଛି ମରଣଯନ୍ତା। ବାରମ୍ବାର ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ କେହି ନଶୁଣିବାରୁ ରାସ୍ତାରେ ଧାନ ଗଛ ଲଗାଇ ଅଭିନବ ପ୍ରତିବାଦ କଲେ ଗ୍ରାମବାସୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଥିଲି ବ୍ଲକର ଚାଉଳମେନ୍ଦି ପଞ୍ଚାୟତରେ। ଚାଉଳମେନ୍ଦି ବାଲିଘାଟରୁ ପ୍ରତିଦିନ ବଡ ବଡ ଟିପ୍ପର ଗୁଡିକ ମାଡକାମୀଗୁଡା ଏବଂ ମୁଣ୍ଡାଗୁଡା ଦେଇ ବାଲି ନେଉଛନ୍ତି। ବାରମ୍ବାର ଗାଁ ରାସ୍ତାରେ ଭାରିଯାନଗୁଡିକ ଯିବାଆସିବା କରିବା ଦ୍ୱାରା ରାସ୍ତା ଖରାପ ପଡିଛି। ରାସ୍ତାରେ



କାଦୁଅ ପଚ ପଚ ହୋଇଥିବା ଦେଖିବାକୁ ମିଳିଛି । ଏପରିକି ଏହି ରାସ୍ତାରେ ପାଦରେ ଚାଲି ଯିବା ମଧ କଷ୍ଟକର ହୋଇପଡିଛି।

ବହୁ ବାର ଦାବି କରିବା ପରେ ଏହି ଗ୍ରାମକୁ ସରକାର ରାସ୍ତା କଲେ ସତ କିନ୍ତୁ ଭାରି ଯାନ ଯିବା ଆସିବା କରିବା ଦ୍ୱାରା ଏହି ରାସ୍ତା ଗୁଡିକ ବର୍ଷା ଦିନେ ଖରାପ ହୋଇଯାଉଛି। ରାସ୍ତାରେ ଦୁଇ ଫୁଟର ଗାତ ସୃଷ୍ଟି ହୋଇଛି। ସେହି ଗାତରେ ବର୍ଷା ପାଣି ଭରି ରହିବା ଫଳରେ ମୋଟର ସାଇକେଲ ଆରୋହୀମାନେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ଏନେଇ ଦୁଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଏବଂ ବାଲି ଟ୍ରକଗୁଡିକକୁ ରାସ୍ତାରେ ବର୍ଷା ଦିନେ ନଆସିବା ପାଇଁ ଅନୁରୋଧ କରୁଥିଲେ ମଧ କେହି ନଶୁଣିବାରୁ ବାଧ ହୋଇ ଲୋକେ ରାସ୍ତାରେ ଧାନ ଗଛ ଲଗାଇ ଅଭିନବ ପ୍ରତିବାଦ କଲେ। ଶତାଧିକ ଗ୍ରାମବାସୀ ଏହି ରାସ୍ତାରେ ଛିଡା ହୋଇ ବାଲି ଟ୍ରକକୁ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଏଥିରେ ଯଦି ପ୍ରଶାସନ କୌଣସି ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# ହେରା ପଞ୍ଚମୀ ଉପଲକ୍ଷେ ପଞ୍ଚମର ଭଜନ ସମାରୋହ

ବଲାଙ୍ଗିର,(ସବ୍ୟୁ): ପବିତ୍ର ହେରା ପଞ୍ଚମୀ ଅବସରରେ ଗୁରୁବାର ବଲାଙ୍ଗିରର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚମର ବାର୍ଷିକ ଭଜନ ସମାରୋହ ରାଧାରାଣୀ ପଦା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ମହାସମାରୋହରେ ଆୟୋଜନ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ମୁରଲିଧାରୀ ପତି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଭଜନ ସମ୍ରାଟ ଭିକାରି ବଳଙ୍କ କଣ୍ଠରୁ ନିଃସୃତ ଭଜନ ମିଛ ଦୁନିଆରେ ଗୋଟିଏ ସତ ପରିବେଷଣ କରି କାର୍ଯ୍ୟକ୍ରମର ଧାରା ଆଗକୁ ଅଗ୍ରସର କରିଥିଲେ । ପରେ ଅନୁଷ୍ଠାନର ବରିଷ୍ଠ ଶିଳ୍ପୀ ହିମାଂଶୁ ବେହେରା, ଶ୍ରାବଣୀ ମେହେର, ପ୍ରୀତମ ମିଶ୍ର, ସରିତା ବେହେରା,ତନ୍ମୟ କୁମାର, ଅଂଶୀତା ପଣ୍ଡା,ସୁନୀଲ ଜଗଦଳା, ମଧୁସ୍ମିତା ସାହୁ, ଅନେ୍ୱଷଆ ବାଗ, ଆଦ୍ୟାଶା ବେହେରା, ଚିନ୍ମୟୀ ସାହୁ, ଅମ୍ବିକା ମେହେର, ସୃତି ସଂପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳି ଦାଶ, ସୁଜାତା ପୁଟେଲ, ଓ ଅନୁଷ୍ଠାନର ଶିଶୁ କଳାକାର ଆଦ୍ୟାଶା, ଗାୟତ୍ରୀ, ସିଦ୍ଧି, ତପସ୍ୱିନୀ, ନୟାନିକା, ଶ୍ରେୟଂଶି, ବବିତା,ସ୍ମୃତି ବିନ୍ଦୁ ପ୍ରଭୃତି ଜଗନାଥ ଭଜନ ପରିବେଷଣ କରିଥିଲେ, ବିବିନ୍ନ ବାଦ୍ୟ ଯନ୍ତ୍ର ରେ ସମ୍ପିତ ସାହୁ, ତନ୍ମୟ କୁମାର, ରୋନାକ କୁମହାର, ସଂସ୍କାର ସ୍ୱରୂପ ମିଶ୍ର, ଶୁଭେନ୍ଦୁ ଜାଲ,ଉଦଘୋଷଣ କାର୍ଯ୍ୟ ଅର୍ଜ୍ଜୁନ ସାହୁ ସମ୍ଭାଳି ଥିବା ବେଳେ ଗୁରୁଃଶ୍ରୀ ଗୌରକିଶୋର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରାଜକୁମାର ହୋତା, ବୃଷଭ ମେହେର, ରାଧାକୃଷ୍ଣ ମନ୍ଦିର ଭକ୍ତ ବୃନ୍ଦ ତଥା ପୂଜକ ଗୋକୁଳା ନନ୍ଦ ମିଶ୍ରଙ୍କ ସହଯୋଗରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ମାନେ ଜଗନ୍ନାଥ ଭଜନ ଶ୍ରବଣ ପୂର୍ବକ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ ।

# କୁକୁର କାମୁଡ଼ାରେ ଗୁରୁତର ବାଛୁରୀର ମୃତ୍ୟୁ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ବାଛୁରୀକୁ କେତେକ କୁକୁର କାମୁଡି ଗୁରୁତର ଆଘାତ କରିଥିଲେ । ସ୍ଥାନୀୟ ମୁରିବାହାଲ ବଜରଙ୍ଗ ଦଳର ସଦସ୍ୟମାନେ ଖବର ପାଇ ସେଠାକୁ ଯାଇ ବାଛୁରୀକୁ ଉଦ୍ଧାର କରିଥିଲେ । ସ୍ଥାନୀୟ ଅଞ୍ଚଳର ପ୍ରାଣୀ ମିତ୍ର ଉଗ୍ରସେନ ବଗର୍ତ୍ତି ବାଛୁରୀକୁ ଆଶୁ ଚିକିତ୍ସା କରିଥିଲେ । ଚିକିତ୍ସା କରିଲା ପରେ ବାଛୁରୀ ସୁସ୍ଥ ରହିଥିଲା । ପରବର୍ତ୍ତୀ ସମୟରେ ଅବସ୍ଥା ଅଧିକ ଗୁରୁତର ହେବାରୁ ବାଛୁରୀ ଶେଷରେ ପ୍ରାଣ ହରାଇଥିଲା । ଏହି ସମୟରେ ମୁରିବାହାଲ ପ୍ରଖଣ୍ଡର ସମସ୍ତ ବଜରଙ୍ଗ ସଦସ୍ୟ ଉପସ୍ଥିତ ହୋଇ ହିନ୍ଦୁ ଧର୍ମୀୟ ରୀତି ନୀତିରେ ବାଛୁରୀର ଶବ ସତ୍କାର କରିଥିଲେ।

# ସଂକଳ୍ପ ପରିବାର ପକ୍ଷରୁ ବୃକ୍ଷରୋପଣ

ବରଗଡ,(ସବ୍ୟୁ): ବରଗଡ ଜିଲ୍ଲା ପୋଢ଼ମୁଣ୍ଡା ଗ୍ରାମରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର,ବରଗଡ ଓ ପୋଢ଼ମୁଣ୍ଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମ ପରିସରରେ ରହିଥିବା ଖାଲି ସ୍ଥାନରେ ସାମାଜିକ ବନୀକରଣ ତଥା ୭୫ତମ ବନ ମହୋତ୍ସ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ଓ ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ ମିଳିତ ଭାବେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଂକଳ୍ପ ପରିବାରର ସମ୍ପାଦକ ଜି. ରମେଶଙ୍କ ସଂଯୋଜନା ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସମାପନ ହୋଇଛି । ବୃକ୍ଷ ରୋପଣ ମହୋତ୍ସବରେ ଆୟୋଜକମାନେ ଗ୍ରାମ ପରିସରରେ ରହିଥିବା ବିଭିନ୍ନ ଖାଲି ସ୍ଥାନ, ପୋଖରୀ ହିଡ ଏପରି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଗ୍ରାମ ପରିସରରେ ଏକ ସୁନ୍ଦର ଓ ମନୋରମ ପରିବେଶ ସୃଷ୍ଟି ହେବା ସହ ମଣିଷ ଜୀବନର ପରିକଳ୍ପନା କରିବାକୁ ହେଲେ ବୃକ୍ଷର ସଂରକ୍ଷଣ ଆମର କର୍ତ୍ତବ୍ୟ ହୋଇଥିବାରୁ ଗଛ ଲଗାଇ ତାହାର ଉଚିତ ଯତ୍ନ ନେଇ ଏହି ସ୍ଥାନକୁ ଏକ ସୁନ୍ଦର ସବୁଜ ସ୍ଥାନ ଭାବରେ ପରିଗଣିତ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ସହଯୋଗୀ ମାନଙ୍କ ମଧ୍ୟରେ ପୋଢ଼ମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ସହିତ ଶିକ୍ଷକ, ଶିକ୍ଷୟିତ୍ରୀ, ପୋଢ଼ମୁଣ୍ଡା ଗ୍ରାମର ଭଦ୍ରବ୍ୟକ୍ତି, ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପୁଷ୍ପାଞ୍ଜଳି ଭୁଏ, କିଶୋରୀ ଭୁଏ, ଅନିମା ଭୁଏ, ଲିପି ଭୁଏ, କିଶର ଭୁଏ, ଶିଶିର ବିଶ୍ୱାଳ, ଜୟଦେବ ସାହୁ, ତଥା ସଂକଳ୍ପ ପରିବାର ଦେବେନ୍ଦ୍ର ଭୁଏ, ସୁରେନ୍ଦ୍ର ଭୁଏ, ନିଲେସ ପଧାନ, ଆଲୋକ ସାହୁ, ରାଜୀବ ସାହୁ,ଶେଷଦେ ପଧାନ, ପିଙ୍କୁ ପଣ୍ଡା ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ଅଇଁଠାପାଲି ନିକଟ ୩୩ କେଭି ଫିଡର ଲାଇନର ରକ୍ଷଣାବେକ୍ଷଣ ପାଇଁ ଗୁରୁବାର ବିଦ୍ୟୁତ ଯୋଗାଣ ବନ୍ଦ ରହିବ

ସମ୍ବଲପୁର (ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟିପିଡବ୍ଲୁଡିଏଲ୍ ପକ୍ଷରୁ ସମ୍ବଲପୁର ସହର ସ୍ଥିତ ଅଇଁଠାପାଲି ନିକଟବର୍ତ୍ତୀ ୩୩ କେଭି ଫିଡର୍ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ସହର ଅନ୍ତର୍ଗତ ଅଇଁଠାପାଲି, କାଇଁସି, ଭାଲୁପାଲି, ବୁଢାରଜା, ପ୍ରଧାନପଡ଼ା, ଅନୁଗୁଳିଆପଡ଼ା, ଏସଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଟ୍ଟନାୟକପଡ଼ା, ମୁଦିପଡ଼ା, ଲେବର କଲୋନୀ, ରେଲୱେ କଲୋନୀ, ବଙ୍ଗାଳିପଡ଼ା, ବଡ଼ବଜାର, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, ସହଯୋଗ ନଗର, ରେମେଡ଼, ବରେଇପାଲି, ଏବଂ କ୍ଷେତ୍ରରାଜପୁର ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ୧୮ଜୁଲାଇ ସକାଳ ୮ ଟାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି ।

# କଳ୍ପନା ରଥଙ୍କ ୨ ପୁସ୍ତକ ଲୋକର୍ପିତ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାରର ସଭାଗୃହରେ ସୁଲେଖିକା କଳ୍ପନା ରଥଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ ହୋଇଯାଇଛି । ଆୟୋଜିତ ଉତ୍ସବରେ କଳାହାଣ୍ଡି ଜିଲ୍ଲାର ଶତାଧିକ ଲେଖକ, କବି ଓ ସଂସ୍କୃତି ସଂପନ୍ନ ବ୍ୟକ୍ତି ଯୋଗ ଦେଇଥିଲେ । କଳ୍ପନା ରଥ କଳାହାଣ୍ଡି ତଥା ସମଗ୍ର ଓଡ଼ିଶାର ଜଣେ ପ୍ରତିଷ୍ଠିତ ଲେଖିକା, କବି, ଶିକ୍ଷାବିତ୍ ତଥା ଜଣେ ସଂଗଠିକା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଲେଖିକାଙ୍କର ପୂର୍ବରୁ ପ୍ରକାଶ ପାଇଥିବା ପୁସ୍ତକ 'ବୋଉର ଶାଢ଼ୀ' ବେଶ୍ ଲୋକପ୍ରୟତା ଅର୍ଜନ କରିଛି । ଶତାଧିକ ପାଠକଙ୍କ ଗହଣରେ ଶ୍ରୀରୂପା ପବ୍ଲିକେସନ୍ସ ,ଭବାନୀପାଟଣା ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ପ୍ରଥା' ଓ କବିତା ସଂକଳନ 'କଣ୍ଢେଇ' ଲୋକାର୍ପିତ ହୋଇଯାଇଛି । ସରଳ ଓ ବୋଧଗମ୍ୟ ଭାଷାରେ କବି ରଚନା କରିଥିବା କବିତାମାନ ପାଠକଙ୍କ ହୃଦୟକୁ ବେଶ୍ ଛୁଇଁପାରିଛି । ସମାଜର ସାଂପ୍ରତିକ ବ୍ୟବସ୍ଥାକୁ କବି ନିଜର



ଆକ୍ରୋଶ,ବିଦ୍ରୂପ ତଥା ବ୍ୟଙ୍ଗ୍ୟ ମାଧ୍ୟମରେ ବ୍ୟକ୍ତ କରିଛନ୍ତି 'କଣ୍ଢେଇ' କବିତା ସଂକଳନରେ । ସେହିପରି 'ପ୍ରଥା' ଗପ ବହିଟିରେ ବ୍ରାହ୍ମଣୀ ବିଧବା ମାନଙ୍କ କଥା ବର୍ଣ୍ଣନା କରାଯାଇଛି । ବିଧବା ହେବା ପଛରେ ସଂପୃକ୍ତ ନାରୀଟିର କୌଣସି ଭୂମିକା ନଥାଇ ସେ ପ୍ରତିଦିନ ସେ ମରୁଥାଏ । ପ୍ରତି ସକାଳରେ ନୂଆ ଅପବାଦ ଟିଏ, ନୂଆ ଲାଞ୍ଛନା ଟିଏ ତା' ପାଇଁ ତିଆରି ହେଉଥାଏ । ପ୍ରଥାରେ ଥିବା ପ୍ରାୟ ସବୁ ଗପ ସେହି ବ୍ରାହ୍ମଣୀ ବିଧବାଙ୍କ କାହାଣୀ । ସମାଜରେ ଆଜି ବି ଏମିତି ଅସରନ୍ତି ପ୍ରଥାର କଷାଘାତ ସହିବାକୁ ହୁଏ ବିଧବା ନାରୀକୁ । ଏହି କୁପ୍ରଥା ବିରୁଦ୍ଧରେ ଲେଖିକା ତୀବ୍ରସ୍ୱର ଉତ୍ତୋଳନ କରିଛନ୍ତି । ଲୋକାର୍ପିତ ଉତ୍ସବରେ ସଭାପତିତ୍ୱ କରିଥିଲେ କଥାକାର ସୁକାନ୍ତ ସାହୁ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସୁଖ୍ୟାତ ଶିକ୍ଷାବିତ୍ ଓ କବି ଲିଙ୍ଗରାଜ ମିଶ୍ର, । ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ବିରିଷ୍ଠ ନାଟ୍ୟକାର ଓ ଲେଖକ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କବି ଲଳିତ କାନୁନଗୋ, ନାଟ୍ୟକାର ପରମେଶ୍ୱର ମୁଣ୍ଡ, ସାମ୍ବାଦିକ ଶାନ୍ତନୁ କୁମାର ବେହେରା । କାର୍ଯ୍ୟକ୍ରମର ପରିଚାଳନା କରିଥିଲେ କବି ବିରଞ୍ଚି ନାରାୟଣ ମୁଣ୍ଡ, ଧନ୍ୟବାଦ ଅର୍ପଣ କରିଥିଲେ ଯୁବ କବି ପ୍ରତାପ ପଣ୍ଡା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରପାଠ କରିଥିଲେ କବି ସ୍ନେହଲତା ଷଡ଼ଙ୍ଗୀ, ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ସସ୍ମିତା ରଥ । ସେହିପରି କବିଙ୍କ ପ୍ରକାଶିତ କବିତା ପୁସ୍ତକ 'କଣ୍ଢେଇ'ରୁ କବିତା ପାଠ କରିଥିଲେ ସ୍ୱର୍ଣ୍ଣକାନ୍ତି ବୈକାର, ଅର୍ଚ୍ଚନା ମିଶ୍ର,ପ୍ରତାପ ପଣ୍ଡା, ପ୍ରଣତୀ ମିଶ୍ର, ଅନୀତା ମୁଣ୍ଡ,କାଜଲ ମହାରଣା ଓ ଗଳ୍ପ ପୁସ୍ତକ 'ପ୍ରଥା'ରୁ ଗୋଟିଏ ଗଳ୍ପ ପାଠ କରିଥିଲେ କବି ସୁନୀତି ମୁଣ୍ଡ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶିତ ପୁସ୍ତକ ଦ୍ୱୟର ଆଲୋଚନା କରିବା ଛଳରେ କହିଥିଲେ ଯେ ପୁସ୍ତକରେ ରଚିତ ଗଳ୍ପ ଓ କବିତା ଲେଖିକାଙ୍କ ଅନୁଭବର କଥା । ସେମାନେ କହିଥିଲେ ଯେ ଯେଉଁ ଲେଖାରେ ଯେତେ ଅନୁଭବ ମିଶି ରହିବ ଓ ଲେଖକଙ୍କର ଯେତେ ସଂପୃକ୍ତି ରହିବ ସେ ଲେଖା ସେତେ ପାଠକାଦୃତି ଲାଭ କରିବ ଓ କାଳଜୟୀ ହେବ। କବି ତଥା ଗାଳ୍ପିକାଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିଥିଲା ସଭାସ୍ଥଳ ।

(ଶ୍ରୀମଦ୍ଭଗବଦ୍ ଗୀତା ୭/୮)
–ଜ୍ଞାନବିଜ୍ଞାନଯୋଗଃ–
(ଶ୍ରୀଭଗବାନୁବାଚ)

**ରସୋହମପ୍ସୁ କୌନ୍ତେୟ ! ପ୍ରଭାସ୍ମି ଶଶିସୂର୍ଯୋୟୋ! ।**
**ପ୍ରଣବଃ ସର୍ବଦେବେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ॥୮॥**

ହେ କୌନ୍ତେୟ ! ମୁଁ ଜଳରେ ରାସ (ରସତନ୍ମାତ୍ର), ଚନ୍ଦ୍ର ସୂର୍ଯ୍ୟରେ ପ୍ରଭା, ସମୁଦାୟ ବେଦରେ ପ୍ରଣବ, ଆକାଶରେ ଶବ୍ଦ ଏବଂ ମାନବଗଣରେ ପୌରୁଷ ଅର୍ଥାତ୍ ଉଦ୍ୟମ ରୂପରେ ଅବସ୍ଥିତ ଅଛି ॥୮॥

# ସମ୍ପାଦକୀୟ

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ହୋଇଥିବା ହତ୍ୟା ଉଦ୍ୟମ ଆମେରିକାର ରାଜନୈତିକ ହିଂସାର ଏକ ନୂଆ ଅଧ୍ୟାୟ ଯୋଡିଛି । ରାଷ୍ଟ୍ରପତି ପଦ ପାଇଁ ନଭେମ୍ବରରେ ନିର୍ବାଚନ ହେବ ଏବଂ ଏହା ପୂର୍ବରୁ ଏହିଭଳି ଘଟଣା ଘଟିବା, ଅନେକଙ୍କୁ ସ୍ତବ୍ଧ କରିଦେଇଛି । ଏହା ନିର୍ବାଚନ ପ୍ରଚାରର ଗୋଟିଏ ବଡ ପ୍ରସଙ୍ଗ ଭାବରେ ଉଭା ହେଇପାରେ ବୋଲି ଆଶା କରାଯାଉଛି । ରାଷ୍ଟ୍ରପତି ଜୋ ବାଇଡେନ ଓ ଟ୍ରମ୍ପଙ୍କ ମଧ୍ୟରେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି ଓ ଦୁଇ ମାସ ଧରି ଉଭୟଙ୍କ ସମର୍ଥକଙ୍କ ମଧ୍ୟରେ ବାକବିତଣ୍ଡା ଲାଗିରହିଛି ଏବଂ ସେହି ସମୟରେ ଗୋଟିଏ ପ୍ରଚାର ସଭାରେ ସମ୍ବୋଧିତ କରୁଥିବାବେଳେ ଜଣେ ଯୁବକ ଟ୍ରମ୍ପଙ୍କ ଉପରକୁ ଗୁଳି ଚଳାଇବା, ବାସ୍ତବିକ ଆମେରିକା ରାଜନୀତିରେ ରାଜନୈତିକ ହିଂସାର ଇତିହାସକୁ ଉଦ୍‌ଜୀବିତ କରିଛି । ପ୍ରତ୍ୟେକ ପକ୍ଷ ଅନ୍ୟକୁ ଜଣେ ଆଦର୍ଶବାଦୀ ପ୍ରତିଦ୍ୱନ୍ଦ୍ୱୀ ଭାବରେ ନୁହେଁ ବରଂ ଆମେରିକାର ଗଣତନ୍ତ୍ର ପାଇଁ ଏକ ବିପଦ ବୋଲି ଚିତ୍ରଣ କରିଛନ୍ତି । ଏହି ଘଟଣାରେ ଟ୍ରମ୍ପ ଆହତ ହୋଇଥିବାବେଳେ ସଭାରେ ଯୋଗ ଦେଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ଜୋ ବାଇଡେନ ତୁରନ୍ତ ଟ୍ରମ୍ପଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଆମେରିକାରେ ହିଂସାର କୌଣସି ସ୍ଥାନ ନାହିଁ । ଏହାକୁ ନିନ୍ଦା କରିବା ସହ ଆମେ ଗୋଟିଏ ରାଷ୍ଟ୍ର ଭାବରେ ଏକାଠି ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଶା କରିବା, ଆଗାମୀ ଦିନରେ, ସେମାନଙ୍କର ପ୍ରଚାରଶୈଳୀ ସକାରାତ୍ମକ ହେବ ଏବଂ ଉଭୟ ପରସ୍ପର ପ୍ରତି ବ୍ୟବହାର କରୁଥିବା ଭାଷାକୁ ନିୟନ୍ତ୍ରଣ କରିବେ । ନଚେତ ରାଜନୈତିକ ହିଂସା ବୃଦ୍ଧିପାଇବ । ରାଜନୈତିକ ହିଂସା ଆମେରିକା ପାଇଁ କୌଣସି ନୂଆ କଥା ନୁହେଁ । ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଭଳି ଚାରିଜଣ ରାଷ୍ଟ୍ରପତିଙ୍କୁ ଅଫିସରେ ହତ୍ୟା କରାଯାଇଛି । ଅନ୍ୟମାନେ ହତ୍ୟା ଉଦ୍ୟମରୁ ବର୍ତ୍ତିଛନ୍ତି । କିନ୍ତୁ ଗତ ଦଶନ୍ଧି ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଏହି ଆକ୍ରମଣଗୁଡିକ ବିଭ୍ରାନ୍ତିକର କାର୍ଯ୍ୟ ଭାବରେ ଦେଖାଯାଇଛି, ଯାହା ରାଜନୈତିକ ଜଳବାୟୁର ସ୍ଥିତିକୁ ପ୍ରତିନିଧିତ୍ୱ କରୁନାହିଁ । ତାହା ହିଁ ଟ୍ରମ୍ପଙ୍କ ଜୀବନ ଉପରେ ଆକ୍ରମଣ ପ୍ରୟାସକୁ ଭିନ୍ନ କରିଛି । ଉଭୟ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍ ନଭେମ୍ବର ନିର୍ବାଚନକୁ ଆମେରିକୀୟମାନଙ୍କ ପାଇଁ ଦେଶକୁ ରକ୍ଷା କରିବାର ଶେଷ ସୁଯୋଗ ଭାବରେ ଉପସ୍ଥାପନ କରିଛନ୍ତି । ଆନୁଷ୍ଠାନିକ ଭାବେ ତାଙ୍କ ଦଳ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଘୋଷଣା କରିସାରିଛି । ଗୁଳିକାଣ୍ଡ ପରେ ଦେଖାଯାଇଥିଲା, ଟ୍ରମ୍ପଙ୍କ ଗାଲରେ ରକ୍ତ ଛିଟା ପଡିଥିଲା ଯାହା ଅନେକଙ୍କୁ ଦୁଃଖ ଦେଇଛି ଏବଂ ଏହାର ପ୍ରଭାବ ନିର୍ବାଚନରେ ପଡିବ ବୋଲି ଆଶା କରାଯାଉଛି । ଅବଶ୍ୟ ଟ୍ରମ୍ପ ବାଇଡେନଙ୍କ ସ୍ୱିଙ୍ଗ ରାଜ୍ୟରେ ଭଲ କରିବେ ବୋଲି ପୂର୍ବାନୁମାନ କରାଯାଇଛି । ବର୍ତ୍ତମାନ, ସେହି ରାଜ୍ୟଗୁଡ଼ିକରେ ଭୋଟ ବ୍ୟବଧାନ ଆହୁରି ବୃଦ୍ଧି ପାଇବା ନେଇ ଆଶା କରାଯାଉଛି । ମାର୍ଚ୍ଚ ୩୦, ୧୯୮୧ ରେ କାର୍ଯ୍ୟଭାର ଗ୍ରହଣ କରିବାର ୬୯ ଦିନ ପରେ ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଉପରକୁ ଗୁଳିମାଡ ହେଇଥିଲା ଯେଉଁଥିରୁ ସେ ବର୍ତ୍ତି ଯାଇଥିଲେ ଏବଂ ହଠାତ୍ ତାଙ୍କର ରେଟିଙ୍ଗ ବଢିଯାଇଥିଲା । ମାତ୍ର କେତେ ସପ୍ତାହ ପରେ ତାହା ଅପସରି ଯାଇଥିଲା । ତେଣୁ ଟ୍ରମ୍ପଙ୍କ ଉପରେ ହେଇଥିବା ଏହି ଆକ୍ରମଣର ପ୍ରଭାବ କେତେଦିନ ପର୍ଯ୍ୟନ୍ତ ରହିବ, ତାହା ନିଶ୍ଚିତ କରାଯାଇ ନ ପାରେ । ଏଥରର ନିର୍ବାଚନରେ ଉଭୟ ପକ୍ଷ ପରସ୍ପର ବିରୋଧରେ ଜୋରଦାର ପ୍ରଚାର କରିବେ ଏବଂ ଘୃଣାତ୍ମକ ଭାଷଣ ମାଧ୍ୟମରେ ପରସ୍ପର ପରସ୍ପରକୁ ଆକ୍ରମଣ କରିପାରନ୍ତି । ଯଦି ଦୁଇ ରାଷ୍ଟ୍ରପତି ପ୍ରାର୍ଥୀ ଓ ସେମାନଙ୍କର ଅଭିଯାନ ଦଳ ଏବଂ ସେମାନଙ୍କର ଦଳର ନେତାମାନେ ଗଠନମୂଳକ ଦଳୀୟ ପ୍ରତିଯୋଗିତାରୁ ଦୂରେଇଯାଇ ହିତାହିତ ଜ୍ଞାନ ପରିତ୍ୟାଗ କରନ୍ତି, ତେବେ ଏହା ବିଭାଜନକୁ ଆହୁରି ବୃଦ୍ଧି କରିବାରେ ସହାୟକ ହେବ । ନଭେମ୍ବର ୫ ରେ ଯିଏ ଜିତିବେ, ତାଙ୍କୁ ପୁଣି ଦ୍ୱିପାକ୍ଷିକ ସେତୁ ନିର୍ମାଣ ପାଇଁ ଖୁବ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ଯାହା ଦେଶର ଘରୋଇ ଏବଂ ବୈଦେଶିକ ନୀତି ସଂକ୍ରାନ୍ତରେ ନିଷ୍ପତ୍ତି ନେବାପାଇଁ ଖୁବ ଜରୁରୀ ଅଟେ । ତେବେ ବାଇଡେନ ପ୍ରାର୍ଥୀ ହେଉଛନ୍ତି କି ନାହିଁ ତାହା ଏବେ ପ୍ରଶ୍ନବାଚୀ । ବୟସାଧିକ ଦୃଷ୍ଟିରୁ ବାଇଡେନଙ୍କୁ ପ୍ରାର୍ଥୀ ନ କରିବା ପାଇଁ ଦଳରେ ଦ୍ୱିମତ ଦେଖାଦେଇଛି ଯାହା ଜୁଲାଇ ଶେଷ ସୁଦ୍ଧା ସ୍ପଷ୍ଟ ହେବ । ତାପରେ, ଦେଶର ରାଜନୈତିକ ପରିସ୍ଥିତି ଓ ପରିବେଶ କଣ ହେବ, ସେ ନେଇ ଆକଳନ କରିବା ସମ୍ଭବ ହେବ ।

## ଉପ–ନିର୍ବାଚନ ହାରଜିତ

ନିକଟରେ ସମାପ୍ତ ହେଇଥିବା ୧୩ଟି ବିଧାନସଭା ଉପନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ, ଭିନ୍ନ ଭିନ୍ନ ରାଜନୈତିକ ଦଳର ନେତାଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ଇଣ୍ଡିଆ ବ୍ଲକ୍ ସାତୋଟି ରାଜ୍ୟରେ ୧୩ ଟି ବିଧାନସଭା ଆସନ ପାଇଁ ହେଇଥିବା ଉପ–ନିର୍ବାଚନ ମଧ୍ୟରୁ ୧୦ ଟି ଜିତିଛନ୍ତି ଯେଉଁ ସବୁ ସ୍ଥାନରେ ଜୁଲାଇ ୧୦ ରେ ଉପ–ନିର୍ବାଚନ ହୋଇଥିଲା ଏବଂ ଫଳାଫଳ ଜୁଲାଇ ୧୩ ରେ ଘୋଷଣା କରାଯାଇଥିଲା । ଏହାକୁ ନେଇ ଇଣ୍ଡିଆ ବ୍ଲକ୍ ଖୁବ ଉତ୍ସାହିତ ହେଇ ପଡିଛନ୍ତି । ଏହି ନିଷ୍ପତ୍ତି ସମ୍ପ୍ରତି ଲୋକସଭା ନିର୍ବାଚନର ଫଳାଫଳକୁ ପ୍ରତିଫଳିତ କରିଛି ଏବଂ ଏହା ସୂଚନା ଦେଉଛି ଯେ' ମତଦାତା କିଛି ମାତ୍ରାରେ ବିଜେପି ଠାରୁ ଦୂରେଇ ଯାଇଛନ୍ତି । ତେବେ ଏହା ଭାବିବା ଭୁଲ ଯେ' ବିଜେପି ଠାରୁ ମତଦାତା ଦୂରେଇ ଯାଇଛନ୍ତି । ସାଧାରଣତଃ, ଉପ–ନିର୍ବାଚନ ରାଜ୍ୟ ରାଜନୀତି ଏବଂ ସ୍ଥାନୀୟ ସମସ୍ୟା ଉପରେ ଅନେକଟା ନିର୍ଭର କରେ । ଯଦି ହିମାଚଳ ପ୍ରଦେଶ କଥା ଦେଖିବା, ଏଠାରେ ଉପ–ନିର୍ବାଚନ ହେଇଥିବା ତିନୋଟି ଆସନ ମଧ୍ୟରୁ, କଂଗ୍ରେସ ଦୁଇଟି ଆସନରେ ବିଜୟୀ ହେଇଛି । ତିନିଜଣ ସ୍ୱାଧୀନ ବିଧାୟକ ନିଜ ଆସନରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ପରେ ଏହି ଆସନଗୁଡିକ ଖାଲି ପଡିଥିଲା । ରାଜ୍ୟସଭା ପାଇଁ ହେଇଥିବା ନିର୍ବାଚନରେ, ଏହି ତିନିଜଣ ସ୍ୱାଧୀନ ବିଧାୟକଙ୍କ ସହ ୬ ଜଣ କଂଗ୍ରେସ ବିଧାୟକ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ସରକାର ହାରିଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା ଏବଂ ସରକାର ସମାଲୋଚନାର ଶିକାର ହେଇଥିଲେ । କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଙ୍ଘଭି ରାଜ୍ୟସଭା ନିର୍ବାଚନରେ ହାରିଯିବା ପରେ କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷିତ କରାଯାଇଥିଲା । ୬୮ ସଦସ୍ୟ ବିଶିଷ୍ଟ ଗୃହରେ ଦଳର ସଂଖ୍ୟା ୩୪ କୁ ଖସି ଆସିଥିଲା । ଦେହରା ଏବଂ ନାଲାଗଡରେ ଏହାର ବିଜୟ ସହିତ କଂଗ୍ରେସ ୪୦ ବିଧାୟକଙ୍କ ସହ ମୂଳ ସଂଖ୍ୟାକୁ ଫେରିଆସିଛି । ଜୁନ୍ ୪ ରେ ସୁଖୁ ସରକାର ବହୁମତ ହାସଲ କରିଥିଲେ ଯେତେବେଳେ ୨୦୨୪ ଲୋକସଭା ନିର୍ବାଚନ ସହିତ ଉପ–ନିର୍ବାଚନ ହୋଇଥିବା ୬ ଟି ଆସନ ମଧ୍ୟରୁ କଂଗ୍ରେସ ଚାରିଟି ଆସନରେ ଜିତିଥିଲା । କେତେକ ବିଶେଷଜ୍ଞଙ୍କ ମତରେ ଏହାଦ୍ୱାରା ମତଦାତା ବିଜେପିକୁ ଗ୍ରହଣ କରିନାହାନ୍ତି ବୋଲି ସ୍ପଷ୍ଟ ହେଇଛି । କିନ୍ତୁ ବାସ୍ତବରେ, କଂଗ୍ରେସକୁ ଧୋକା ଦେଇ ବିଜେପିରେ ମିଶି ନିର୍ବାଚନ ଲଢ଼ିଥିବା କିଛି ନେତାଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କଲେ, କାରଣ ମତଦାତା ବିଜେପିକୁ ନୁହେଁ ଦଳବଦଳକୁ ଗ୍ରହଣ କରିଲେ ନାହିଁ । ସେହିପରି ଏହି ଉପନିର୍ବାଚନରେ ଦୁଇ ସ୍ୱାଧୀନ ବିଧାୟକ ବିଜେପିରୁ ନିର୍ବାଚନ ଲଢ଼ି ପରାସ୍ତ ହେଲେ ଏବଂ ଏହା ମଧ୍ୟ ପଟ ପରିବର୍ତ୍ତନ ଯୋଗୁଁ ବୋଲି ଅନେକ ମତ ଦିଅନ୍ତି । କଂଗ୍ରେସ ବଦ୍ରିନାଥ ଆସନରେ ଜିତିଛି । ଅର୍ଥାତ୍ ଉତ୍ତରାଖଣ୍ଡ ରେ ମଧ୍ୟ ସମାନ ଘଟଣା ଘଟିଛି ବୋଲି ସମାଲୋଚକମାନେ ମତବ୍ୟକ୍ତ କରୁଛନ୍ତି । ଏହି ଆସନର ବିଧାୟକ ବିଜେପିକୁ ଚାଲି ଚାଲିଯାଇଥିଲେ ଏବଂ ବର୍ତ୍ତମାନ କଂଗ୍ରେସ ଦ୍ୱାରା ସେ ପରାସ୍ତ ହେଲେ । ଏହା ନୁହେଁ ଯେ ଦଳ ପରିବର୍ତ୍ତନ କରିଥିବା ସମସ୍ତ ନେତାଙ୍କୁ ଲୋକମାନେ ପ୍ରତ୍ୟାଖ୍ୟାନ କରୁଛନ୍ତି । ମଧ୍ୟପ୍ରଦେଶରେ କଂଗ୍ରେସକୁ କ୍ଷତି ସହିବାକୁ ପଡିଛି । ବିଜେପିକୁ ଚାଲିଯାଇଥିବା କମଲେଶ ପ୍ରତାପ ଶାହା ତାଙ୍କ ପୂର୍ବ ଦଳ ବିରୋଧରେ କଡ଼ା ପ୍ରତିଯୋଗିତା ମଧ୍ୟରେ ନିର୍ବାଚନ ଜିତିଥିଲେ । ରାଜ୍ୟରେ କଂଗ୍ରେସର କ୍ରମାଗତ ଅବନତି ଦଳ ପାଇଁ ଏକ ସ୍ପଷ୍ଟ ବାର୍ତ୍ତା ଯେ ବର୍ତ୍ତମାନର କଂଗ୍ରେସ ନେତୃତ୍ୱ ଅଧିକ ଯତ୍ନବାନ ହେବା ଉଚିତ । ତାମିଲନାଡୁର ଦ୍ରାବିଡା ମୁନେତ୍ରା କାଜାଗାମଙ୍କ ବିଜୟ ଏହାର ସ୍ଥିତିକୁ ଆହୁରି ଦୃଢ କରିଥିବାବେଳେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି) ବିଜେପିର ତିନିଟି ଆସନରେ ଜିତି ଏହାର ଲୋକପ୍ରିୟତା ଜାହିର କରିଛି । ଏହି ତିନୋଟି ଆସନରେ ବିଜେପିର ବିଧାୟକମାନେ ଟିଏମସିକୁ ଯାଇ ଶାସକ ଦଳ ଟିକେଟ ନିର୍ବାଚନ ଜିଣିଥିଲେ । ଟିଏମସି ମଧ୍ୟ ମାଣିକତା ଆସନରେ ବିଜୟଲାଭ କରିଛି । ପଞ୍ଜାବରେ ଆମ୍ ଆଦମୀ ପାର୍ଟି ମଧ୍ୟ ସମାନ ଅବସ୍ଥାରେ ଗୋଟିଏ ଆସନରେ ବିଜୟୀ ହେଇଛି । ତେଣୁ ଏହା ବିଜେପି ବିରୋଧରେ ମତ ବୋଲି କୁହାଯାଉଥିବା ବେଳେ, ବାସ୍ତବତା କିଛି ଅଲଗା । ଅନେକ ସ୍ଥାନରେ ସୁବିଧାବାଦୀ ରାଜନୀତିକୁ ବା ଦଳ ବଦଳ କରିଥିବା ପ୍ରାର୍ଥୀଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଆଉ କେତେକ କ୍ଷେତ୍ରରେ, ସ୍ଥାନୀୟ ସମସ୍ୟା ବା ରାଜ୍ୟ ରାଜନୀତି ନିର୍ବାଚନକୁ ପ୍ରଭାବିତ କରିଥିବାର ଲକ୍ଷ୍ୟ କରାଯାଉଛି । ତେବେବି, ବିଜେପି ଭଳି ଗୋଟିଏ ଶୃଙ୍ଖଳିତ ଦଳପାଇଁ ଏହା ନିଶ୍ଚିତ ଭାବରେ ଗୋଟିଏ ଖରାପ ଖବର । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ବିକାଶମୁଖୀ ଆଭିମୁଖ୍ୟ ପୁଣିଥରେ ଦଳର ପ୍ରଭାବକୁ ଫେରାଇ ଆଣିବାରେ ସହାୟକ ହେବା ନେଇ ଆଶା କରାଯାଇପାରେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଚନ୍ଦ୍ରରୁ ଆସିଲା ମାଟି ନମୁନା!

**ଅସିତ ମହାନ୍ତି**

ଆମ ବ୍ରହ୍ମାଣ୍ଡରେ ଅନେକ ଗ୍ରହ, ସୂର୍ଯ୍ୟ ଏବଂ ସେଥିରୁ ସୃଷ୍ଟି ହୋଇଥିବା ସୌର ପ୍ରଣାଳୀ । କିନ୍ତୁ ସେହି ସମସ୍ତ ସୌର ମଣ୍ଡଳ ମଧ୍ୟରେ ଆମର ସୌର ପ୍ରଣାଳୀ ସବୁଠାରୁ ସ୍ୱତନ୍ତ୍ର । କାରଣ ଏହି ସୌର ପ୍ରଣାଳୀରେ ଚନ୍ଦ୍ର, ପୃଥିବୀ ଏବଂ ସୂର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ, ଯାହାକି ଅନ୍ୟ ସୌର ପ୍ରଣାଳୀରେ ଉପସ୍ଥିତ ଥିବା ଅନ୍ୟ ଚନ୍ଦ୍ର–ତାରାମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଭିନ୍ନ ଏଇଥିପାଇଁ ଯେ ସେମାନଙ୍କ ଉପରେ ଜୀବନର ଉତ୍ପତ୍ତି ଦେଖାଯାଇଛି ଯେତେବେଳେ ବି ଆମେ ଚନ୍ଦ୍ର ବିଷୟରେ କଥାବାର୍ତ୍ତା କରୁ, ଆମ ମନକୁ ଏକ ଭିନ୍ନ ଖୁସି ଚିନ୍ତା ଆସିବା ଆରମ୍ଭ କରେ । କାରଣ ଏଗୁଡ଼ିକ ସମାନ ସ୍ୱର୍ଗୀୟ ପିଣ୍ଡ ଯାହା ବିଷୟରେ ଆମେ ପ୍ରଥମେ ଅନୁସନ୍ଧାନ ଆରମ୍ଭ କରିଥିଲୁ । ଆଜିର ମହାକାଶ ବିଜ୍ଞାନର ମୌଳିକ ଗଠନ ଚନ୍ଦ୍ରରେ କରାଯାଇଥିବା ପରୀକ୍ଷଣ ଉପରେ ଆଧାରିତ ଚନ୍ଦ୍ର ବିନା ଆମେ ବ୍ରହ୍ମାଣ୍ଡରେ ଏପର୍ଯ୍ୟନ୍ତ ଅଗ୍ରଗତି କରିପାରି ନଥାନ୍ତୁ । ଚନ୍ଦ୍ର ହେତୁ ଆମେ ଏହି ସ୍ଥାନକୁ କିଛି ପରିମାଣରେ ଚିହ୍ନିବାରେ ସକ୍ଷମ ହୋଇଛୁ । କାରଣ ସ୍ପେସ୍ ଆମ ମଣିଷମାନଙ୍କ ପାଇଁ ଏକ ପଜଲ୍ ଠାରୁ କମ୍ ନୁହେଁ ଏବଂ ବୋଧହୁଏ ଏହା ହେଉଛି ଏକ କାରଣ ଯେଉଁଥିରେ ଆମେ କ୍ରମାଗତ ଭାବରେ ଚନ୍ଦ୍ରରେ ମିଶନ କାର୍ଯ୍ୟ କରିବାରେ ନିୟୋଜିତ ଅଟୁ । ଭାରତ, ଚୀନ୍ କିମ୍ବା ଆମେରିକା ହେଉ, ପ୍ରତ୍ୟେକ ଦେଶ ନିଜ ନିଜ ଉପାୟରେ ଚନ୍ଦ୍ର ଉପରେ ଅନେକ ପରୀକ୍ଷଣ କରିଛନ୍ତି ।

ଚନ୍ଦ୍ରରେ ବିଭିନ୍ନ ଦେଶରୁ କ୍ରମାଗତ ଭାବରେ ମିଶନ କାର୍ଯ୍ୟ ଚାଲିଛି ଏବଂ ଏହି ମିଶନଗୁଡିକ ସହିତ ଆମ ପାଇଁ ଚନ୍ଦ୍ରର ମହତ୍ତ୍ୱ ଆହୁରି ବୃଦ୍ଧି ପାଇଛି । କାରଣ ବୋଧହୁଏ ଆମ ପୃଥିବୀର ଅନେକ ଲୁକ୍କାୟିତ ରହସ୍ୟ କେବଳ ଚନ୍ଦ୍ର ମାଧ୍ୟମରେ ପ୍ରକାଶ କରାଯାଇପାରେ । ଚୀନ୍‌ର ମହାକାଶଯାନ ଚାଙ୍ଗ –B6 ପୃଥିବୀକୁ ଫେରିଛି । ଏହା ହେଉଛି ଚାଇନାର ଏକ ବିକଶିତ ଚନ୍ଦ୍ର ମଡ୍ୟୁଲ୍ ଏବଂ ଚାଇନାର ସମ୍ପୂର୍ଣ୍ଣ ଚନ୍ଦ୍ର ମିଶନ କାର୍ଯ୍ୟକ୍ରମ । ଏହା ଉପରେ ନିର୍ଭର କରି କୁହାଯାଏ ଯେ ଏହି ଚନ୍ଦ୍ର ମଡ୍ୟୁଲ୍ ଚନ୍ଦ୍ରର ଦୂରରୁ (far side) ମାଟି ନମୁନା ସଂଗ୍ରହ କରିଛି । ତେଣୁ ଏହି ନମୁନାକୁ ଯଥେଷ୍ଟ ଐତିହାସିକ ବିବେଚନା କରାଯାଏ ।

ଅନେକ ବୈଜ୍ଞାନିକ ଏପରିକି କୁହନ୍ତି ଯେ, ଏହି ନମୁନା ମାଧ୍ୟମରେ ଆମେ ପୃଥିବୀର ଅନେକ ମୌଳିକ ରହସ୍ୟ ପ୍ରକାଶ କରିପାରିବା । ଏଥି ସହିତ ଚାଇନାକୁ ଆମେରିକା ସହ ସମାନ କରିବାରେ ଏହି ମିଶନ ମଧ୍ୟ ସାହାଯ୍ୟ କରିବ । କାରଣ ଆମେରିକା ପରେ କେବଳ ଚୀନ୍ ଚନ୍ଦ୍ରର ଦକ୍ଷିଣ ପୋଲରେ ଏହି ମିଶନ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇଛି । ଚୀନ୍ ପୃଥିବୀର ପ୍ରଥମ ଦେଶ ହୋଇପାରିଛି ଯାହା ଚନ୍ଦ୍ରର ଦୂରରୁ ମାଟି ନମୁନା ସଂଗ୍ରହ କରି ପୃଥିବୀକୁ ଆଣିଛି । ଏହି ମିଶନ ଏହି ମାସର (ଜୁନ) ୨୫ ରେ ସମାପ୍ତ ହୋଇଥିଲା ଏବଂ ଏହା ପ୍ରକୃତରେ ଇତିହାସ ସୃଷ୍ଟି କରିଛି ।କାରଣ ଏହି ପ୍ରକାରର ମିଶନ୍ ବହୁତ କ୍ୱଚିତ ।

ଚାଇନାର ଚାଙ୍ଗ B –୬ ଚନ୍ଦ୍ର ଅନୁସନ୍ଧାନ ସଫଳତାର ସହ ଜୁନ୍ ୨୫ ରେ ପୃଥିବୀକୁ ଫେରି ମୋଙ୍ଗୋଲିଆରେ ଅବତରଣ କଲା । ଚନ୍ଦ୍ର ଅନୁସନ୍ଧାନ ଏବଂ ଚୀନର ସ୍ପେସ୍ ପ୍ରୋଗ୍ରାମରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା । ମେ'୩.ରେ ହାଇନାନରୁ ଚାଙ୍ଗ–ଇ–ମିଶନ ଆରମ୍ଭ କରାଯାଇଥିଲା । ଏହା ଚନ୍ଦ୍ରର ଦୂର ପାର୍ଶ୍ୱରୁ ନମୁନା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲା, ବିଶେଷ ଭାବରେ ଦକ୍ଷିଣ ପୋଲ–ଆଇଟକେନ୍ ବେସିନରେ ଥିବା ଆପୋଲୋ କ୍ରାଟରକୁ ଟାର୍ଗେଟ କରିଥିଲା । ଏହାର ଅନନ୍ୟ ଭୌଗୋଳିକ ବୈଶିଷ୍ଟ୍ୟ ହେତୁ ଦକ୍ଷିଣ ପୋଲ ବେସିନ ବୈଜ୍ଞାନିକମାନଙ୍କ ପାଇଁ ବିଶେଷ ଆଗ୍ରହ ଅଟେ, ଯାହା ଚନ୍ଦ୍ରର ନିକଟବର୍ତ୍ତୀମାନଙ୍କଠାରୁ ଯଥେଷ୍ଟ ଭିନ୍ନ । ଏହି ଅନୁସନ୍ଧାନରେ ଡ୍ରିଲ୍ ଏବଂ ରୋବୋଟିକ୍ ବାହୁ ବ୍ୟବହାର କରି ପ୍ରାୟ ୨ କିଲୋଗ୍ରାମ ଚନ୍ଦ୍ର ମାଟି ଏବଂ ପଥର ସଂଗ୍ରହ କରାଯାଇଥିଲା । ଏହି ନମୁନାଗୁଡ଼ିକୁ ଏକ ରିଟର୍ନ ରକେଟ୍ ମାଧ୍ୟମରେ ପୃଥିବୀକୁ ପଠାଯାଇଥିଲା ଏହି ନମୁନାଗୁଡ଼ିକ ଚନ୍ଦ୍ରର ଭୌଗୋଳିକ ଇତିହାସ ଏବଂ ଏହାର ନିକଟ ଏବଂ ଦୂର ପାର୍ଶ୍ୱ ମଧ୍ୟରେ ପାର୍ଥକ୍ୟ ବିଷୟରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିବ ବୋଲି ଆଶା କରାଯାଏ । ଏହା ବୈଜ୍ଞାନିକମାନଙ୍କୁ ବିଲିୟନ ବର୍ଷ ପୂର୍ବେ ଚନ୍ଦ୍ର ଏବଂ ଅନ୍ୟାନ୍ୟ ଗ୍ରହର ଗଠନ ବୁଝିବାରେ ସାହାଯ୍ୟ କରିପାରିବ ।

ଏହି ମାଟିର ନମୁନା କାହିଁକି ଏତେ ସ୍ୱତନ୍ତ୍ର? ବର୍ତ୍ତମାନ ଏହି ପ୍ରଶ୍ନ ନିଶ୍ଚିତ ଭାବରେ ଲୋକଙ୍କ ମନରେ ଆସୁଛି ଯେ ଏହି ଚନ୍ଦ୍ର ମାଟିର ନମୁନା କାହିଁକି ଏତେ ସ୍ୱତନ୍ତ୍ର? କାରଣ ଏହି ମାଟି ନମୁନା ଚନ୍ଦ୍ରର ଫାର ସାଇଡରୁ ଆସିଛି ଏବଂ ଚନ୍ଦ୍ରର ଦୂର ପାର୍ଶ୍ୱ ହେଉଛି ସେହି ସ୍ଥାନ ଯାହାକୁ ଆମେ ପୃଥିବୀରୁ କେବେବି ଦେଖିପାରୁ ନାହୁଁ । ତେବେ ଚୀନର ଏହି ଚନ୍ଦ୍ର ମିଶନ ସମ୍ପୂର୍ଣ୍ଣ ସଫଳ ହୋଇଛି ଏବଂ ଚୀନ୍ ଏଥିରେ ବହୁତ ଖୁସି । କୁହାଯାଏ ଯେ ଏହି ମହାକାଶଯାନ ପୃଥିବୀରୁ ଚନ୍ଦ୍ରରେ ପହଞ୍ଚିବାକୁ ପ୍ରାୟ ଏକ ମାସ ସମୟ ନେଇଥିଲା । କିନ୍ତୁ ଯେତେବେଳେ ଏହା ଏହାର ରୋଭରକୁ ଚନ୍ଦ୍ରର ଦୂର ପାର୍ଶ୍ୱରେ ଅବତରଣ କଲା, ସେତେବେଳେ ଚାଇନାର ବୈଜ୍ଞାନିକମାନଙ୍କ ମୁହଁରେ ଏକ ଭିନ୍ନ ଖୁସି ଦେଖାଗଲା । ଖବର ଅନୁଯାୟୀ, ଏହି ଯାନର ରୋଭର ଚନ୍ଦ୍ରର ମାଟି ନମୁନା ସଂଗ୍ରହ କରି ଚନ୍ଦ୍ରର ଦୂର ପାର୍ଶ୍ୱରେ ଥିବା ଏକ ବଡ କ୍ରାଟରରୁ ଡ୍ରିଲ ମାଧ୍ୟମରେ ସଂଗ୍ରହ କରିଛି । କିନ୍ତୁ ଏଠାରେ କିଛି ବିଶେଷ ଅଛି । ବିଶେଷ କଥା ହେଉଛି ଏହି ମିଶନ ସମ୍ପୂର୍ଣ୍ଣ ରୂପେ ରୋବଟ ମାଧ୍ୟମରେ କରାଯାଇଥିଲା ।

ଚନ୍ଦ୍ରରେ ଅବତରଣ କରିବା ଠାରୁ ସେଠାରୁ ମାଟିର ନମୁନା ଫେରାଇବା ପର୍ଯ୍ୟନ୍ତ, ରୋବଟ୍ ସବୁକିଛି ବହୁତ ଭଲ ପ୍ରଦର୍ଶନ କରିଛି । ଆମକୁ ଏଠାରେ ଚାଇନାକୁ ମଧ୍ୟ ପ୍ରଶଂସା କରିବାକୁ ପଡିବ ଯେ ଏହି ଦେଶ ମହାକାଶ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରୁଛି, ଯେଉଁଠାରେ ଆମେରିକା ପୂର୍ବରୁ ଥିଲା ।

ମିଶନ୍ ଗୁପ୍ତ ଭାବରେ ସମ୍ପନ୍ନ ହେଲା ! ପ୍ରାୟତଃ... ଯେକୌଣସି ସ୍ପେସ୍ ମିଶନ୍ କାର୍ଯ୍ୟକାରୀ ହେବା ପୂର୍ବରୁ, ଏହା ସମଗ୍ର ବିଶ୍ୱରେ ଆଲୋଚନା କରାଯାଇଥାଏ । ଏହି ମିଶନ କାର୍ଯ୍ୟ କରୁଥିବା ଦେଶ ମାଧ୍ୟମରେ ସ୍ପେସ୍ ମିଶନର ସବିଶେଷ ତଥ୍ୟ ଦେଶ ଭିତରେ ଏବଂ ବାହାରେ ଦିଆଯାଏ । ଯାହାଫଳରେ ଦେଶର ନାଗରିକମାନେ ସେହି ମହାକାଶ ମିଶନ ବିଷୟରେ ଅବଗତ ରହିପାରିବେ । କିନ୍ତୁ ଚୀନ୍‌ର ଏହି ଚନ୍ଦ୍ର ମିଶନ ଅତ୍ୟନ୍ତ ଗୁପ୍ତ ଥିଲା । କାରଣ ଦୁନିଆରେ ଏହା ବିଷୟରେ ଅଧିକ ଆଲୋଚନା ହୋଇନଥିଲା । ଚୀନ୍ ଏହି ମିଶନକୁ ଅତି ଗୁପ୍ତରେ କାର୍ଯ୍ୟକାରୀ କରିଛି । ମିଶନ ଆରମ୍ଭ ହେବା ପୂର୍ବରୁ ଚୀନ୍ କେବଳ ମିଶନର କାର୍ଯ୍ୟସୂଚୀ ବିଷୟରେ କହିଥିଲା । ମିଶନ ଭିତରେ ପଠାଯିବାକୁ ଥିବା ପେଡ୍ ଲୋଡ୍ ବିଷୟରେ ସେ କିଛି କହି ନାହାଁନ୍ତି । ଖବର ଅନୁଯାୟୀ, ଏହି ମିଶନରେ ବ୍ୟବହୃତ ରୋଭର ବିଷୟରେ ବିଶ୍ୱରେ କୌଣସି ସୂଚନା ନଥିଲା । ଏହି ଘଟଣା ବିଷୟରେ ଚୀନ୍ ସମଗ୍ର ବିଶ୍ୱକୁ ଅବଗତ କରିନଥିଲା । ଯଦିଓ ଆମେ ମିଶନ୍‌ର ସମ୍ପୂର୍ଣ୍ଣ ବିବରଣୀ କାହିଁକି ବିଶ୍ୱରୁ ଲୁଚାଇ ରଖିଛୁ ସେ ବିଷୟରେ ଆମେ ଚୀନ୍ ଠାରୁ କୌଣସି ସୂଚନା ପାଇନାହୁଁ । ଏଠାରେ ଗୋଟିଏ ବିଶେଷ କଥା ହେଉଛି, ଯେତେବେଳେ ଚାଇନାର ସ୍ପେସ୍ ଏଜେନ୍ସି ଏହି ମିଶନ୍ ସହିତ ଜଡିତ ଚିତ୍ରଗୁଡ଼ିକୁ ବିଶ୍ୱ ସହିତ ଅଂଶୀଦାର କଲା ତା'ପରେ ଆମେ ମିଶନରେ ବ୍ୟବହୃତ ରୋଭର ବିଷୟରେ ଜାଣିବାକୁ ପାଇଲୁ ।

ଚନ୍ଦ୍ରର ବିଷୟ କିଛି ଅଲଗା ଅଟେ । କାରଣ ଏହା ଉପରେ ପ୍ରତ୍ୟେକ ମିଶନ ନିଶ୍ଚିତ ଭାବରେ ଆମକୁ କିଛି କହିଛି । ମନୁଷ୍ୟର ମହାକାଶର ଅନୁସନ୍ଧାନ ଏହି ଚନ୍ଦ୍ରରୁ ଆରମ୍ଭ ହୋଇଥିଲା ଏବଂ କିଏ ଜାଣେ, ଏହା ଭବିଷ୍ୟତରେ ଏହି ଚନ୍ଦ୍ରରେ ଶେଷ ହୋଇପାରେ । ଗୋଟିଏ କଥା ହେଉଛି, ଚୀନ୍ ପରି ବିକଶିତ ଦେଶମାନେ ଚନ୍ଦ୍ରରେ ମିଶନ ଯେପରି ଭାବେ କରୁଛନ୍ତି ଏହାକୁ ଦେଖିଲେ କହିବା ଭୁଲ୍ ହେବ ନାହିଁ ଯେ ବୋଧହୁଏ କିଛି ସମୟ ମଧ୍ୟରେ ଆମେ ଚନ୍ଦ୍ରରେ ବଞ୍ଚିବା ଆରମ୍ଭ କରିପାରିବା । ତଥାପି, ପୃଥିବୀରେ, ଚନ୍ଦ୍ର ମୃତ୍ତିକାର ନମୁନାକୁ ଅତି ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରାଯିବ । ଏହା ମାଧ୍ୟମରେ ଉଭୟ ଚନ୍ଦ୍ର ଏବଂ ପୃଥିବୀର ବିବର୍ତ୍ତନ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରାଯାଇପାରିବ । ଏହି ମୃତ୍ତିକାର ନମୁନା ସହିତ, ଆମେ ଚନ୍ଦ୍ର ଏବଂ ପୃଥିବୀର କୃତ୍ରିମ ଗଠନକୁ ଏକ ଭଲ ଉପାୟରେ ଡିକୋଡ୍ କରିପାରିବା, ଯେଉଁଥିପାଇଁ ଆମେ ପୃଥିବୀର ଉତ୍ପତ୍ତି ବିଷୟରେ ଅଧିକ ଠୋସ୍ ପ୍ରମାଣ ପାଇପାରିବା । ଆଜି ବି ପୃଥିବୀର ଉତ୍ପତ୍ତି ବିଷୟରେ ଅନେକ ବିବାଦ ଦେଖାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଗୋଟିଏ ବିଷୟ ହେଉଛି, ମୃତ୍ତିକାର ନମୁନା ମାଧ୍ୟମରେ, ଆମେ ଚନ୍ଦ୍ରରେ ମେଟେରାଇଟ୍ ଧକ୍କା ବିଷୟରେ ମଧ୍ୟ ଅନେକ କିଛି ଜାଣିବା । ଏହା ସହିତ, ପୃଥିବୀ ପ୍ରାରମ୍ଭ ବିଷୟରେ ମଧ୍ୟ ଅନେକ କିଛି ଜଣା ପଡିବ ।

**ସୁଜନପୁର, ଯାଜପୁର**
**ମୋ–୯୩୪୮୭୬୮୮୧୨**

# ନୋ–ମୋ–ଫୋବିଆ

**ଡାକ୍ତର ସମ୍ରାଟ କର**

ମୋର ଜଣେ ପରିଚିତ ବନ୍ଧୁ ରଜନୀଶ ବଡ଼ ବ୍ୟସ୍ତ ହୋଇ ତାଙ୍କ ସାନ ଭାଇ ସୁଜିତର ଅସ୍ୱାଭାବିକ ମୋବାଇଲ ବ୍ୟବହାର ସମ୍ପର୍କରେ ମୋତେ କହିଲେ । ତାଙ୍କ କଥାନୁଯାୟୀ ତାଙ୍କ ଭାଇ ପ୍ରାୟତଃ ସବୁବେଳେ ନିଜକୁ ମୋବାଇଲରେ ବ୍ୟସ୍ତ ରଖିଥାନ୍ତି । ତେବେ ସେ ଏକ କମ୍ପାନୀର କର୍ମଚାରୀ ହୋଇଥିଲେ ମଧ୍ୟ ସାମାନ୍ୟ ଟିକିଏ ସମୟ ବା ମୁହୂର୍ତ୍ତ ମିଳିଲା ମାତ୍ରେ ସେ ସତେଯେପରି ମୋବାଇଲ ବିନା ବଞ୍ଚି ପାରନ୍ତି ନାହିଁ ତାଙ୍କ ଆଚରଣ ଗୁଡ଼ିକ ସେହିପରି । ଯେପରି ପାଣି ବିନା ମାଛ ବଞ୍ଚିପାରିନଥାଏ ଠିକ ସେହିପରି ତାଙ୍କ ଆଚରଣ ।

ମୁଁ ଟିକିଏ ହସିଲି, ଏବଂ ତାଙ୍କୁ ବୁଝାଇ କହିଲି ଯେ ନୋ–ମୋ–ଫୋବିଆ ଅର୍ଥାତ୍ ନୋ–ମୋବାଇଲ–ଫୋନ ଫୋବିଆ । ମୋବାଇଲ ଫୋନ ବ୍ୟବହାର ବନ୍ଦ କରିବାକୁ ଡରୁଥିବା ଲୋକଙ୍କୁ ନୋ–ମୋ–ଫୋବିଆ ଆକ୍ରାନ୍ତ ବୋଲି କୁହାଯାଏ । ଯେଉଁମାନେ ମୋବାଇଲ ଠାରୁ ଦୂରେଇ ରହି ପାରନ୍ତି ନାହିଁ । କିଛି ସମୟ ପାଇଁ ଇଣ୍ଟରନେଟ ସେବା ବ୍ୟାଘାତ ହେଲେ କିମ୍ବା ମୋବାଇଲ ଫୋନ ବନ୍ଦ ହୋଇଗଲେ, ସେମାନେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି । ଏକବିଂଶ ଶତାବ୍ଦୀରେ ସ୍ମାର୍ଟ ଫୋନର ବହୁଳ ବ୍ୟବହାର ହେଉଛି । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ି ଏପରିକି ବୟସ୍କ ଲୋକେ ମଧ୍ୟ ମୋବାଇଲ ମାୟାରେ ଫସୁଛନ୍ତି । ମୋବାଇଲ ବ୍ୟବହାର ଦ୍ୱାରା ଦିନର ଅର୍ଦ୍ଧାଧିକ ସମୟ ଅପଚୟ କରୁଛନ୍ତି । ସମୟକ୍ରମେ ସେମାନଙ୍କ ମାନସିକ ସ୍ଥିତି ଦୁର୍ବଳ ହୋଇପଡୁଛି । ବିଶେଷକରି ନୋ–ମୋ–ଫୋବିଆ ରୋଗୀଙ୍କ କାଉନସେଲିଂ କରାଯାଉଛି । ମୋବାଇଲ ବ୍ୟବହାର କିପରି କମ କରିବେ କିମ୍ବା ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣି ମୋବାଇଲ ଠାରୁ ଦୂରେଇ ରହିବେ ସେ ଦିଗରେ ସେମାନଙ୍କୁ ଟିପ୍ପଣୀ ଦିଆଯାଉଛି ।

ଏତଦବ୍ୟତୀତ କଗ୍ନିଟିଭ ବିହେଭିଓରାଲ ଥେରାପୀ ଦ୍ୱାରା ସେମାନଙ୍କ ମାନସିକ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ କରାଯାଉଛି । ପ୍ରାୟତଃ ମାନସିକ ରୋଗର ଚିକିତ୍ସକମାନେ ଏଭଳି ଚିକିତ୍ସା ପଦ୍ଧତି ପାଇଁ ପରାମର୍ଶ ଦେଇଥାନ୍ତି । ନୋ–ମୋ–ଫୋବିଆ ଆକ୍ରାନ୍ତଙ୍କ କ୍ଷେତ୍ରରେ ନିଦ୍ରାହୀନତା, ସାମାଜିକ ଦୂରତା, ସାଧାରଣ ଉଦ୍‌ବେଗ ଠାରୁ ଦୂରେଇ ରହିବା ଭଳି ଲକ୍ଷଣ ସବୁ ଦେଖାଯାଏ ।

ମୋବାଇଲ ଫୋନର ବହୁଳ ବ୍ୟବହାର ଲୋକଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଛି । ଏହା ସମସ୍ତେ ଜାଣି ସାରିଲେଣି । ଏଣୁ ଏବେ ସଚେତନ ହେବାର ସମୟ ଆସିଛି । ଘଣ୍ଟା ଘଣ୍ଟା ମୋବାଇଲ ଫୋନ ବ୍ୟବହାର କରିବା ଦ୍ୱାରା ଆମ ମସ୍ତିଷ୍କ କ୍ଳାନ୍ତ ହୋଇପଡ଼େ । କ୍ଳାନ୍ତ ମସ୍ତିଷ୍କ ଅନ୍ୟ କୌଣସି କାର୍ଯ୍ୟ କରିପାରେନାହିଁ । ଅନ୍ୟ କାର୍ଯ୍ୟ ଠାରୁ ମଧ୍ୟ ଦୂରେଇ ରହିବାକୁ ଆମକୁ ବାଧ କରେ । ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ଲୋକେ ମଧ୍ୟ ମୋବାଇଲରେ ଅଧିକ ସମୟ ଅତିବାହିତ କରୁଛନ୍ତି । ଯାହାକି ସେମାନଙ୍କୁ ସୁସ୍ଥ ମାନସିକ ସ୍ଥିତି ପ୍ରଦାନ କରୁନାହିଁ। ବର୍ତ୍ତମାନର ସମୟକୁ ଦେଖନ୍ତୁ ହାତ ପାହାନ୍ତାରେ ଆମ ସମୟର ସୂଚନା ପ୍ରଯୁକ୍ତିର ସର୍ବଶ୍ରେଷ୍ଠ କୌଶଳଟି କିପରି ଆମ ପାଇଁ ସୁଖଦ ଅପେକ୍ଷା ଦୁଃଖଦରେ ପରିଣତ ହେଲାଣି । ତେବେ କରୋନା ସମୟରେ ୱାର୍କ ଫର୍ମ ହୋମ ବ୍ୟବସ୍ଥା ଓ ଅନେକ ଅନଲାଇନ କାର୍ଯ୍ୟକ୍ରମ ଲୋକମାନଙ୍କ ଭିତରେ ମୋବାଇଲ ସହିତ ଆସକ୍ତିକୁ ତୀବ୍ର ଭାବେ ବଢ଼ାଇ ଦେଇଛି । ସେହିପରି ଅନଲାଇନ ପେମେଣ୍ଟ ହେଉ ବା ଯେକୌଣସି ଆର୍ଥିକ ଦେଣନେଣ ସହ ଖବର କାଗଜ ପଢ଼ା ଏବଂ ସମସ୍ତ ସୂଚନା ଏହି ମୋବାଇଲରେ ଉପଲବ୍ଧ ରହୁଥିବାରୁ ଲୋକମାନଙ୍କ ଜୀବନ ଶୈଳୀରେ ଏହା ଏପରି ଜଡ଼ିତ ହୋଇଗଲାଣି ଯେ ସାମାନ୍ୟ ମୁହୂର୍ତ୍ତଟି ଲୋକମାନେ ପାଇବା ମାତ୍ରେ ମୋବାଇଲକୁ ତତ୍‌କ୍ଷଣାତ ହାତରୁ କାଢ଼ିବା ପାଇଁ ମଧ୍ୟ ଚାହୁଁନାହାଁନ୍ତି । ଏହା ଯେଭଳି ଏକ ମାନସିକତା ଠିକ୍ ସେହିପରି ଭାବରେ ଏକ ଫୋବିଆର ରୂପ ନେଲାଣି ।

ଏନେଇ ସେତେଟା ବ୍ୟସ୍ତ ହେଲେ ମଧ୍ୟ ଏହା ପାଇଁ ଏକ ସର୍ବନିମ୍ନ ସଚେତନତା ଓ ଭଲ ରୁଟିନର ଜୀବନଟି ତିଆରି କରିପାରିଲେ ଏହି ବର୍ଗର ପୀଡ଼ିତମାନେ ଏଥିରୁ ନିସ୍ତାର ପାଇପାରିବେ । ସର୍ବପ୍ରଥମେ ନିଜକୁ ବୁଝାନ୍ତୁ ଯେ ଆପଣଙ୍କ ନିଜ ବ୍ୟକ୍ତିଗତ ଜୀବନ, ପାରିପାରିବ ଜୀବନ ଓ କର୍ମମୟ ଜୀବନ ଭିତରେ କିପରି ଭାରସାମ୍ୟ ରଖିବେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅତ୍ୟଧିକ ମୋବାଇଲ ଆସକ୍ତି ଲୋକମାନଙ୍କ ଚିନ୍ତାଶୀଳତା, ସ୍ମୃତିଶକ୍ତି ଓ ବୌଦ୍ଧିକ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ । ହାତରେ ମୋବାଇଲ ନାହିଁମାନେ ସତେ ଯେପରି ଆମ ଦେହରେ ଜୀବନ ନାହିଁ । ଏପରି ମାନସିକତା ଆଦୌ ରଖନ୍ତୁ ନାହିଁ । ଆପଣ ସର୍ବପ୍ରଥମେ ଏକ ରୁଟିନ ତିଆରି କରନ୍ତୁ ଯେ ହାତରେ ମୋବାଇଲ ଫୋନ ନ ରଖି ମଧ୍ୟ ଦିନକୁ କେତେ ଘଣ୍ଟା ସମୟ ଅତିବାହିତ କରିପାରିବି । ନିଜ ଖାଦ୍ୟପେୟ, ବିଶ୍ରାମ ଏସବୁକୁ ଦେଖନ୍ତୁ । ଆପଣଙ୍କ ପରିବାର ପାଇଁ ସମୟ ଦିଅନ୍ତୁ, ଆପଣଙ୍କ କର୍ମ ସଂସ୍ଥାନରେ ଥିବା ଦାୟିତ୍ୱକୁ ମଧ୍ୟ ସଠିକ୍ ରୂପେ ନିର୍ବାହ କରନ୍ତୁ ଏ ସବୁ ସତ୍ତ୍ୱେ ଆପଣଙ୍କର ଏହି ମୋବାଇଲ ପ୍ରତି ତୀବ୍ର ଆସକ୍ତି ଯଦି ଆପଣଙ୍କୁ ଛାଡ଼ି ପାରୁନାହିଁ ତାହାହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ । ଏଭଳି କ୍ଷେତ୍ରରେ ଚିକିତ୍ସା ଅପେକ୍ଷା ସଚେତନତା ଅଧିକ ଜରୁରୀ।

**ମାନସିକ ରୋଗ ବିଶେଷଜ୍ଞ,**
**ପୁରୀଘାଟ ରୋଡ୍, କଟକ,**
**ମୋ– ୯୧୩୨୪୩୩୩୩୩**

# ଦେବଶୟନ ବା ହରିଶୟନ ଏକାଦଶୀ

**ଡ.ଅରୁନ୍ଧତୀ ଦେବୀ**

ଆଷାଢ଼ ଶୁକ୍ଳ ପକ୍ଷ ଏକାଦଶୀକୁ ଦେବଶୟନୀ ଏକାଦଶୀ କୁହାଯାଏ । ଏହାକୁ ମଧ୍ୟ କେହି କେହି 'ପଦ୍ମନାଭା' କହନ୍ତି । ଏହି ଦିନଠାରୁ ଚତୁର୍ମାସ୍ୟା ଆରମ୍ଭ ହୋଇଯାଇଥାଏ । ଅର୍ଥାତ୍ ଏହି ବ୍ରତଠାରୁ ଚାରିମାସ ପର୍ଯ୍ୟନ୍ତ ବିବାହ କାର୍ଯ୍ୟଠାରୁ ଆରମ୍ଭ କରି ସମସ୍ତ ପ୍ରକାର ମାଙ୍ଗଳିକ ତଥା ଶୁଭ କାର୍ଯ୍ୟ ବନ୍ଦ ରହିଥାଏ ।

ଏହି ଦିନଠାରୁ ଚାରିମାସ ପର୍ଯ୍ୟନ୍ତ ଭଗବାନ ବିଷ୍ଣୁ କ୍ଷୀର – ସାଗରରେ ଶୟନ କରନ୍ତି । ପୁରାଣ ମତରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଚାରିମାସ ନିଦ୍ରା ଯାନ୍ତି । ସୂର୍ଯ୍ୟ କର୍କଟ ରାଶିରେ ଥିବାବେଳେ ଏହି ଶୟନ ଆରମ୍ଭ ହୋଇ ସୂର୍ଯ୍ୟ ତୁଳା ରାଶିରେ ଥିବାବେଳେ ଶୟନ ଶେଷ ହୁଏ । ଯେଉଁମାନେ ଚତୁର୍ମାସ୍ୟା ବ୍ରତ କରନ୍ତି ସେମାନେ ହରିଶୟନୀ ଏକାଦଶୀ ଦିନ ସଂକଳ୍ପ କରନ୍ତି । ତେଣୁ ଏକାଦଶୀ ଦିନ ଉପବାସ କରି ବିଷ୍ଣୁଙ୍କ ସୁନା, ରୂପା, ପିତ୍ତଳ ବା ତମ୍ବା ମୂର୍ତ୍ତି କରି ଷୋଡ଼ଶୋପଚାରରେ ପୂଜା କରିବା ଉଚିତ । ଭଗବାନଙ୍କୁ ପୀତାମ୍ବର ବସ୍ତ୍ର ପରିଧାନ କରାଇବା ସହ ବିଭିନ୍ନ ଅଳଙ୍କାର ବିଭୂଷିତ କରିବା ଆବଶ୍ୟକ । ଏହାପରେ ଧଳା ଗଦି ଓ ତକିଆ ଥିବା ପଲଙ୍କରେ ପ୍ରଭୁଙ୍କ ଶୟନ କରାଇବା ଉଚିତ । ଏହି ଚାରିମାସ ତପସ୍ୱୀମାନେ ଭ୍ରମଣ ନକରି ଗୋଟିଏ ସ୍ଥାନରେ ବସି ତପସ୍ୟା କରିଥାନ୍ତି । ଏହ ବ୍ରତ ନିଷ୍ଠାର ସହ ପାଳନ କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଏହି ବ୍ରତ ନିଷ୍ଠାର ସହ ପାଳନ କରିବା ଉଚିତ । ଚାରିମାସ ମଧ୍ୟରୁ ବ୍ରତୀମାନେ ଶ୍ରାବଣ ମାସରେ ଶାଗ, ଭାଦ୍ରବ ମାସରେ ଦଧି, ଆଶ୍ୱିନ ମାସରେ ଦୁଗ୍ଧ ଏବଂ କାର୍ତ୍ତିକ ମାସରେ ଡାଲି ବର୍ଜନ କରିଥାନ୍ତି । ଏହି ବ୍ରତ ପାଳନ କଲେ ତ୍ରିଦେବଙ୍କ ଆଶୀର୍ବାଦ ମିଳିଥାଏ । ବିଷ୍ଣୁ ପ୍ରତ୍ୟକ୍ଷ ରୂପରେ ମଙ୍ଗଳ କରନ୍ତି । ସକଳ ପାପରୁ ମୁକ୍ତି ମିଳେ । କାମନା ପୂରଣ ହୁଏ । ଦେହାନ୍ତେ ସ୍ୱର୍ଗଲୋକରେ ସ୍ଥାନ ମିଳେ । ଭଗବାନ ବିଷ୍ଣୁ ବିପ୍ର ବାମନ ରୂପ ଧାରଣ କରି ମର୍ତ୍ତ୍ୟରେ ଅବତରଣ କରିଥାନ୍ତି । ସେତେବେଳେ ଦାନବ ବଳୀ ଯଜ୍ଞ, ତପ କରି ସକଳ ଦେବଦେବୀଙ୍କୁ ନିଜ ବଶରେ ରଖିଥାଏ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ବଳୀର ଅତ୍ୟାଚାରରେ ଅତିଷ୍ଠ ହୋଇ ଯାଇଥିଲେ । ତେଣୁ ଏହି ତିନି ଭୁବନର ସୁରକ୍ଷା ପାଇଁ ଭଗବାନ ବିଷ୍ଣୁଙ୍କୁ ବାମନ ରୂପ ଧାରଣ କରିବାକୁ ପଡ଼ିଥିଲା । ଯାହାଙ୍କର ପାଦ ହେଲା ଭୁଲୋକ, ଜାନୁ ଭୁବଲୋକ, କଟି ସ୍ୱର୍ଗଲୋକ, ଉଦର ମର୍ତ୍ତ୍ୟଲୋକ, ହୃଦୟ ଜନଲୋକ, କଣ୍ଠ ତପଲୋକ, ମୁଖ ସତ୍ୟଲୋକ, ମୁଖ ସତ୍ୟଲୋକ ଏବଂ ମସ୍ତକ ହେଲା ଉର୍ଦ୍ଧ୍ୱ ଲୋକ । ଦେବୀଦେବୀଙ୍କ ଆକୁଳ ନିବେଦନ ଶୁଣି ବାମନରୂପୀ ବିଷ୍ଣୁ ଦାନବୀର ବଳୀଙ୍କୁ ତିନିପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ଦକ୍ଷିଣା ମାଗିଥିଲେ । ଏକପାଦ ଭୂମି ମର୍ତ୍ତ୍ୟ, ଦ୍ୱିତୀୟ ପାଦ ସ୍ୱର୍ଗକୁ ବ୍ୟାପୀଯିବାରୁ ତୃତୀୟ ପାଦ ବଳୀର ଶିରରେ ରଖି ଭଗବାନ ବିଷ୍ଣୁ ବଳୀକୁ ପାତାଳପୁରକୁ ପଠାଇ ଦେଇଥିଲେ । ବଳୀ ପାତାଳପୁରରେ ରହି 'ରକ୍ଷାକର, ରକ୍ଷାକର' ଚିତ୍କାର କରିବାରୁ କାମିକା ଏକାଦଶୀ କରିବାକୁ ଶୂନ୍ୟବାଣୀ ହେଲା । ଏହାପରେ ବଳୀ କାମିକା ଏକାଦଶୀ ଭକ୍ତି ଓ ନିଷ୍ଠାର ସହ ପାଳନ କରି ମୁକ୍ତି ପାଇ ବୈକୁଣ୍ଠବାସୀ ହୋଇଥିଲେ ।

କାମିକା ଏକାଦଶୀ ସମ୍ପର୍କରେ ଆଉ ଏକ ପୌରାଣିକ ଉପାଖ୍ୟାନ ରହିଛି । ସୂର୍ଯ୍ୟବଂଶୀ ମାନ୍ଧାତା ଜଣେ ସତ୍ୟବାଦୀ, ମହାପ୍ରତାପୀ, ଓ ଚକ୍ରବର୍ତ୍ତୀ ରାଜା ଥିଲେ । ସେ ନିଜ ପ୍ରଜାଙ୍କୁ ଧର୍ମରେ ପାଳନ କରୁଥିଲେ ହେଁ ତାଙ୍କ ରାଜ୍ୟରେ ତିନି ବର୍ଷ ଧରି ବର୍ଷା ହେଲା ନାହିଁ । ମରୁଡ଼ି ଯୋଗୁଁ ପ୍ରଜା ତ୍ରାହି ତ୍ରାହି ଡାକି ରାଜାଙ୍କୁ ଜଣାଇଲେ । ରାଜା ଏହି ବିପଦର ନିରାକରଣ ପାଇଁ ଋଷିଙ୍କ ନିକଟରେ ପହଞ୍ଚିଲେ ।

ରାଜାଙ୍କ ନିକଟରୁ ସମସ୍ତ କଥା ଶୁଣିବା ପରେ ଋଷି କହିଲେ, ତାଙ୍କ ରାଜ୍ୟରେ ବ୍ରାହ୍ମଣ ପାଠ କରୁଥିବା ବେଦକୁ ଅନ୍ୟ ଜଣେ କିଏ ପାଠ କରୁଥିବାରୁ ଏଭଳି ବିପଦ ପଡ଼ିଛି । ତେଣୁ ଉକ୍ତ ବ୍ୟକ୍ତିକୁ ହତ୍ୟା କର । ତେବେ ଜଣେ ନିରୀହ ପ୍ରଜାକୁ ହତ୍ୟା କରିବା ଉପାୟରେ ରାଜା ମାନ୍ଧାତା ରାଜି ହେଲେ ନାହିଁ । ଆଉ ଏକ ଉପାୟ କହିବା ପାଇଁ ରାଜା ମାନ୍ଧାତା ଋଷିଙ୍କୁ ଅନୁରୋଧ କଲେ । ରାଜାଙ୍କ ଅନୁରୋଧ ଶୁଣି ଆଷାଢ଼ ମାସ ଶୁକ୍ଳ ପକ୍ଷରେ ଦେବଶୟନୀ ଏକାଦଶୀ କରିବାକୁ ଋଷି କହିଲେ । ରାଜା ନିଷ୍ଠାପୂର୍ବକ ଏହି ବ୍ରତ କରିବା ପରେ ରାଜ୍ୟରେ ବର୍ଷା ହେଲା ଓ ମରୁଡ଼ି ଦୂର ହୋଇଗଲା ।

**କଟକ, ମୋ–୯୯୩୭୧୭୨୮୧୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୮ରେ...

ମଧ୍ୟ ଟ୍ରେଜେରିରେ ଜମା କରାଯାଇଛି । ସେହି ଚାବି ଆଣି ୨୮ ତାରିଖରେ, ସେଦିନ ଲାଗିଥିବା ନୂଆ ତାଲା ଖୋଲାଯିବ । ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଏବଂ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତ ୧୪ ତାରିଖ ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇଥିଲା । ମାର୍ଗଦର୍ଶିକା ଅନୁସାରେ ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା ଛ ବାହାର ରତ୍ନ ଭଣ୍ଡାର ୩ ଟି ଚାବି ରହିଥାଏ । ଗୋଟିଏ ଚାବି ଶ୍ରୀମନ୍ଦିର ପ୍ରଶାସନ ନିକଟରେ, ଗୋଟିଏ ଚାବି ଭଣ୍ଡାର ମେକାପ ଏବଂ ଶେଷ ଚାବି ଗଜପତି ମହାରାଜଙ୍କ ପ୍ରତିନିଧିଙ୍କ ନିକଟରେ ଥାଏ । ଏହି ତିନୋଟି ଚାବି ବ୍ୟବହାର କରି ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା । ବାହାର ରତ୍ନ ଭଣ୍ଡାରରେ ଥିବା ସମସ୍ତ ଅଳଙ୍କାର ଏବଂ ଜିନିଷପତ୍ରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଭାବେ ଚାଙ୍ଗଡା ଏବଂ ଫୁଲ ଘରକୁ ସ୍ଥାନାନ୍ତର କରାଯାଇଥିଲା । ସେହି ଅସ୍ଥାୟୀ ଷ୍ଟ୍ରଙ୍ଗରୁମକୁ ପରମ୍ପରାଗତ ବ୍ୟବସ୍ଥା ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ବନ୍ଦ କରାଯାଇଥିଲା ।

ଏହାପରେ ଭିତର ରତ୍ନଭଣ୍ଡାର ଖୋଲାଯିବାକୁ ପ୍ରସ୍ତୁତି ହୋଇଥିଲା । ଭିତର ରତ୍ନଭଣ୍ଡାରରେ ୩ ଟି ତାଲା ଲାଗିଥିଲା । ଏହା ମଧ୍ୟରୁ ଗୋଟିଏ ଜଉମୁଦ ସିଲ୍ ହୋଇଥିଲା ଏବଂ ଅନ୍ୟ ଦୁଇଟି ସିଲ୍ ନ ହୋଇ ବନ୍ଦ ଥିଲା । ଜିଲ୍ଲା ଟ୍ରେଜେରୀରୁ ଆସିଥିବା ଦୁଇଟି ଚାବିରେ ସମସ୍ତ ତାଲା ଖୋଲିବା ଉଦ୍ୟମ କରାଗଲା । କିନ୍ତୁ କୌଣସି ବି ତାଲା ଖୋଲି ନଥିଲା । ତେଣୁ ରାଜ୍ୟ ସରକାର ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ, ସମସ୍ତ ତାଲାକୁ ଭଙ୍ଗାଯାଇଥିଲା । ଭଙ୍ଗା ୩ ଟି ତାଲା ଏବଂ ପୁରୁଣା ଦୁଇଟି ଚାବିକୁ ଜିଲ୍ଲା ଟ୍ରେଜେରିରେ ଜମା ଦିଆଯାଇଛି । ଭିତର ରତ୍ନଭଣ୍ଡାରରେ ଥିବା ଜିନିଷ ସ୍ଥାନାନ୍ତର କରିବା ସମୟ ସାପେକ୍ଷ ହୋଇଥିବା କମିଟି ଅନୁଭବ କରିଥିଲେ, ତେଣୁ ଆଉ ଏକ ଦିନରେ ଭିତର ରତ୍ନଭଣ୍ଡାର ଜିନିଷ ସ୍ଥାନାନ୍ତର କରିବାକୁ ସ୍ଥିର ହୋଇଥିଲା । ଶେଷରେ ଭିତର ରତ୍ନଭଣ୍ଡାରରେ ୨ ଟି ନୂଆ ତାଲା ଲଗାଯାଇ ଏହାକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା ଏବଂ ଚାବି ଗୁଡିକୁ ଟ୍ରେଜେରିରେ ଜମା କରାଯାଇଛି ।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଉଭୟ ବାହାର ଏବଂ ଭିତର ରତ୍ନଭଣ୍ଡାର ଜିନିଷ ସ୍ଥାନାନ୍ତର ଶେଷ ହେବା ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଏହାର ମରାମତି ପାଇଁ ହସ୍ତାନ୍ତର କରାଯିବ । ପ୍ରତ୍ନତତ୍ତ୍ୱ ବିଭାଗ ମରାମତି ଶେଷ କରିବା ପରେ ପୁଣିଥରେ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମରୁ ସମସ୍ତ ଅଳଙ୍କାର ରତ୍ନଭଣ୍ଡାର ଭିତରକୁ ନିଆଯିବ । ରତ୍ନଭଣ୍ଡାର ଭିତରେ ହିଁ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଗଣତି ତଥା ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି ।

## କର୍ମ...

ବୈଠକରେ ବିଭାଗ ପକ୍ଷରୁ ୧୦୦ ଦିନର ଆକ୍ସନ ପ୍ଲାନ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଏହା ସହିତ ମେଟ୍ରୋ ରେଲ୍ ପ୍ରକଳ୍ପର ଅଗ୍ରଗତି, ଜାଗା ମିଶନ, ସିଆର୍‌ୟୁଟି ପରିବହନ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ସିଆର୍‌ୟୁଟି ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଆଗାମୀ...

ଗ୍ରହଣ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ଜୁନ୍ ୨୦୨୪ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ସମ୍ପର୍କରେ ବୈଠକରେ ଉପସ୍ଥାପନ ହୋଇଥିଲା । ୫ ବର୍ଷୀୟା ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଓ ୨୦୪୭ରେ ସ୍ୱାଧୀନତାରେ ୧୦୦ ବର୍ଷ ପୂର୍ତ୍ତିକୁ ଲକ୍ଷ୍ୟ ରଖି ବିକାଶର ଆଭିମୁଖ୍ୟ କିପରି ହେବ ସେଥିଲାଗି ବିଶେଷଜ୍ଞମାନଙ୍କ ସହ ବିଚାର ବିମର୍ଷ କରିବା ଉପରେ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟର ଆର୍ଥିକ ଅଭିବୃଦ୍ଧି କୃଷି, ଶିକ୍ଷା, ଜଳସେଚନ, ଶିଳ୍ପାନୁକୂଳ ବାତାବରଣ, ଭିତ୍ତିଭୂମି ବିକାଶ, ନିଯୁକ୍ତି ସୁଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱ ଦେବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର ସମନ୍ୱୟତା ଏବଂ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଶୁ ସମାଧାନ ଲାଗି ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ଅତିରିକ୍ତ ମୁଖ୍ୟ ସଚିବ ଅନୁଗର୍ଗ, ସତ୍ୟବ୍ରତ ସାହୁ, ଦେଓରଞ୍ଜନ ସିଂ, ସୁରେନ୍ଦ୍ର କୁମାରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ କମିଶନର ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ବସ୍‌ଷ୍ଟାଣ୍ଡରେ...

ଦାସ, ରଞ୍ଜନ ମହାନ୍ତି, ସୁବଳ ଲେଙ୍କା ଡ୍ରାଇଭର କଣ୍ଡକ୍ଟର ଓ ହେଲପର ଙ୍କୁ ଅଚେତ ଅବସ୍ଥାରେ ଅଠରବାଙ୍କୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯିବା ପରେ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନହେବାରୁ ତାଙ୍କୁ କଟକ ଡାକ୍ତରଖାନା ପଠାଯାଇଛି । ଏଭଳି ଘଟଣାକୁ ନେଇ ପାରାଦୀପ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲେ ମଧ୍ୟ ଦୁର୍ବୃତ୍ତ ଖସି ପଳାଇବାରେ ସମର୍ଥ ହୋଇଛି । ତେବେ ସେ କିଏ, କେଉଁଠୁ ଆସିଥିଲା, ତା ସେ ଆଣିଦେଲା କି କାହା ମାଧ୍ୟମରେ ମଗେଇଲା, ବସ ଭିତରୁ କେତେ କଣ ଲୁଟ କରିଛି, ଏ ସବୁକୁ ଏବେ ତଦନ୍ତ କରୁଛି ପୋଲିସ । ଗତ କିଛିଦିନ ତଳେ ପୁରୀରୁ ପାରାଦୀପ ଆସୁଥିବା ଶିବଶକ୍ତି ବସକୁ ଏଭଳି ଟାର୍ଗେଟ କରାଯାଇ ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ କରାଯାଇଥିଲା ।

## ପ୍ରତ୍ୟେକ...

ଜମ୍ମୁକାଶ୍ମୀରରେ ସହିଦ୍ ହୋଇଛନ୍ତି । ଯେତେବେଳେ ସେନା ଓ ଜମ୍ମୁକାଶ୍ମୀର ପୋଲିସର ମିଳିତ ଅପରେସନ୍ ଚାଲିଥିଲା ସେମାନେ ଏହି ସମୟରେ ହୋଇଥିବା ଏନ୍‌କାଉଣ୍ଟରରେ ସେମାନଙ୍କ ପ୍ରାଣବଳୀ ଦେଇଛନ୍ତି । ସୂତ୍ରରୁ ମିଳିଥିବା ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ କଥା ହୋଇଛନ୍ତି । ଡୋଡାରେ ଚାଲିଥିବା ଅପରେସନ୍ ସମ୍ପର୍କରେ ସବିଶେଷ ତଥ୍ୟ ନେଇଛନ୍ତି ।

## ବୁକିଂର...

କଳାବଜାରୀ ଏବଂ ତୈଳ ସାମଗ୍ରୀରେ ଅପମିଶ୍ରଣ ରୋକିବାକୁ ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ଜାରି ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ବିଭିନ୍ନ ବିତରକ ସଂସ୍ଥାଗୁିକର ସମସ୍ୟା ଏବଂ ଖାଉଟିମାନଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଉପରେ କାର୍ଯ୍ୟକରିବା ନେଇ ଆଲୋଚନା ହୋଇଥିଲା । ପେଟ୍ରୋଲ ଟାଙ୍କିଗୁଡ଼ିକରେ ପାନୀୟ ଜଳ, ଶୌଚାଳୟ ଏବଂ ବିନାମୂଲ୍ୟରେ ଗାଡ଼ିରେ ପ୍ରେସର୍ ଦେବା ବ୍ୟବସ୍ଥାକୁ ଟାଙ୍କି ମାଲିକମାନେ ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ।

ଆଜିର ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସନ୍ତୋଷ ନାୟକ, ଉପନିର୍ଦ୍ଦେଶକ ଦୀପକ ଶତପଥୀ, ବୈଧ ମାପ ଓ ଓଜନ ବିଭାଗର ବରିଷ୍ଠ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ସାଧାରଣ ସଂପାଦକ ସଂଜୟ ଲାଠ୍, ସଭାପତି ବିଶ୍ୱଜିତ ପଟ୍ଟନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଙ୍ଗଦାନ...

ଜିଲ୍ଲା ପ୍ରଶାସନ ତରଫରୁ ଗ୍ରାମ ଶ୍ମଶାନରେ ବିରେନ୍ଦ୍ରଙ୍କ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆ ଯାଇଥିଲା। ବିରେନ୍ଦ୍ରଙ୍କ ପୁଅ ଶୁଭାଶୀଷ ସ୍ୱାଇଁ ମୁଖାଗ୍ନୀ ଦେଇଥିବାବେଳେ ଝିଅ ସୁଭଦ୍ରା, ସ୍ତ୍ରୀ ଅନୁପମା,ଭଉଣୀ କୃଷ୍ଣପ୍ରିୟା, ଭିଣୋଇ ରବିନ୍ଦ୍ର ବିଶ୍ୱାଳ, ବଡଭାଇ ଶୈଳେନ୍ଦ୍ର, ପୁତୁରା ସୌଭାଗ୍ୟଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରା ଯାଇଥିଲା। ତିର୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇ ବିରେନ୍ଦ୍ର ସ୍ୱାଇଁ ମରି ମଧ୍ୟ ଚିରଦିନ ଅମର ହୋଇ ରହିଲେ ବୋଲି କହିଥିଲେ। ଆଜି ପ୍ରତ୍ୟୁଷରେ ତାଙ୍କର ମର ଶରୀର ରେତୁଆରେ ପହଂଚିବା ପରେ ତାଙ୍କୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ବିଶାଳ ଶୋଭାଯାତ୍ରାରେ ରେତୁଆ ପଂଚାୟତ ପରିକ୍ରମା କରା ଯାଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ଦେବାଶୀଷ ତ୍ରିପାଠି, ରେତୁଆ ସରପଂଚ କିଶୋର ଚନ୍ଦ୍ର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାଶ, ସରପଂଚ ବଟକୃଷ୍ଣ ନାୟକ, ସରପଂଚ ରୀନାରାଣୀ ସ୍ୱାଇଁ, ଡ. ସୁରେନ୍ଦ୍ର ମହାପାତ୍ର, ବିଜେଡି ନେତା ସରୋଜ କୁମାର ରାୟ, ବଂଶୀଧର ସ୍ୱାଇଁ, ଗୀତା ରଥଙ୍କ ସମେତ ହଜାର ହଜାର ଜନ ସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ଭୁସମ୍ପତି ଜବରଦଖଲ ଉଚ୍ଛେଦ ନେଇ ଉତ୍ତେଜନା

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅଧିନସ୍ଥ କୋଇଲିସୂତା ମୌଜାରେ ସରକାରୀ ଭୁସମ୍ପତି ଜବରଦଖଲ ଉଚ୍ଛେଦ ନେଇ ମଙ୍ଗଳବାର ହରଭଙ୍ଗା ରାଜସ୍ୱ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି କୋଇଲିସୂତା ଗ୍ରାମବାସୀ । ଲିଖିତ ଅଭିଯୋଗ ଅନୁଯାଇ କୋଇଲିସୂତା ମୌଜା ଧଳପୁର ରାଜସ୍ୱ ନିରୀକ୍ଷକଙ୍କ ଅଧିନସ୍ଥ ଅଟେ । ଉକ୍ତ ଗ୍ରାମରେ ଅନାବାଦୀ, ଗୋଚର, ଗ୍ରାମ୍ୟ ଶାସନ, ଗ୍ରାମ୍ୟ ଜଙ୍ଗଲ ଆଦି କିସମର ସରକାରୀ ଭୁସମ୍ପତି ରହିଥିବା ସ୍ଥଳେ ଜୈନେକ ଏକ ବ୍ୟକ୍ତି ଉକ୍ତ ସରକାରୀ ସମ୍ପତିର ପ୍ରାୟ ୨୦ଡେସିମିଲ ନିଜେ ବଳ ପୂର୍ବକ ଅକ୍ତିଆର କରି ଚାଷ ଜମିରେ ପରିଣତ କରିଛି । ଅନ୍ୟ କିଛି ବ୍ୟକ୍ତି ବିଶେଷ ମଧ ଏକର ଏକର ସରକାରୀ ସମ୍ପତି ଗଛ କାଟି ନିଜ ଅକ୍ତିଆର କରିଛନ୍ତି । ଏହି ସରକାରୀ ସମ୍ପତିକୁ ଜବରଦସ୍ତ ଅକ୍ତିଆର କରିଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ଅଭିଯୋଗ ହୋଇଛି । ଅନ୍ୟ ପଟେ ଏହି ସମ୍ପତି ଅକ୍ତିଆରରେ ଧଳପୁର ରାଜସ୍ୱ ନିରୀକ୍ଷକ ଭିତିରିଆ ନେଣ ଦେଣରେ ଏହା ସମ୍ଭବ ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଏଣୁ ନୂତନ ସରକାରଙ୍କ ନିୟମ ଅନୁଯାଇ ଜବରଦଖଲକୁ ଉଚ୍ଛେଦ କରିବା ସହିତ ଏଥିରେ ସାମିଲ ଥିବା ବ୍ୟକ୍ତି ବିଶେଷ ଓ ସରକାରୀ ବାବୁଙ୍କୁ ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନେବା ଦାବି କୋଇଲିସୂତା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ମହାଲିକ୍ ପଡ଼ା ପଞ୍ଚାୟତର ଭାବପୁର ଗ୍ରାମର ସଂପୂର୍ ଛକ ରେ ଏଭଳି କିଛି ବ୍ୟକ୍ତି ବଳ ପୂର୍ବକ ସରକାରୀ ଭୁସମ୍ପତି ଜବରଦଖଲ କରୁଥିବା ମଧ ପୂର୍ବରୁ ଅଭିଯୋଗ ହୋଇ ଆସିଛି । ତେଣୁ ହରଭଙ୍ଗା ତହସିଲଦାର ଉକ୍ତ ଅଭିଯୋଗକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ବନ୍ଧୁକ ଦେଖାଇ ୫୦ ହଜାର ଲୁଟ୍

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ବିରଙ୍ଗାଟୋଲି ଠାରେ ଥିବା ଏସବିଆଇ ଗ୍ରାହକ ସେବା କେନ୍ଦ୍ରକୁ ଦୁଇ ଜଣ ଯୁବକ ଏକ ବାଇକରେ ଆସିଥିଲେ। ସେବା କେନ୍ଦ୍ରର ମାଲିକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଆଉ କାଉଣ୍ଟରରେ ଥିବା ପ୍ରାୟ ୫୦ ହଜାର ଟଙ୍କା ଲୁଟି ନେଇ ସେଠାରୁ ଫେରାର ମାରିଥିଲେ। ଲୁଟେରାମାନେ ଗଲାପରେ ଗ୍ରାହକ ସେବା କେନ୍ଦ୍ରର ମାଲିକ କୁତ୍ରା ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ବେଳେ ଭିତରେ ଏକ ଅଫୁଟା ଗୁଳି ପାଇଥିଲା। ତେବେ ଗ୍ରାହକ ସେବା କେନ୍ଦ୍ରରୁ ଏଭଳି ଲୁଟ ହେବା ଏହା ପ୍ରଥମ ଘଟଣା ନୁହେଁ ପୂର୍ବରୁ ମଧ ଅନେକ ବାର ଏହିଭଳି ଲୁଟ୍ ହୋଇଛି। ଲୁଟେରାଙ୍କ ଟାର୍ଗେଟରେ ଗ୍ରାହକ ସେବା କେନ୍ଦ୍ର ରହିଥିବା ପୁଲିସ କହିଛି।

# ଆଇଚର ଧକ୍କାରେ ଯୁବକଙ୍କ ଅଣ୍ଟା ଭାଙ୍ଗିଲା

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଥାନା ବୀରନରସିଂହପୁର ଗ୍ରାମର ରମାକାନ୍ତ ଡାଙ୍ଗ ( ୪୨ ) । ନିକଟସ୍ଥ ଭବାନୀ ରାଇସ ମିଲରେ କାର୍ଯ୍ୟ କରୁଥିଲେ । ସବୁଦିନ ପରି ସୋମବାର ମଧ କାର୍ଯ୍ୟ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବାଇକରେ ପେଟ୍ରୋଲ ଭର୍ତ୍ତି ପାଇଁ ପାଖରେ ଥିବା ବୀରନରସିଂହପୁର ପେଟ୍ରୋଲ ପମ୍ପକୁ ଯାଇଥିଲେ । ପେଟ୍ରୋଲ ପକାଇ ଫେରୁଥିବା ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଅଣ୍ଡା ବୋଝେଇ ଟ୍ରକ ଧକ୍କା ଦେଇଥିଲା । ଫଳରେ ରମାକାନ୍ତଙ୍କ ଶରୀର ଅଣ୍ଟା ସମ୍ପୂର୍ଣ ଭାବରେ ଦୁଇ ଖଣ୍ଡ ହୋଇଯାଇଥିଲା । ଘଟଣା ଟି ଏତେ ଭୟଙ୍କର ଥିଲା ସେ ଦୃଶ୍ୟ ଦେଖି ହେବ ନାହିଁ । ଏପଟେ ଦୁର୍ଘଟଣା ଖବର ପାଇ ପରିବାର ଲୋକ ହତବାକ ହୋଇଯାଇଛନ୍ତି । ବୌଦ୍ଧ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଥାନାରେ ଜବତ କରିଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ସ୍କୁଲରେ ପଶିଲା ଭାଲୁ, ବନବିଭାଗ ଉଦ୍ୟମରେ ଧରାପଡ଼ିଲା

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ସରକାରୀ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ଏକ ଭାଲୁ ପଶିଯାଇଥିବା ବେଳେ ତାକୁ ଧରିବା ପାଇଁ ନାକେଦମ୍ ହୋଇଥିଲା ବନ ବିଭାଗ। ୪ ଘଣ୍ଟାର ଅପରେସନ୍ ପରେ ଭାଲୁକୁ ଧରିଥିଲେ ବନ କର୍ମଚାରୀ। ଆଉ ଏହାକୁ ନେଇ ଦିନ ତମାମ୍ ଦହଣା ଗାଁରେ ଆତଙ୍କ ଖେଳିଯାଇଥିଲା। ପ୍ରତିଦିନ ଭଳି ମଙ୍ଗଳବାର ସକାଳେ ୧୦ଟାରେ ଦହଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୋଲାଥିଲା । ପ୍ରଧାନଶିକ୍ଷକ, ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଆସିଥିଲେ। ସମସ୍ତେ ସ୍କୁଲ ପରିସରକୁ ଯିବା ପରେ ସେଠାରେ ଏକ ନିର୍ମାଣାଧୀନ ଗୃହରେ ଏକ ଭାଲୁ ଶୋଇଥିବା ଦେଖିଥିଲେ। ଫଳରେ ସମସ୍ତେ ଭୟଭୀତ ହୋଇ ଯାଇଥିଲେ ଓ ବାହାରକୁ ଚାଲିଯାଇଥିଲେ। ସ୍କୁଲରେ ଭାଲୁ ପଶିଥିବା ନେଇ ପ୍ରଧାନଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀଙ୍କୁ ଘରକୁ ପଳାଇବାକୁ ନିର୍ଦ୍ଦେଶ ଦେଇ ସ୍କୁଲ ବନ୍ଦ କରିଦେଇ ଥିଲେ ପ୍ରଧାନଶିକ୍ଷକ।

ଏନେଇ ଖବର ପାଇ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ଖବର ଦେଇଥିଲେ। ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ଘଟଣା ସମ୍ପର୍କରେ ଜାଣିବା ପରେ ରେସକ୍ୟୁ ଷ୍ଟାଫ ସହ ଏକ ଟିମ ସ୍କୁଲକୁ ପଠାଇଥିଲେ। ବନବିଭାଗର ସ୍ୱତନ୍ତ୍ର ଟିମ୍ ସ୍କୁଲରେ ପହଞ୍ଚି ଭାଲୁକୁ ଧରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଭାଲୁଟି ବନ କର୍ମଚାରୀମାନଙ୍କୁ ଚକମା ଦେଇ ଗଛ ଉପରକୁ ଚଢି ଯାଇଥିଲା। ତାକୁ ଧରିବା ପାଇଁ ବନ କର୍ମଚାରୀମାନେ ଜାଲ ବିଛାଇଥିଲେ। କିନ୍ତୁ ଭାଲୁ ଜାଲରେ ପଡ଼ିନଥିଲା। ଫଳରେ ତାକୁ ଧରିବା କାଠିକର ପାଠ ହୋଇପଡ଼ିଥିଲା। ତେବେ ଦୀର୍ଘ ସମୟ ଧରି ଅପେକ୍ଷା କରିବାପରେ ଭାଲୁଟିକୁ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଥିଲେ ବନବିଭାଗ କର୍ମଚାରୀ। ଅଚେତ ଭାଲୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି ବନବିଭାଗ।

# ବୃଦ୍ଧି ପାଉନି ଜଳସ୍ତର : ଜଳ ପ୍ରବାହ ଓ ବର୍ଷାର ଆଶାରେ ହୀରାକୁଦ ଜଳଭଣ୍ଡାର



ସମ୍ବଲପୁର,(ସବ୍ୟୁ): ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି । ବାରମ୍ବାର ଲଘୁଚାପ ସତ୍ୱେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଶାନୁରୂପକ ଭାବେ ବୃଦ୍ଧି ପାଉନାହିଁ । ମହାନଦୀର ଉପରମୁଣ୍ଡରେ ଛତିଶଗଡ ବ୍ୟାରେଜ୍ ନିର୍ମାଣ କରିବା ପରେ ଜଳଭଣ୍ଡାରକୁ ଖୁବ୍ କମ୍ ଜଳ ପ୍ରବେଶ କରୁଛି। ଯାହାକି ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା କାରଣ ଅଟେ । ଏଭଳିସ୍ଥଳେ ଉପରମୁଣ୍ଡରେ ପ୍ରବଳ ବର୍ଷା ହେଲେ କଲମା ଅଧିକ ବ୍ୟାରେଜ ଗେଟ୍ ଖୋଲିବା ସହ ହୀରାକୁଦ ଜଳଭଣ୍ଡାରକୁ ଜଳପ୍ରବାହ ବୃଦ୍ଧି ପାଇବ । ତେଣୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ଉପରମୁଣ୍ଡରୁ ଜଳପ୍ରବାହ ଓ ବର୍ଷା ଉପରେ ବିଶେଷ ଭାବେ ନିର୍ଭର କରୁଛି । ମଙ୍ଗଳବାର ସଂନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୦୧.୩୧ଫୁଟ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨୭ହଜାର୯୦୯ଘନଫୁଟ ଜଳ ପ୍ରବେଶ କରୁଛି । ଅପରପକ୍ଷେ ୩୩ହଜାର୭୪୫ଘନଫୁଟ ଜଳ ନିଷ୍କାସିତ ହେଉଛି । ୨୯ହଜାର୩୫୬ଘନଫୁଟ ଜଳ ପାୱାର ଚେନାଲ, ୨୭୫ଘନଫୁଟ ଜଳ କଳକାରଖାନା ଓ ୪ହଜାର୧୧୪ଘନଫୁଟ ଜଳ କେନାଲକୁ ଛଡାଯାଉଛି । ଗତ କିଛି ଦିନ ହେଲା ଜଳଭଣ୍ଡାର ଉପରମୁଣ୍ଡରେ ନାମକୁ ମାତ୍ର ବର୍ଷା ହେଉଥିବାରୁ ଜଳସ୍ତରରେ ଉନ୍ନତି ହେଉନାହିଁ ।

ହୀରାକୁଦର ସର୍ବୋଚ୍ଚ ଜଳଧାରଣା କ୍ଷମତା ୬୩୦ ଫୁଟ୍ ଅଟେ । ଏହି ଜଳଭଣ୍ଡାର ଉପରେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଜିଲ୍ଲା ସମେତ ଅବିଭକ୍ତ କଟକ ତ୍ରିକୋଣଭୂମିର ଚାଷଜମି ଜଳସେଚିତ ହୋଇଥାଏ । ଫଳରେ ଏସବୁ ଅଞ୍ଚଳ ଶସ୍ୟଶ୍ୟାମଳା ହୋଇଥାଏ । ଏଥିସହ ବିଦ୍ୟୁତ୍ ଉତ୍ପାଦନ ଓ ଶିଳ୍ପକୁ ଜଳଯୋଗାଣ ହୋଇଥାଏ । ମାତ୍ର ହୀରାକୁଦର ଉପରମୁଣ୍ଡରେ ବର୍ଷାର ଅଭାବ ଓ ଜଳଭଣ୍ଡାରକୁ ଜଳ ପ୍ରବାହ ହ୍ରାସ ପାଇଥିବାରୁ ଏଥର ସ୍ଥିତି ସ୍ୱାଭାବିକ ହୋଇନାହିଁ। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାର ଜଳସ୍ତର ଗତ ବର୍ଷ ଜୁଲାଇ ୨୫ରେ ୬୧୩ ଫୁଟ୍ ଥିବାବେଳେ ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଥିଲା । ସେହିପରି ୧୮ଜୁଲାଇ, ୨୦୨୨ରେ ୬୧୩.୭୧ ଫୁଟ , ୧୧ଜୁଲାଇ, ୨୦୨୧ରେ ୬୦୯.୪୫ ଫୁଟ, ୨୫ଜୁନ, ୨୦୨୦ରେ ୬୧୮.୧୦ଫୁଟ, ୧୪ଅଗଷ୍ଟ ୨୦୧୯ରେ ୬୧୮.୬୯ଫୁଟ, ୨୪ଜୁଲାଇ ୨୦୧୮ରେ ୬୧୮ଫୁଟ, ୨୩ଜୁଲାଇ, ୨୦୧୭ରେ ୬୦୭.୬୫ଫୁଟ, ୫ଅଗଷ୍ଟ, ୨୦୧୬ରେ ୬୧୫.୬୫ଫୁଟ, ୧୩ଜୁଲାଇ, ୨୦୧୫ରେ ୬୧୫.୭୫ଫୁଟ, ୨୪ଜୁଲାଇ, ୨୦୧୪ରେ ୬୧୯.୧୭ଫୁଟ ଜଳସ୍ତର ଥିବାବେଳେ ସେହିବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଥିବା ବିଭାଗ ପକ୍ଷରୁ ଜଣାପଡିଛି ।

**ଦ.ପୂ.ରେଳପଥ-ବିଜ୍ଞପ୍ତି**

**ଇ-ଟେଣ୍ଡର ନୋଟିସ୍ ନଂ : ଟିଆରଏସ-ବିଏନଡିଏମ-୦୩-୨୦୨୪-୨୫, ତାରିଖ ୧୫.୦୭.୨୦୨୪ ।** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ) ବଣ୍ଡମୁଣ୍ଡା, ଦ.ପୂ. ରେଳପଥଙ୍କ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନ ସୂଚିତ କାର୍ଯ୍ୟ ସକାଶେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । **କାର୍ଯ୍ୟର ବିବରଣୀ :** ଇଏଲଏସ/ବଣ୍ଡମୁଣ୍ଡାର ତିନି -ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ସ୍‌ର ୦୨ ବର୍ଷ ପାଇଁ ଲୋକୋ ବଡି ଓ ଫିଲ୍‌ଟର କ୍ଲିନିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.୮୭,୭୮,୭୫୭.୧୨ । **ଅମାନତ ଅର୍ଥ :** ଟ.୧,୭୫,୬୦୦/- । **ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ :** ୦୬.୦୮.୨୦୨୪ ଅପରାହ୍ନ ୧୭.୦୦ ଘଟିକା । ୱେବ୍‌ସାଇଟ ବିବରଣୀ ଓ ସବିଶେଷ ସୂଚନା: **https://www.ireps.gov.in.** ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

(PR-388)

**କର୍ଣ୍ଣାଟକ ବ୍ୟାଙ୍କ ଲିଃ.**
ଭାରତରେ ସର୍ବତ୍ର ଆପଣଙ୍କ ପରିବାର ବ୍ୟାଙ୍କ
ପଞ୍ଜିକୃତ କାର୍ଯ୍ୟାଳୟ: ମାଙ୍ଗାଲୋର-୫୭୫୦୦୨, କଟକ ଶାଖା, ପ୍ଲଟ୍ ନଂ.: ୨୨ ଏବଂ ୨୨/୧୫୦୭, ରଶ୍ମିପ୍ଲାଜା, ଲିଙ୍କ ରୋଡ୍, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା, ଫୋନ୍: ୯୪୩୭୦୪୨୫୦୦, ୯୪୩୭୦୩୯୯୫୦, ଇ-ମେଲ: cuttack@ktkbank.com, ୱେବସାଇଟ: www.karnatakabank.com

**ଲକର୍ ଭଙ୍ଗା ନୋଟିସ୍**

ଏତଦ୍ୱାରା ନିମ୍ନଦର୍ଶିତ ଶାଖାର ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ମଧ୍ୟ ସେମାନେ ୩ବର୍ଷରୁ ଅଧିକ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି । ତଦାନୁଯାୟୀ ଲକରଧାରୀମାନଙ୍କୁ ବିଧିବଦ୍ଧ ସୂଚନା ଦିଆଯାଇ ନିମ୍ନଲିଖିତ ଲକରକୁ ନୋଟିସ୍ ପ୍ରକାଶନ ତାରିଖଠାରୁ ୧୫ଦିନ ପରେ ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସଂପୃକ୍ତ ଲକରଧାରୀଙ୍କୁ ପରାମର୍ଶ କି ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ସଂପୃକ୍ତ ଶାଖା ସହ ଯୋଗାଯୋଗ କରି ବକେୟା ସମାଧାନ ସହିତ ନିଲାମକୁ ଏଡାନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀ ବହନ କରିବେ ଏବଂ ବକେୟା ଭଡ଼ା/ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ସଂରକ୍ଷିତ ରହିଛି ।

| ଲକର ନଂ. | ଲକରଧାରୀମାନଙ୍କ ନାମ ଏବଂ ଠିକଣା |
|---|---|
| ଏସ୍୧-୩୨ | ମଦନ ମୋହନ ଦାସ, ମାର୍ଫତ: ଡଃ କେ ଏମ୍ ଦାସ, ସା: କହ୍ନେଇପୁର, ପୋ: ସିଆରପାଟଣା, କଟକ-୭୫୩୦୦୬ |
| ଏସ୍୧-୬ | ପ୍ରଭାକର ନାୟକ ଏବଂ ମନସ୍ୱିନୀ ମାହେଶ୍ୱରୀ ପ୍ରଧାନ, ସା: ମଉଗଡପୁର, ପୋ: କଦମଛଦା, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୩୫ |

ସ୍ଥାନ: କଟକ, ତାରିଖ : ୧୬.୦୭.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ପଞ୍ଜାବ ଆଣ୍ଡ୍ ସିନ୍ଧ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଚରମ୍ପା ଶାଖା, କଳ୍ପନା କମ୍ପ୍ଲେକ୍ସ, ମୋଟେଲ ଛକ, ଭଦ୍ରକ-୭୫୬୧୦୦

**ସୁନା ନିଲାମ ନୋଟିସ୍**

ଏହି ନୋଟିସ୍ ଦ୍ୱାରା ସମ୍ପୃକ୍ତ ପକ୍ଷ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାଙ୍କ ନିମ୍ନଲିଖିତ ଶାଖାରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ବାବଦ ବକେୟା ଋଣରାଶି ପରିଶୋଧ କରୁନଥିବା କାରଣରୁ ସମ୍ପୃକ୍ତ ଶାଖାରେ **ତା.୦୨.୦୮.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ଠାରୁ ଘରୋଇ ବିକ୍ରୟ ପ୍ରକ୍ରିୟା ମାଧ୍ୟମରେ ଏହି ସୁନା ଅଳଙ୍କାରଗୁଡିକ ବିକ୍ରୟ କରାଯିବ ।

| ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ବକେୟା ରାଶି | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| ୧୦୭୬୧୩୦୦୦୦୦୧୬୯ | ଶ୍ରୀ ଦେବକାନ୍ତ ବେହେରା, ପିତା: ମଙ୍ଗୁଲୀ ଚରଣ ବେହେରା, ସା: ଡଗରପଡା, ପୋ: ନଗୁଆଁ, ଭଦ୍ରକ-୭୫୬୧୧୨ | ଟ.୬୮,୭୫୮/- | ୨୩.୫୧ |

ସ୍ଥାନ: ଭଦ୍ରକ
ତାରିଖ: ୧୬.୦୭.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ

**OFFICE OF THE CDM & PHO cum DMD, SUBARNAPUR**
**DISTRICT PROGRAMME MANAGEMENT UNIT, NHM**
E-mail : nhm.subarnapur@gmail.com
Letter No : 1569/DPMU/NHM/2024 Date : 12.07.2024

**SHORT TENDER CALL NOTICE FOR EMPANELLMENT OF AGENCY FOR PROVIDING CATERING SERVICES ON ANNUAL RATE CONTRACT BASIS**

**E-122 :** Sealed tenders are hereby invited regarding empanelment of Supplier for Catering Services (Supply of Tea, snacks. Tiffin, Lunch, Dinner etc) to office of the CDM & PHO, Subarnapur on annual rate Contract basis. Details instruction for the bidder may be downloaded from **www.subarnapur.odisha.gov.in** and submit their bid. The sealed tender should reach the office of the undersigned on or before 20.07.2024 till 3 P.M along with the required documents. The tender will be opened on 20.07.2024 at 3.30 PM in the office chamber of the undersigned. The undersigned reserves the right to reject any or all the quotation without assigning any reason thereof.

OIPR : 10118/11/0001/2425 Sd/- CDM & PHO cum DMD Subarnapur

**OFFICE OF THE CDM & PHO CUM DMD, NUAPADA**
**DISTRICT PROGRAMME MANAGEMENT UNIT, NHM**
**NUAPADA, ODISHA, 766105**
Email Id- nhmnuapada@gmail.com
Notice No-2199 Date-15.07.2024

**WALK IN INTERVIEW FOR CONTRACTUAL ENGAGEMENT**

Walk in Interview will be conducted for filling up of the following posts under Zilla Swasthya Samiti, Nuapada on contractual basis. The said post is contractual and for a period of 11 months, subject to renewal as per the terms and conditions of OSH FW Society. The post is purely temporary and co-terminus with the scheme.

| Sl. No | Name of the Post | No. of post |
|---|---|---|
| 1 | Clinical Psychologist-NMHP | 01 |
| 2 | Psychiatric Social Worker-NMHP | 01 |
| 3 | Office Assistant | 01 |
| 4 | Dental Technician-DEIC | 01 |
| 5 | Psychologist-DEIC | 01 |
| 6 | Doctor-UHWC Khariar | 01 |
| 7 | MO MBBS at DEIC | 01 |
| 8 | MO-SNCU | 01 |
| 9 | Pediatrician at DEIC | 01 |

Interested eligible candidates may log on to **www.nuapada.odisha.gov.in** for details (terms and conditions & application form etc.). Eligible candidates for the above post who are interested required to attend the Walk-in-Interview at the Office of the Chief District Medical and Public Officer, Nuapada with duly filled prescribed Application Form and required documents (please read Other Terms & Conditions page) for verification as mentioned above schedule date.

No one will be considered after the schedule date & time. Number for vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof. This office will not toe responsible for any delay to come in the schedule date & No person query will be entertained.

Sd/- CDM & PHO cum DMD
Nuapada
OIPR : 10055/11/0009/2425

**କର୍ଣ୍ଣାଟକ ବ୍ୟାଙ୍କ ଲିଃ.**
ଭାରତରେ ସର୍ବତ୍ର ଆପଣଙ୍କ ପରିବାର ବ୍ୟାଙ୍କ
ଭୁବନେଶ୍ୱର ଶାଖା, ପ୍ଲଟ୍ ନଂ.: ୬୯୮, ଶହୀଦ ନଗର, ବିଏମ୍‌ସି ଭବାନୀ ମଲ ବିପରୀତ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭, ଫୋନ୍: ୦୬୭୪ - ୨୫୪୪୩୩୭, ୨୫୪୦୧୭୪, ୨୫୪୬୬୭୪, ଇ-ମେଲ: bhubaneswar@ktkbank.com, ୱେବସାଇଟ: www.karnatakabank.com, CIN: L85110KA1924PLC001128

**ଲକର୍ ଭଙ୍ଗା ନୋଟିସ୍**

ଏତଦ୍ୱାରା ନିମ୍ନଦର୍ଶିତ ଶାଖାର ଲକରଧାରୀଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ମଧ୍ୟ ସେମାନେ ୩ବର୍ଷରୁ ଅଧିକ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି। ଲକରଧାରୀ ରାଜି ହୋଇଥିବା ନିୟମ ଓ ସର୍ତ୍ତାବଳୀ ଅନୁସାରେ ଭଡା ପ୍ରଦାନ ନକଲେ କଥିତ ଲକରକୁ ଭାଙ୍ଗି ଖୋଲିବାର ଅଧିକାର ବ୍ୟାଙ୍କର ରହିଛି । ତଦାନୁଯାୟୀ ଲକରଧାରୀଙ୍କୁ ବିଧିବଦ୍ଧ ସୂଚନା ଦିଆଯାଇ ନିମ୍ନଲିଖିତ ଲକରକୁ ନୋଟିସ୍ ପ୍ରକାଶନ ତାରିଖଠାରୁ ୧୫ଦିନ ପରେ ବ୍ୟାଙ୍କ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି ଏବଂ ସଂପୃକ୍ତ ଲକରଧାରୀଙ୍କୁ ପରାମର୍ଶ କି ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ସଂପୃକ୍ତ ଶାଖା ସହ ଯୋଗାଯୋଗ କରି ବକେୟା ସମାଧାନ ସହିତ ନିଲାମକୁ ଏଡାନ୍ତୁ। ଲକର ଭାଙ୍ଗିବାର ଖର୍ଚ୍ଚ ଲକରଧାରୀ ବହନ କରିବେ ଏବଂ ବକେୟା ଭଡ଼ା/ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି ଆଦାୟ କରିବା ପାଇଁ ବ୍ୟାଙ୍କର ଆଇନଗତ ପଦକ୍ଷେପ ନେବାର ଅଧିକାର ସଂରକ୍ଷିତ ରହିଛି ।

| ଲକର ନଂ. | ଲକରଧାରୀ ନାମ ଏବଂ ଠିକଣା |
|---|---|
| ଏମ୍୩-୨୬୧ | ମେସର୍ସ ରିପିଲ୍‌ସଫ୍ଟ ପ୍ରାଇଭେଟ୍ ଲିମିଟେଡ୍, ସଞ୍ଜିବ ଭଗତ, ୭ ଏବଂ ୮, କଟକ ପୁରୀ ରୋଡ୍, ଝାରପଡା, ଭୁବନେଶ୍ୱର, ଓଡିଶା, ପିନ୍-୭୫୧୦୦୬ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୦୭.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**GOVT. OF ODISHA : DEPARTMENT OF WATER RESOURCE**
**DIRECTORATE OF GROUND WATER DEVELOPMENT**
**OFFICE OF THE EXECUTIVE ENGINEER, GWD DIVISION NO- 1, DELTA SQUARE,**
UNIT -8, BHUBANESWAR, PIN—751012, TEL- 0674-2973581
E-mail-executiveengineerhpbbsr@gmail.com
A-159 No. 713 Date. 16.7.24
**E-PROCUREMENT NOTICE No: GWD DIVN -1 BBSR-01/2024-25**

| Sl No | Total number of work | : | 3nos of work as mention below |
|---|---|---|---|
| 1 | Name of works | : | 1 Construction 10nos recharge shaft at.tanks/ponds of Bhubaneswar block of khurda district under GWD Division-I. Bhubaneswar during the FY-2024-25- Phase-I,<br>2 Construction 10nos recharge shaft at tanks/ponds of Bhubaneswar block of khurda district under GWD Division-I. Bhubaneswar during the FY-2024-25- Phase-II<br>3. Construction 5nos recharge shaft at tanks/ponds of Khurda block of khurda district under GWD Division-I, Bhubaneswar during the I FY-2024-25. |
| 2 | Estimate cost (without GST) | : | 1. Rs 19,51.553.00 2.Rs 19,48,256 00 3:Rs.10,06.297 00 |
| 3 | Bid Identification no- | : | 1. GWD DIVN.-1, B8SR-01 /2024-25<br>2. GWD DIVN -1. BBSR-02 /2024-25<br>3. GWD DIVN -1-BBSR -03/2024-25 |
| 4 | Penod of completion | : | Two month |
| 5 | Class contractor | : | D & C |
| 6. | Date and time of availability of Bid document in the portal | : | Dt 24 07 2024, 11.00 hrs to 03 08.2024, 17.00hrs |
| 7. | Date and time of receipt of bids in portal | : | Dt 24 07 2024, 11 00 hrs to 03 08 2024, 17 00 hrs |
| 8. | Last date and time of for receipt of bid in the portal | : | 03 08.2024, 17 00hrs |
| 9 | Date & time of opening of bid document (Bid opening date) | : | 05 08 2024 at 11 00 hrs in the office of the Executive Engineer G W D. Division-I, Bhubaneswar. |
| 10 | Date of lottery | | To be jntimated to the responsive bidders through their registered e-mail |
| 11 | Bid security | | 1. Rs 19,516 002 2. Rs 19,483 00 3. Rs 10,063.00 |
| 12. | Cost of tender paper | : | 1 Rs 6000.00 2.Rs 6000 3. Rs 6000 00 |
| 13. | Procurement officer | | Executive Engineer, GWD Division-I, Bhubaneswar |

OIPR : 32372/11/0001/2425 Sd/- Executive Engineer GWD Division-I, Bhubaneswar

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।




ଟାଟା ଷ୍ଟିଲର ୧୧୭ତମ ବାର୍ଷିକ ସାଧାରଣ ବୈଠକରେ ଅଧକ୍ଷ ଏମ୍. ଚନ୍ଦ୍ରଶେଖରମ ସେୟାର ହୋଲ୍ଡରମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରତିଷ୍ଠା ଦିବସ
# ୨୧ ୟୁନିଟ୍ ରକ୍ତ ସଂଗ୍ରହ




କଟକ, (ସବ୍ୟୁ) :ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୬୯ତମ ପ୍ରତିଷ୍ଠା ଦିବସ ଅବସରରେ ଗୋପୀନାଥପୁର ଶାଖା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିରକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ, କଟକର ଆଞ୍ଚଳିକ ପରିଚାଳକ ଭବାନୀ ଶଙ୍କର ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଆଞ୍ଚଳିକ କାର୍ଯ୍ୟାଳୟ ମାନବ ସମ୍ବଳ ଅଧିକାରୀ ଜ୍ଞାନ ରଞ୍ଜନ ଖୁଣ୍ଟିଆ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

ଶାଖା ପରିଚାଳକ ସୁଶାନ୍ତ କୁମାର ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରୁ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ଶିବିରକୁ ବ୍ୟାଙ୍କ ତରଫରୁ ସୌମ୍ୟ ରଞ୍ଜନ ବେହେରା, ହିମାଂଶୁ ଶେଖର ରାଉତ, ଗୌତମ ମହାନ୍ତି, ଅବଦୁଲ ଆରିଫ୍ ପ୍ରମୁଖ ପରିଚାଳନା କରିଥିଲେ । ଏସ୍.ସି.ବି. ମେଡିକାଲ ରକ୍ତ ଭଣ୍ଡାର ତରଫରୁ ଡା ଟୁନୁ ଭରଦିଆ, ଶିବଶଙ୍କର ପଟ୍ଟନାୟକ, ଆଲୋକ ବାସନ୍ତରା, ସୁମନ୍ତ କୁମାର ବେହେରା, ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ଓଡ଼ିଶାର ପ୍ରତିଧ୍ୱନି: ଯେଉଁଠାରେ ଇତିହାସ ଓ ସାହସିକତାର ମିଳନ ଘଟୁଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଏକ ରାଜ ଓଡ଼ିଶା, ଯାହା ପ୍ରତେକ ପ୍ରକାର ଭ୍ରମଣକାରୀଙ୍କ ପାଇଁ ଅନୁଭୂତି ସମ୍ପଦର ଏକ ଗନ୍ତାଘର । ଏଠାରେ ଆଧୁନିକ ସହରଗୁଡିକର ପ୍ରାଣବନ୍ତ ସ୍ପନ୍ଦନ ସହିତ ପ୍ରାଚୀନ ଆଦିବାସୀ ପରମ୍ପରା ଏକତ୍ର ସହାବସ୍ଥାନ କରୁଛି । ସବୁକିଛି ଏସିଆର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାର ନୈସର୍ଗିକ ସୋନ୍ଦର୍ଯ୍ୟ ସହିତ ଓତଃପ୍ରୋତ ଭାବରେ ଜଡିତ । ଏହା ବହୁ ବିରଳ ପକ୍ଷୀ ଏବଂ ବିଲୁପ୍ତପ୍ରାୟ କଇଁଛମାନଙ୍କର ଏକ ନିରାପଦ ଆଶ୍ରୟସ୍ଥଳୀ । ଓଡ଼ିଶା ପରସ୍ପର ବିମୁଖୀ ସମ୍ମୋହନର ଏକ ଭୂମି, ଯେଉଁଠାରେ ମନ୍ଦିରଗୁଡିକରୁ ଇତିହାସର ଗୁନ ଶୁଭେ, ବନପ୍ରାଣୀ ଅଭୟାରଣଗୁଡିକରେ ପ୍ରକୃତି ଗର୍ଜନ କରେ, ଏବଂ ଆତ୍ମା ସୂର୍ଯ୍ୟସ୍ନାତ ତଟରେଖାରେ ନିକାଞ୍ଚନତା ଖୋଜେ । ସ୍ଥାପତର ଚମତ୍କାରିତା ଏବଂ ପବିତ୍ର ତୀର୍ଥାଟନ ସ୍ଥଳଗୁଡିକରୁ ନେଇ ବନପ୍ରାଣୀ ଅଭୟାରଣ ଏବଂ ଆକର୍ଷଣୀୟ ବେଳାଭୂମିକ ପର୍ଯ୍ୟନ୍ତ, ଓଡ଼ିଶାର ବିବିଧ ଚିତ୍ରପଟ୍ଟ ଏକ ଅବିସ୍ମରଣୀୟ ସାହସିକତା ଓ ରୋମାଞ୍ଚର ପ୍ରତିଶ୍ରୁତି ରଖୁଛି । ଏଠାରେ ଓଡ଼ିଶାରେ ନିଶ୍ଚିତ ଦେଖିବା ଭଳି କିଛି ଆଶ୍ଚର୍ଯ୍ୟ ସମ୍ପର୍କରେ କିଛି ଝଲକ ପ୍ରଦାନ କରାଯାଇଛି ।

**ପୁରୀ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବାସସ୍ଥାନ:** ପୁରୀ ଏକ ପବିତ୍ର ସହର ଯାହା ଶ୍ରୀ ଜଗନ୍ନାଥ ମନ୍ଦିର ନିମନ୍ତେ ପ୍ରସିଦ୍ଧ, ଏହା ଏକ ପରମ ପୂଜ ହିନ୍ଦୁ ତୀର୍ଥ ସ୍ଥଳ । ପୁରୀରେ ବାର୍ଷିକ ରଥ ଯାତ୍ରା ଏକ ଭବ୍ୟ ଏବଂ ରଙ୍ଗୀନ ମହାର୍ଘ୍ୟ କାର୍ଯ୍ୟକ୍ରମ ଯାହା ସମଗ୍ର ବିଶ୍ୱରୁ ଭକ୍ତଗଣଙ୍କୁ ଆକୃଷ୍ଟ କରିଥାଏ । ପୁରୀର ଆଧାତ୍ମିକ ବାତାବରଣରେ ନିଜକୁ ନିମଜ୍ଜିତ କରିଦିଅନ୍ତୁ ଏବଂ ମନ୍ଦିରର ଦୈନନ୍ଦିନ ରୀତି ନୀତି ଲକ୍ଷ କରନ୍ତୁ ।

**ସମୁଦ୍ରତଟୀୟ ଆନନ୍ଦ:** ଓଡ଼ିଶାର ପ୍ରାଚୀନ ବେଳାଭୂମିଗୁଡିକରେ ନିଜକୁ ହାଲୁକା ଏବଂ ଆରାମ କରନ୍ତୁ। ପୁରୀ ବେଳାଭୂମି, ତାହାର ସ୍ୱର୍ଣ୍ଣାଭ ବାଲୁକାରାଶି ଏବଂ ଆକର୍ଷଣୀୟ ପରିବେଶ ସହିତ, ଏକ ଲୋକପ୍ରିୟ ପସନ୍ଦର ସ୍ଥଳ ପାଲଟିଛି । ଏକ ଶାନ୍ତ ସ୍ନିଗ୍ଧ ଅନୁଭୂତି ନିମନ୍ତେ, ଚାନ୍ଦିପୁର ଅଥବା ଗୋପାଳପୁରର ପ୍ରାଚୀନ ବେଳାଭୂମିକୁ ଯାଆନ୍ତୁ । ଏହି ବେଳାଭୂମିଗୁଡିକ ଅନନ 'ଗାୟନରତ ବାଲୁକାରାଶି' (ସିଙ୍ଗିଙ୍ଗ ସାଣ୍ଡସ) ପାଇଁ ଖାତି ଲାଭ କରିଛି ଯାହା ଉପରେ ଚାଲିଲେ ସେଥିରୁ ଏକ ପ୍ରକାର ଶବ୍ଦ ନିର୍ଗତ ହୁଏ।

**ୱଣ୍ଡେର୍ଲାରେ ରୋମାଞ୍ଚକାରୀ ସାହସିକତା:** ଏକ ପୂର୍ଣ୍ଣାଙ୍ଗ ସମ୍ମୋହନ ନିମନ୍ତେ, ଭୁବନେଶ୍ୱରରେ ୱଣ୍ଡେର୍ଲା ଆମୁଜମେ ପାର୍କକୁ ଯାଆନ୍ତୁ । ଏହି ଆମୁଜମେ ପାର୍କ ସମସ୍ତ ବୟସ ବର୍ଗଙ୍କ ନିମନ୍ତେ ୱାଟର ସ୍ଲାଇଡସ ଏବଂ ୱେଭ ପୁଲସ ଠାରୁ ନେଇ ହାଇ-ଥ୍ରିଲ ରୋଲର କୋଷ୍ଟରସ ପର୍ଯ୍ୟନ୍ତ ବହୁବିଧ ରାଇଡ ଏବଂ ଆକର୍ଷଣ ଉପଲବ୍ଧ କରାଉଛି । ପରିବାର ଓ ସାଙ୍ଗସାଥୀଙ୍କ ସହିତ ମଜା କୌତୁକ ଭରପୂର ଦିନଟିଏ ବିତାଇବାକୁ ୱଣ୍ଡେର୍ଲା ସମ୍ପୂର୍ଣ୍ଣ ସଠିକ ସ୍ଥାନ।

**ମହିମାମଣ୍ଡିତ ମନ୍ଦିରରାଜି:** ଓଡ଼ିଶାର ମନ୍ଦିର ସ୍ଥାପତ ଧରି ରଖିବା ଭଳି ହୋଇଛି । ଏକ ୟୁନେସ୍କୋ ବିଶ୍ୱ ଐତିହ ମାନତାସ୍ଥଳ କୋଣାର୍କ ସୂର୍ଯ ମନ୍ଦିର, ସୂର୍ଯଦେବତାଙ୍କ ଉଦ୍ଦେଶରେ ଉତ୍ସର୍ଗୀକୃତ ସ୍ଥାପତର ଏକ ଯାଦୁକରୀ। ମନ୍ଦିରରେ ଛୁଞ୍ଚିମୁନରେ ଖୋଦିତ ଭାସ୍କର୍ଯ ଏବଂ ରଥ-ଆକୃତିର ଡିଜାଇନ ବାସ୍ତବରେ ଅତନ୍ତ ପ୍ରେରଣାଦାୟୀ ।

**ଜନଜାତି ବୈଭବ:** ଓଡ଼ିଶାର ଜନଜାତି ସମୁଦାୟଙ୍କର ଜୀବନ୍ତ ସଂସ୍କୃତିରେ ନିଜକୁ ତଲ୍ଲୀନ କରିଦିଅନ୍ତୁ । କନ୍ଧ, ଡଙ୍ଗରିଆ କନ୍ଧ ଏବଂ ପରଜାମାନଙ୍କର ଅନନ ଜୀବନ ଶୈଳୀ ଲକ୍ଷ କରିବାକୁ ସେମାନଙ୍କ ଗ୍ରାମଗୁଡିକୁ ଗସ୍ତ କରନ୍ତୁ, ଯାହା ସେମାନଙ୍କର ପାରମ୍ପରିକ ପୋଷାକ, ଗହଣା ଏବଂ ନୃତ କଳାରେ ଅଭିବକ୍ତ ହେଉଛି ।

# ବେଆଇନ ଖଣି ଖନନକୁ ହଳଦୀପଦା ଗ୍ରାମବାସୀଙ୍କ ବିରୋଧ



ଖୋର୍ଦ୍ଧା, (ସବ୍ୟୁ) : ଗାଁ ର କାଜୁ ଜଙ୍ଗଲକୁ କାଟି ବେଆଇନ ଖଣି ଖନନକୁ ହଳଦୀପଦା ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏପରିକି ଗାଁରେ ଅଫିସର କିମ୍ବା ବାହାର ଲୋକଙ୍କୁ ପ୍ରବେଶ କରାଯିବ ନାହିଁ ବୋଲି ବ୍ୟାନର ମାରି ଆନ୍ଦୋଳନ କରିଛନ୍ତି । ଗ୍ରାମବାସୀ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ । ଫଳରେ ଗାଁକୁ ବାହାରୁ କେହି ବି ପସି ପାରିନଥିଲେ କି ସ୍କୁଲକୁ ଶିକ୍ଷକ ଆସିପାରି ନଥିଲେ । ରାସ୍ତାର ଦୁଇପାର୍ଶ୍ୱରେ ସମସ୍ତେ ଅଟକି ରହିଥିଲେ । ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ପହଁଚି ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶୃତି ଦେବାରେ ଧାରଣାରୁ ଗ୍ରାମବାସୀ ଉଠିଥିଲେ ।

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନାଳିପଡା ଅର୍ଜୁନପୁର ପଂଚାୟତ ଅନ୍ତର୍ଗତ ହଳଦିପଦା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ଗଲା କିଛିବର୍ଷ ମଧ୍ୟରେ ଆଖିବୁଜା ଖଣି ଲୁଟପାଟ ଚାଲିଛି । ନାଳିପଡା ଅର୍ଜୁନପର ପଂଚାୟତ ର ସରଧାପୁର ଗ୍ରାମର ମୁସଲିମ ସଂପ୍ରଦାୟର କେତେକ ନିର୍ଦ୍ଦିଷ୍ଟ ଖଣି ମାଫିଆ ଗାଁର ପ୍ରାୟ ୨୦୦ ରୁ ୩୦୦ ଏକର କାଜୁ ଜଙ୍ଗଲକୁ କାଟି ମାଙ୍କଡା ପଥର ଖୋଳି ଚାଲିଛନ୍ତି । ସେହି କାଜୁ ଜଙ୍ଗଲରୁ ଗ୍ରାମକୁ ପ୍ରତିବର୍ଷ ରାଜସ୍ୱ ଆଦାୟ ହେବା ସହ ଆଖପାଖ ଅଞ୍ଚଳର ଅନେକ ଦଳିତ ପରିବାର ଉପକୃତ ହେଉଥିଲେ । କିନ୍ତୁ ଏବେ ସେହି ସ୍ଥାନରେ ଦୈନିକ ୨୪ ଘଣ୍ଟା କାଳ ଖଣି ଖନନ ସହିତ ଦିନ ରାତି ଶହ ଶହ ମାକଡା ପଥର ଚୋରା ଚାଲାଣ ହେଉଛି ବୋଲି ଅଭିଯୋଗ କରିଛନ୍ତି ।

ଏତେ ସଂଖ୍ୟାରେ ଭାରି ଯାନ ଚଳାଚଳ ଯେ, ଲୋକଙ୍କ ଯାତାୟତ ବିପଦପୂର୍ଣ୍ଣ ମଧ୍ୟ ହୋଇଛି । ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି । ଅତୀତରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟିଛି । ଏହି ପ୍ରକାର ପରିସ୍ଥିତି ଯୋଗୁଁ କେବଳ ହଳଦିପଦା ଗ୍ରାମ ପରିବେଶ ପ୍ରଦୂଷଣ ହେଉନାହିଁ ବରଂ ସରକାରଙ୍କ ରାଜସ୍ୱ ବି ହାନୀ ହୋଇଚାଲିଛି । ଏ ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ବହୁ ବାର ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ । ମାତ୍ର ନାଁ ପୁଲିସ ପ୍ରଶାସନ ନାଁ ଖଣି କର୍ତ୍ତୃପକ୍ଷ ଏଭଳି ଏକ ସ୍ୱର୍ଷ କାତର ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଏଡାଇ ଚାଲିଛନ୍ତି । ଏଥିସହିତ ପୁଲିସ ର କିଛି ଅସାଧୁ କର୍ମଚାରୀଙ୍କ ସହ ମିଶି ଖଣି ମାଫିଆମାନେ ରାତି ତମାମ ଖଣି ଲୁଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହାଫଳରେ ଉକ୍ତ ଖଣି ଅଂଚଳରେ ବିରାଟ ବିରାଟ ଗାତ (୧୫୦ଫୁଟ ରୁ ଉର୍ଦ୍ଧ୍ୱ ଗଭୀର) ହୋଇଥିବାବେଳେ ଏହା ଏବେ କୃତ୍ରିମ ଜଳାଶୟ ପାଲଟିଛି । ନିକଟରେ ଖୋର୍ଦ୍ଧା ସଦରଥାନା ଅନ୍ତର୍ଗତ ତାପଙ୍ଗ ଖଣିରେ ଯୁବକ ପାଣିରେ ବୁଡି ମୃତ ବରଣ କରିଥିବାବେଳେ ଏ ଭୟ ଏବେ ଗ୍ରାମବାସୀଙ୍କୁ ଘାରିଛି । ତେଣୁ ଏହି ବେଆଇନ ପଥର ଖନନକୁ ବିରୋଧ କରି ଗ୍ରାମର ଶତାଧିକ ମହିଳା, ପୁରୁଷ ଯୁବକ ଆଦି ଏକତ୍ରିତ ହୋଇ ଗାଁ ମୁଣ୍ଡରେ ପ୍ରତିବାଦ କରିଥିଲେ । ଗ୍ରାମ ବିଦ୍ୟାଳୟରେ ତାଲା ମଧ୍ୟ ପକାଇଦେଇଛନ୍ତି । ଆବଶ୍ୟକ ପଡିଲେ ରାଜରାସ୍ତାକୁ ଓହ୍ଲାଇ ଧାରଣା ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ବିଜେପିର ଓଡ଼ିଆ ଅସ୍ମିତା ହେଉଛି ମିଛ ନାଟକ: ବିଜେଡି
# ଏଏସ୍‌ଓଙ୍କୁ ମାଡ଼ ମାରିଥିବା ରାଜ୍ୟପାଳଙ୍କ ପୁଅଙ୍କୁ ଗିରଫ କରାଯାଉ

ଭୁବନେଶ୍ୱର, (ସବ୍ୟୁ) : ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ମୁଖପାତ୍ର ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ମୋହନ ସରକାରରେ ନ୍ୟାୟ ମାଗିଲାରୁ ବଦଳି ହେଲା । ରାଜଭବନରେ କାର୍ଯ୍ୟରତ ଏଏସ୍‌ଓଙ୍କୁ ଯେଉଁଭଳି ଭାବେ ତରବରିଆ ବଦଳି କରାଗଲା, ଏହା ସ୍ପଷ୍ଟ ପ୍ରମାଣିତ କରୁଛି, ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କ ଆତ୍ମସମ୍ମାନକୁ ଦଳିମକଚି ଦେଉଛନ୍ତି ରାଜ୍ୟ ସରକାର । ଜଣେ ଝାଡ଼ଖଣ୍ଡ ଲୋକଙ୍କ ଦ୍ୱାରା ଓଡ଼ିଆଏଏସ୍‌ଓ ଅଧିକାରୀ ମାଡ଼ ଖାଇଲେ, ରକ୍ତାକ୍ତ ହେଲେ । ତାଙ୍କ ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଲା । ଅଧିକାରୀଜଣଙ୍କ ନ୍ୟାୟ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୋଲିସ୍ ପ୍ରଶାସନ ସଭିଁଙ୍କୁ ଜଣାଇଲେ, ହେଲେ କିଛି ହେଲାନି । ଅଧିକାରୀ ଜଣଙ୍କ ଏବଂ ତାଙ୍କ ପରିବାରଏତେ ଅସହାୟ ହୋଇଗଲେ ଯେ, ଶେଷରେ ବାଧ ହୋଇ ରାଜଭବନ କାର୍ଯ୍ୟରୁ ବାହାରିବାକୁ ଇଚ୍ଛା ଦେଖାଇଲେ ।

ଡ. ସାମନ୍ତସିଂହାର କହିଥିଲେ ଯେ, ରାଜ୍ୟପାଳଙ୍କ ପୁଅ ବୋଲି କ'ଣ ସେ ଯାହା ଦୋଷ କରିବେ ଖସିଯିବେ ? କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି, ଏହାର ଜବାବ ସରକାରଙ୍କୁ ଦେବାକୁ ପଡ଼ିବ । ବିଜେଡ଼ି ସରକାର ସମୟରେ ଯିଏ ଗୁଣ୍ଡାଗିରି କରୁଥିଲେ ସେ ବିଧାୟକ ସାଂସଦ, ମନ୍ତ୍ରୀ ଯିଏ ହୁଅନ୍ତୁ, କାହାକୁବି ନବୀନ ପଟ୍ଟନାୟକ ଛାଡ଼ି ନଥିଲେ । ଆଇନ୍ ସମସ୍ତଙ୍କ ପାଇଁ ସମାନ ଥିଲା, ହେଲେ ମୋହନ ସରକାରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି ।

# ଟ୍ୟାଙ୍କରକୁ ପିଟିଲା ସିମେଣ୍ଟ ବୋଝେଇ ଟ୍ରକ

ଡେରାବିଶ , (ସ.ବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖମୋଳ ଛକ ନିକଟରେ ଆଜି ପ୍ରତ୍ୟୁଷରେ ଏକ ସଡକ ଦୁର୍ଘଟଣା ଘଟିଥିବାବେଳେ ଚାଳକ ଅଳ୍ପକେ ବର୍ତିଛନ୍ତି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ସିମେଂଟ ବୋଝେଇ ଟ୍ରକ ଓ ତେଲ ଟ୍ୟାଙ୍କର କୌଣସି କାରଣରୁ ଖୁବ ଜୋରରେ ପିଟି ହୋଇଯାଇଥିଲେ । ଫଳରେ ସିମେଂଟ ବୋଝେଇ ଟ୍ରକର ଚାଳକ ଆହତ ହୋଇଥିବାବେଳେ ସ୍ଥାନୀୟ ଅଂଚଳର ଜଣେ ଯୁବକ ମଧ୍ୟ ଅଳ୍ପକେ ବର୍ତୀ ଯାଇଥିଲେ । ତେବେ ତେଲ ଟ୍ୟାଙ୍କର ଖଲାସି ଗାଡି ଚଳାଉଥିବା ଯୋଗୁ ଅସାବଧାନତା ବଶତଃ ଏଭଳି ଘଟଣା ଘଟିଥିବା ପ୍ରତ୍ୟେକ ଦର୍ଶୀ ପ୍ରକାଶ କରିଛନ୍ତି ।

# ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ରିଅଲ୍ ଇଷ୍ଟେଟ୍‌ରେ ଅତ୍ୟାଧୁନିକତା ଏବଂ ନୂତନତ୍ୱକୁ ଦର୍ଶାଇ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀର ଉଦ୍ଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସଞ୍ଜୟ ପୁରୀ ଯୋଗ ଦେଇଥିଲେ ଏବଂ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଟିମ୍ ଏହି ଉତ୍କୃଷ୍ଟ ଆର୍କିଟେକ୍ଚରକୁ ଜୀବନ୍ତ କରିଥିଲେ ।

ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ, ଏକ ଅଗ୍ରଗାମୀ ପ୍ରୋଜେକ୍ଟ ଯେଉଁଥିରେ ଉଭୟ ୩ବିଏଚ୍‌କେ ଏବଂ ୪ ବିଏଚ୍‌କେ ୟୁନିଟିର ଡେମୋ ଫ୍ଲାଟ୍ ପ୍ରଦର୍ଶିତ ହୋଇଥିଲା। ଯାହା ବିଳାସପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଥିଲା । ସ୍ୱତନ୍ତ୍ର ଭାବରେ ନିୟୋଜିତ ଟିମ୍‌ମାନେ ପରିଦର୍ଶକମାନଙ୍କୁ ଭବ୍ୟ ଭାବରେ ସ୍ୱାଗତ ଏବଂ ସେମାନଙ୍କର ସୁବିଧା ଏବଂ ସହଯୋଗ ପ୍ରତି ଉତ୍ସର୍ଗୀକୃତ ଥିଲେ । ପ୍ରତ୍ୟେକ ୟୁନିଟ୍ ର ୟୁନିକ୍ ସେଲିଂ ପଏଣ୍ଟ (ୟୁଏସ୍‌ପିଏସ୍)କୁ ଆଲୋକିତ କରାଯାଇଥିଲା ଯାହା ସାମ୍ଭାବ୍ୟ କ୍ରେତାମାନଙ୍କୁ ବିଳାସପୂର୍ଣ୍ଣ ଏବଂ ନିରବଚ୍ଛିନ୍ନ କାର୍ଯ୍ୟକାରିତାର ମିଶ୍ରଣ ଅଭିଜ୍ଞତା ପ୍ରଦାନ କରିଥିଲା ।

ମୁଖ୍ୟ ଅତିଥି ଭାବରେ



କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଖ୍ୟାତ ଆର୍କିଟେକ୍ଟ ସଞ୍ଜୟ ପୁରୀ କହିଥିଲେ 'ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ କାର୍ଯ୍ୟ କରିବା ଅତ୍ୟନ୍ତ ଆନନ୍ଦଦାୟକ। ଏହି ପ୍ରକଳ୍ପ ଆଧୁନିକ ଆର୍କିଟେକ୍ଚର ଓ ଡିଜାଇନ୍‌ର ସମ୍ଭାବନାକୁ ଦର୍ଶାଉଛି ।

କାର୍ଯ୍ୟକ୍ରମର ସଫଳତାକୁ ଖୁସି ବ୍ୟକ୍ତ କରି ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ କହିଛନ୍ତି 'ଇଭୋସ୍ ଆଲ୍‌କେମି ସେଲ୍ସ ଗ୍ୟାଲେରୀ ଉଦ୍ଘାଟନରେ ମିଳିଥିବା ଅସାଧାରଣ ପ୍ରତିକ୍ରିୟା ପାଇଁ ଆମେ ବହୁତ୍ ଆନନ୍ଦିତ ଅନୁଭବ କରୁଛୁ ।

୪୨ ମହଲା ବିଶିଷ୍ଟ ଏହି କୋଠା ଓଡିଶାରେ ସବୁଠାରୁ ଉଚ୍ଚତମ ହେବାକୁ ଯାଉଛି, ଯେଉଁଥିରେ ମନୋରମ ଦୃଶ୍ୟ ଏବଂ ଆକର୍ଷଣୀୟ ସ୍ଥାପତ୍ୟ ରହିଛି ଯାହା ନିଶ୍ଚିତ ଭାବରେ ଏହାକୁ ଭୁବନେଶ୍ୱରର ଏକ ଲ୍ୟାଣ୍ଡମାର୍କରେ ପରିଣତ କରିବ ।

# ଅଜଣା ଗାଡି ଧକ୍କାରେ ବୃଦ୍ଧା ମୃତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ବାଲିପଶି ଛକ ନିକଟରେ ରାସ୍ତା ପାର ହେଉଥିବା ବୃଦ୍ଧାଙ୍କୁ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳେ ବୃଦ୍ଧାଙ୍କର ମୃତ୍ୟୁ ଗଟିଛି । ପ୍ରକାଶଯେ ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତ ବାଲିପଶି ଗ୍ରାମର କହ୍ନେଇ ସାହୁଙ୍କ ସ୍ତ୍ରୀ ସରସ୍ୱତୀ ସାହୁ (୬୫) ସବୁ ଦିନ ପରି ଗୋବର ଗୋଟେଇ ବାକୁ ରାସ୍ତା ପାର ହୋଇ ଯାଇଥିଲା । ଏହି ସମୟରେ ଏକ ଅଜଣା ଗାଡି ପାଣିକୋଇଲି ପଟୁ ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ଘଟଣାସ୍ଥଳେ ସରସ୍ୱତୀଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକମାନେ ସେଠାରେ ପହଂଚି ରାଜପଥରେ ଗାଡି ଅଟକାଇଥିଲେ । ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ, ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ, ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଘଟଣାସ୍ଥଳେ ପହଂଚି ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ । ତାଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ସରସ୍ୱତୀର ମରଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ ।

# ଶାଶୂଘରେ କନ୍ୟାଙ୍କୁ ପୋଡ଼ି ମାରି ଦେଇଥିବା ପିତାର ଅଭିଯୋଗ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : କଟିକଟା ପଞ୍ଚାୟତ ବ୍ରଜରାଜପାଟଣା ଗ୍ରାମର ପ୍ରଶାନ୍ତ ବେହେରା ଏବଂ ତାଙ୍କ ପରିବାରର ଲୋକେ ମିଶି ପ୍ରଶାନ୍ତଙ୍କ ପତ୍ନୀ ଗୌରୀ ଜେନା(୩୮)ଙ୍କୁ କିରୋସିନି ଢାଳି ପୋଡ଼ି ମାରି ଦେଇଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଗୌରୀଙ୍କ ପିତା ରାଜକିଶୋର ଜେନାଙ୍କର ବୟାନ ରେକର୍ଡ଼ କରିବା ପରେ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି । ସୋମବାର ବିଳମ୍ବିତ ରାତିରେ ପ୍ରଶାନ୍ତଙ୍କ ଗାଧୁଆ ଘରେ ତାଙ୍କ ପତ୍ନୀ ଗୌରୀ ଜେନାଙ୍କ ଦେହରେ ନିଆଁ ଲାଗିଥିବା ବେଳେ ପାଖରେ ଥିବା ରୋଷେଇ ଘର ମଧ ଜଳୁଥିବାର ଦେଖିଥିଲେ ।

ଗାଧୁଆ ଘରୁ ଗୌରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ତାଙ୍କର ଦେହ ୯୦ଭାଗ ପୋଡ଼ି ଯାଇଥିବା ଦେଖିବାକୁ ମିଳିଥିଲା । ଶାଶୁ ଘର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜଗତପୁରର ଏକ ଘରୋଇ ହସ୍ପିଟାଲ ନେଇଥିଲେ । ହେଲେ ମଙ୍ଗଳବାର ପୂର୍ବାହ୍ନ ୧୧.୧୫ରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତ ଗୌରୀ ଜେନାଙ୍କ ବାପଘର ଡ଼େରାବିଶ ଥାନା ଅନ୍ତର୍ଗତ ବଡ଼ମଙ୍ଗରାଜପୁର ଗ୍ରାମରେ ହୋଇଥିବା ବେଳେ ସେ ବଜ୍ରରାଜପାଟଣାର ପ୍ରଶାନ୍ତ ବେହେରାଙ୍କୁ ବିବାହ କରିଥିଲେ । ତାଙ୍କର ୧୫ବର୍ଷର ଗୋଟିଏ କନ୍ୟା ଓ ୧୨ବର୍ଷର ଜଣେ ପୁତ୍ର ଅଛନ୍ତି ବୋଲି ଜଣାଯାଇଛି । ଗୌରୀଙ୍କର ଏଭଳି ମୃତ୍ୟୁକୁ ତାଙ୍କ ବାପଘର ଜାଣିବା ପରେ ତାଙ୍କ କନ୍ୟାକୁ ପୋଡ଼ି ମାରି ଦେଇଥିବା ପିତା ରାଜକିଶୋର ଜେନା ଥାନାରେ ଅଭିଯୋଗ କରିଛନ୍ତି । ପୋଡ଼ି ମାରି ଦେଇଥିବାର କାରଣ ଅଭିଯୋଗ ଫର୍ଦ୍ଦରେ ଦର୍ଶା ଯାଇନଥିବା ବେଳେ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି ।

# ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଯୁବକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

## ଓଡ଼ିଶାରେ ନିଯୁକ୍ତି ପାଇଛନ୍ତି ୭୭% ଯୁବକ

ଭୁବନେଶ୍ୱର, (ସବ୍ୟୁ) : ବେଦାନ୍ତ ଆଲୁମିନିୟମ ଲିମିଟେଡ, ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ବିଶ୍ୱ ଯୁବ ଦକ୍ଷତା ଦିବସରେ ଏହାର କାର୍ଯ୍ୟକାରୀ ସ୍ଥାନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରସାର ଘୋଷଣା କରି ଯୁବ ସଶକ୍ତିକରଣ ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି । ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଅର୍ଦ୍ଧକୁଶଳୀରୁ କୁଶଳୀରେ ପରିଣତ କରିବା ଲକ୍ଷ୍ୟରେ କମ୍ପାନି ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଓ ଗ୍ରାମୀଣ ବିକାଶ (ନାବାର୍ଡ), ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ ପରି ଅନେକ ଲୋଭନୀୟ ତାଲିମ ପ୍ରତିଷ୍ଠାନ ସହିତ ସହଯୋଗ କରିଛି ।

ଏକ ଦୃଢ ଦକ୍ଷତା ଶୈଳିକୁ ଅନୁସରଣ କରି ବେଦାନ୍ତ ଆଲୁମିନିୟମ ୧୪୦୦୦ ଯୁବକଙ୍କୁ ଏହାର ଦକ୍ଷତା ବିକାଶ ପଦକ୍ଷେପରେ ପ୍ରଶିକ୍ଷଣ ଯୋଗାଇ ଦେଇଛି । ଏହି ପ୍ରଶିକ୍ଷାର୍ଥୀମାନେ ଅଭିଜ୍ଞତା ହାସଲ କରନ୍ତି ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି କରନ୍ତି, ସେମାନେ ଅଧିକ ବେତନ ପ୍ରାପ୍ତ ଚାକିରି ସୁଯୋଗ ପାଇବାକୁ ଯୋଗ୍ୟ ହୁଅନ୍ତି । ବଜାର ମଧ୍ୟରେ କ୍ରମାଗତ ଚାହିଦା ଥିବା ବାଣିଜ୍ୟକୁ ଆଚ୍ଛାଦନ କରି, ତାଲିମ ପ୍ରୋଗ୍ରାମଗୁଡିକ ନିରନ୍ତର ନିଯୁକ୍ତି ଆଶା ସୁନିଶ୍ଚିତ କରେ ଯାହା ଶିଳ୍ପ ଆବଶ୍ୟକତାକୁ ପୂରଣ କରିଥାଏ ।

ଜନ ସ୍ଲାଭେନ, ସିଇଓ, ବେଦାନ୍ତ ଆଲୁମିନିୟମ କହିଛନ୍ତି ଯେ ଆମେ କାର୍ଯ୍ୟ କରୁଥିବା ଅଂଚଳର ସାମାଜିକ



ଓ ଅର୍ଥନୈତିକ ବିକାଶକୁ ଆଗେଇ ନେବା ଉଦ୍ଦେଶ୍ୟରେ ଯୁବ ଦକ୍ଷତା ସୃଷ୍ଟି କରିବା ଆମର ଲକ୍ଷ୍ୟ ଅଟେ । ବର୍ତ୍ତମାନ ସୁଦ୍ଧା ଆମେ ୧୪୦୦ ଯୁବକଙ୍କୁ ତାଲିମ ଦେଇଛୁ ଓ ବିଶ୍ୱ ଯୁବ ଦକ୍ଷତା ଦିବସରେ ଦକ୍ଷତାର ବ୍ୟବଧାନକୁ ଦୂର କରିବା ଲାଗି ଆମେ ନିଜର ପ୍ରତିବଦ୍ଧତାକୁ ଦୋହରାଉଛୁ ।

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ରେ ଆଲୁମିନା ରିଫାଇନାରୀ କାର୍ଯ୍ୟରେ ଓଏସଡିଏ ଏବଂ ବେଦାନ୍ତ ସହଯୋଗରେ ଆସନ୍ତା ତିନିବର୍ଷ ମଧ୍ୟରେ ୩୫୦୦ ଯୁବକଙ୍କ ଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଲାଞ୍ଜିଗଡ଼ର ଭବାନୀପାଟଣାରେ ଥିବା ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଖାଦ୍ୟ ପାନୀୟ, ଆତିଥ୍ୟ ଓ ବୈଦ୍ୟୁତିକ ରକ୍ଷଣାବେକ୍ଷଣର ଭୂମିକା ପାଇଁ ହାଲୁକା ମୋଟର ଯାନ ଓ ଭାରୀ ମୋଟର ଯାନ ତାଲିମ କାର୍ଯ୍ୟକ୍ରମ ଲାଗି ସହଯୋଗ କରିଛି । ବେଦାନ୍ତ ମଧ୍ୟ ଭୁବନେଶ୍ୱରରେ ଥିବା ୱାଲ୍ଡ ସ୍କିଲ ସେଣ୍ଟରରେ ମେକାଟ୍ରୋନିକସ, ମେକାନିକକାଲ ଓ ଇଲେକ୍ଟ୍ରିକାଲ

## ବିଶ୍ୱ ଯୁବ ଦକ୍ଷତା ଦିବସ

ତାଲିମ ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମର ସ୍ନାତକମାନେ କ୍ଲବ ମହିନ୍ଦ୍ରା, ମିନର୍ଭା ଗ୍ରୁପ ହୋଟେଲ ପରି ସଂସ୍ଥାରେ ସ୍ଥାନ ପାଇଛନ୍ତି । ଏହି ବର୍ଷରେ ୭୭% ନିଯୁକ୍ତି ହାର ସମ୍ଭବ ହୋଇପାରିଛି । ଓଡ଼ିଶାର ଝାରସୁଗୁଡ଼ାର ଆଲୁମିନିୟମ କାରଖାନାରେ କଂପାନୀ ଅଶୋକ ଲେଲ୍ୟାଣ୍ଡ ଓ ରାଜ୍ୟ ସରକାରଙ୍କ ସହ ସର୍ଭିସେସ ଉପରେ ତାଲିମ ପ୍ରଦାନ କରୁଛି । ଏହାର ସୁନ୍ଦରଗଡ଼ ଜାମକାନି ମାଇନିଂ ପରିଚାଳନାରେ ବେଦାନ୍ତ ଏସଡିଆଇ, ଭୁବନେଶ୍ୱର ଓ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ସଂସ୍ଥା ବଲାଙ୍ଗିର ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମରେ ୬୦ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା କରିଛି ।



## ନିଟ୍ ପ୍ରଶ୍ନପତ୍ର ଚୋରି : ଇଞ୍ଜିନିୟର ଗିରଫ



ଜାମସେଦପୁର : ନିଟ-ୟୁଜି ପରୀକ୍ଷା କରୁଥିବା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ)ର ଟ୍ରଙ୍କରୁ ପ୍ରଶ୍ନପତ୍ର ଚୋରି କରି ଲିକ୍ କରିଥିବା ଅଭିଯୋଗରେ ଆଜି ସିବିଆଇ ଜଣେ ଯୁବକଙ୍କୁ ଗିରଫ କରିଛି । ଯୁବକଙ୍କ ସହ ତାଙ୍କର ଜଣେ ସହଯୋଗୀ ମଧ୍ୟ ଗିରଫ ହୋଇଛନ୍ତି । ଏମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଚୋରି କରି ନେଇଥିଲେ । ଏହାପରେ ଏହାକୁ ଭାଇରାଲ କରିଥିଲେ ବୋଲି ଅଭିଯୋଗ ହୋଇଛି ।ଟ୍ରଙ୍କରୁ ପ୍ରଶ୍ନପତ୍ର ଚୋରି କରିଥିବା ପଙ୍କଜ କୁମାରଙ୍କୁ ପାଟନା ଓ ତାଙ୍କ ସହଯୋଗୀ ରାଜୁ ସିଂହଙ୍କୁ ସିବିଆଇ ଜାମସେଦପୁରରୁ ବାନ୍ଧିଛି । କୁମାର ଓରଫ ଆଦିତ୍ୟ ଜଣେ ସିଭିଲ ଇଞ୍ଜିନିୟର । ସେ ଜାମସେଦପୁର ଏନଆଇଟିରୁ ୨୦୧୭ ଡିଗ୍ରୀ ହାସଲ କରିଛନ୍ତି । କୁମାର ଟ୍ରଙ୍କରୁ ପ୍ରଶ୍ନପତ୍ର ଚୋରି କରିବା ପରେ ରାଜୁଙ୍କୁ ଦେଇଥିଲେ । ଏହାପରେ ରାଜୁ ଏହାକୁ ବିଭିନ୍ନ ଲୋକଙ୍କ ମଧ୍ୟରେ ବାଣ୍ଟିଥିଲେ ବୋଲି କୁହାଯାଉଛି । ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ଏବେ ସିବିଆଇ କରୁଛି । ସିବିଆଇ ତଦନ୍ତ ଦାୟିତ୍ୱ ପାଇବା ପରେ ଏଫଆଇଆର ରୁଜୁ କରିଥିଲା ।ଏହାପରେ ତଦନ୍ତକାରୀ ସଂସ୍ଥା ୬୦ ଜଣଙ୍କୁ ଗିରଫ କରିସାରିଲାଣି । ବିହାର ପେପର ଲିକ୍ର ମୂଳକେନ୍ଦ୍ର ହୋଇଥିବା ବେଳେ ଗୁଜରାଟ, ରାଜସ୍ଥାନ ଓ ମହାରାଷ୍ଟ୍ରରେ ମଧ୍ୟ ଏହାର ଲିଙ୍କ ରହିଛି । ଏଠାରେ ମଧ୍ୟ ପରୀକ୍ଷା ବେଳେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ନିଟ୍ ୟୁଜି ପରୀକ୍ଷାରେ ୬୭ ଜଣ ପିଲା ୭୨୦ ମାର୍କ ରଖି ଟପ୍ କରିବା ପରେ ପ୍ରଶ୍ନପତ୍ର ଲିକ ଅଭିଯୋଗ ହୋଇଥିଲା । ଏହାକୁ ନେଇ ସାରା ଦେଶରେ ବିକ୍ଷୋଭ ହେଉଥିବା ବେଳେ ଘଟଣାର ତଦନ୍ତ ପାଇଁ ସିବିଆଇ ସ୍ୱତନ୍ତ୍ର ଟିମ ଗଠନ କରିଥିଲା । ମେ ୫ରେ ଦେଶର ୪,୭୫୦ କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୨୪ ଲକ୍ଷ ପିଲା ଭାଗ ନେଇଥିଲେ । ଜୁନ୍ ୧୪ରେ ରେଜଲ୍ଟ ଘୋଷଣା ହେବା ନେଇ ଆଶା କରାଯାଉଥିଲା, କିନ୍ତୁ ମୂଲ୍ୟାୟନ ଶେଷ ହୋଇଯିବାରୁ ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇଥିଲା । ୬୭ ଜଣ ପରୀକ୍ଷାର୍ଥୀ ଫୁଲ୍ ମାର୍କ ରଖି ପାସ୍ ହେବା ପରେ ପ୍ରଶ୍ନପତ୍ର ଲିକ୍ ବିବାଦ ମୁଣ୍ଡ ଟେକିଥିଲା । ଏପରିକି ବାହାର ରାଜ୍ୟର କିଛି ଛାତ୍ରଛାତ୍ରୀ ଗୁଜରାଟର ନିର୍ଦ୍ଦିଷ୍ଟ ସେଣ୍ଟର ଚୟନ କରିବା ଏବଂ କିଛି ପିଲାଙ୍କୁ ଗ୍ରେସ୍ ମାର୍କ ମିଳିବାକୁ ନେଇ ବିରୋଧ ହୋଇଥିଲା ।

# ୟୁକ୍ରେନ୍-ରୁଷ୍ ଯୁଦ୍ଧ ବନ୍ଦ କରିବାକୁ ଆମେରିକାର ଚାପ

## ପୁଟିନ୍‌ଙ୍କ ସହ କଥାବାର୍ତ୍ତା କରନ୍ତୁ ମୋଦି

ୱାଶିଂଟନ : ୟୁକ୍ରେନ ବିରୋଧରେ ଯୁଦ୍ଧକୁ ନେଇ ଆମେରିକା କ୍ରମାଗତ ଭାବରେ ଭାରତ ଉପରେ ଚାପ ପକାଉଛିଛ ଆମେରିକା କହିଛି ଯେ ୟୁକ୍ରେନ ବିରୋଧରେ ଯୁଦ୍ଧ ବନ୍ଦ କରିବାକୁ ଭ୍ଲାଡିମିର ପୁଟିନଙ୍କୁ କହିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ରୁଷିଆର ସମ୍ପର୍କ ବ୍ୟବହାର କରିବା ଉଚିତ୍‌ଛରୁଷିଆ ସହିତ ଭାରତର ଦୀର୍ଘ ଦିନର ସମ୍ପର୍କ ବିଷୟରେ ଉଲ୍ଲେଖ କରି ଆମେରିକା କହିଛି ୟୁକ୍ରେନ ବିରୋଧରେ ବେଆଇନ ଯୁଦ୍ଧକୁ ବନ୍ଦ କରିବା ପାଇଁ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ନିବେଦନ କରିବା ପାଇଁ ମସ୍କୋ ସହିତ ଏହାର ସମ୍ପର୍କକୁ ବ୍ୟବହାର କରିବାକୁ ନୂଆଦିଲ୍ଲୀ ପଦକ୍ଷେପ ଗ୍ରହଣ କରିବା ଜରୁରୀ ।



ଆମେରିକାର ବୈଦେଶିକ ବିଭାଗର ମୁଖପାତ୍ର ମାଥ୍ୟୁ ମିଲର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ରୁଷିଆ ସହିତ ଭାରତର ବହୁତ ପୁରୁଣା ସମ୍ପର୍କ ରହିଛିଛ ମୁଁ ଭାବୁଛି ସମସ୍ତେ ଏହା ଜାଣନ୍ତିଛ ରୁଷିଆ ସହିତ ଦୀର୍ଘ ଦିନ ଧରି ଚାଲିଆସୁଥିବା ସମ୍ପର୍କ, ଏହାର ଅନନ୍ୟ ସ୍ଥିତି ଏବଂ ରାଷ୍ଟ୍ରପତି ପୁଟିନଙ୍କୁ ଏହାର ବେଆଇନ ଯୁଦ୍ଧକୁ ସମାପ୍ତ କରିବାକୁ, ଏହି ସ୍ଥିତିରେ ନ୍ୟାୟପୂର୍ଣ୍ଣ ତଥା ସ୍ଥାୟୀ ଶାନ୍ତି ହାସଲ କରିବାକୁ ଏବଂ ଜାତିସଂଘର ଚାଟର୍ର୍, ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ପାଇଁ ଆମେ ଭାରତକୁ ଉତ୍ସାହିତ କରିଛୁ । ୟୁକ୍ରେନର ସାର୍ବଭୌମତ୍ୱକୁ ସମ୍ମାନ କରିବାକୁ ଆମେ ଭାରତକୁ ଅନୁରୋଧ କରୁଛୁ ।

ଏକ ପ୍ରଶ୍ନର ଉତ୍ତରରେ ମିଲର କହିଛନ୍ତି ଆମେ ଭାରତ ସରକାରଙ୍କୁ ଏହି ବିଷୟ ଉପରେ ଗୁରୁତ୍ୱ ଦେବା ଜାରି ରଖିବୁ । ରୁଷିଆ ସହିତ ସମ୍ପର୍କ ଦୃଷ୍ଟିରୁ ଭାରତ ଆମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ଛାଡିବା ପରେ ମିଲର ଜୁଲାଇ ୯ରେ ସମାନ ମନ୍ତବ୍ୟ ଦେଇଥିଲେ । ୨୨ ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀ ପାଇଁ ମୋଦୀ ଜୁଲାଇ ୮-୯ରେ ଦୁଇ ଦିନିଆ ରୁଷିଆ ଗସ୍ତରେ ଥିଲେ । ୟୁକ୍ରେନରେ ଚାଲିଥିବା ବିବାଦ ମଧ୍ୟରେ ପାଶ୍ଚାତ୍ୟ ଦେଶମାନେ ମଧ୍ୟ ମୋଦୀଙ୍କ ଗସ୍ତ ଉପରେ ନଜର ରଖିଥିଲେ । ଦୁଇ ବର୍ଷରୁ ଅଧିକ ସମୟ ଧରି ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ହେବା ପରେ ଏହା ମୋଦୀଙ୍କ ରୁଷିଆ ଗସ୍ତ ଥିଲା । ଜୁଲାଇ ୯ରେ, ୟୁକ୍ରେନ ଯୁଦ୍ଧର ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନଙ୍କୁ କହିଥିଲେ ବୋମା, ବନ୍ଧୁକ ଏବଂ ଗୁଳି ମଧ୍ୟରେ ଶାନ୍ତି କଥାବାର୍ତ୍ତା ସଫଳ ହୁଏ ନାହିଁ ଏବଂ ଯୁଦ୍ଧକ୍ଷେତ୍ରରେ କେଣସି ବିବାଦର ସମାଧାନ ସମ୍ଭବ ନୁହେଁଛରୁଷିଆ ସହିତ ଭାରତ ଏହାର ସ୍ୱତନ୍ତ୍ର ତଥା ସୁବିଧାଜନକ ରଣନୀତିକ ଭାଗିଦାରୀକୁ ଦୃଢ଼ ଭାବରେ ରକ୍ଷା କରିଛି ଏବଂ ୟୁକ୍ରେନରେ ଯୁଦ୍ଧ ସତ୍ତ୍ୱେ ରୁଷିଆ ସହିତ ସମ୍ପର୍କକୁ ବଜାୟ ରଖିଛି । ୨୦୨୨ ମସିହାରେ ରୁଷିଆର ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଏପର୍ଯ୍ୟନ୍ତ ନିନ୍ଦା କରିନାହିଁ ଏବଂ ସଂଳାପ ଏବଂ କୂଟନୈତିକ ମାଧ୍ୟମରେ ବିବାଦର ସମାଧାନ ପାଇଁ ଲଗାତାର ପ୍ରୋତ୍ସାହିତ କରିଛି ।

## ସୁପ୍ରିମ୍‌କୋର୍ଟରେ ୨ ନୂଆ ବିଚାରପତି ନିଯୁକ୍ତ


ନୂଆଦିଲ୍ଲୀ : ସୁପ୍ରିମକୋର୍ଟରେ ଦୁଇ ଜଣ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି । ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଜଷ୍ଟିସ ଏନ କୋଟିଶ୍ୱର ସିଂହ ଏବଂ ଜଷ୍ଟିସ ଆର ମହାଦେବନ ହୋଇଛନ୍ତି ସୁପ୍ରିମକୋର୍ଟ ବିଚାରପତି । ଏନେଇ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ ପୋଷ୍ଟ ଯୋଗେ ଘୋଷଣା କରିଛନ୍ତି ।ସୁପ୍ରିମକୋର୍ଟ କଲିଜିୟମ୍ ଏନ କୋଟିଶ୍ୱର ସିଂହ ଏବଂ ଜଷ୍ଟିସ ଆର ମହାଦେବନଙ୍କ ନାମକୁ ସୁପାରିସ୍ କରିଥିଲା । ଏଥିପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି । ଦୁଇ ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ମିଶାଇ ବର୍ତ୍ତମାନ ସୁପ୍ରମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ ହୋଇଛି ।

ସେପଟେ ପ୍ରଥମ କରି ମଣିପୁରରୁ ଏନ କୋଟିଶ୍ୱର ସିଂହ ସୁପ୍ରିମକୋର୍ଟର ବିଚାରପତି ହୋଇ ପାରିଛନ୍ତି । ସେ ବର୍ତ୍ତମାନ ଜମ୍ମୁ କଶ୍ମୀର ଓ ଲଦାଖର ମୁଖ୍ୟ ବିଚାରପତି ଅଛନ୍ତି ।ଜଷ୍ଟିସ୍ ସିଂହ ମଣିପୁରର ପ୍ରଥମ ଆଡଭୋକେଟ୍ ଜେନେରାଲ୍ ଏନ ଇବୋତୋମି ସିଂହଙ୍କ ପୁଅ । ସେ ଦିଲ୍ଲୀ ୟୁନିଭରସିଟିର କିରୋରୀ ମାଲ କଲେଜ ଆଣ୍ଡ କ୍ୟାମ୍ପସ ଲ' ସେଣ୍ଟରରେ ଆଇନ ଅଧ୍ୟୟନ କରିଥିଲେ ।ସେ ୧୯୮୬ରେ ଓକିଲ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ । ବିଚାରପତି ହେବା ପୂର୍ବରୁ ଏନ କୋଟିଶ୍ୱର ମଣିପୁର ଆଡଭୋକେଟ ଜେନେରାଲ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେଛ ଏଥିସହ ଗୌହାଟି ହାଇକୋର୍ଟ ଏବଂ ମଣିପୁର ହାଇକୋର୍ଟରେ ମଧ୍ୟ କାର୍ଯ୍ୟ କରିଛନ୍ତି ।ଜଷ୍ଟିସ ମହାଦେବନ ବର୍ତ୍ତମାନ ମାଡ୍ରାସ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି । ତାଙ୍କ ଘର ଚେନ୍ନାଇରେ । ଜଷ୍ଟିସ ମହାଦେବନ ମାଡ୍ରାସ ଆଇନ ମହାବିଦ୍ୟାଳୟରୁ ପାଠ ପଢିଛନ୍ତି । ସେ ୨୦୧୩ରେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବରେ ଉନ୍ନୀତ ହୋଇଥିଲେ ।

## ଆଇଏଏସ୍ ଅଧିକାରୀ ପୂଜା ଖେଡକରଙ୍କ ଟ୍ରେନିଂ ସ୍ଥଗିତ

### ଘରେ ପଶିଲା ପୋଲିସ୍ : ବାପା-ମା ଫେରାର୍

ମୁମ୍ବାଇ : ବିବାଦ ମଧ୍ୟରେ ପ୍ରୋବେସନାରୀ ଆଇଏଏସ ଅଧିକାରୀ ପୂଜା ଖେଡକରଙ୍କ ଟ୍ରେନିଂକୁ ସ୍ଥଗିତ ରଖାଯାଇଛି । ପ୍ରଶାସନିକ ସେବା ପରୀକ୍ଷାରେ ସାର୍ଟିଫିକେଟ ଜାଲିଆତିକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ତାଙ୍କ ପ୍ରଶିକ୍ଷଣକୁ ସ୍ଥଗିତ କରି ଦିଆଯାଇଛି । ନିକଟରେ ଭିଆଇପି ଷ୍ଟାଟସ୍ ମାଗିବା ସହ ପଦବୀର ଦୂରୁପଯୋଗ ଅଭିଯୋଗରେ ଖେଡକରଙ୍କୁ ବଦଳି କରା ଯାଇଥିଲା । ଏହାପରେ ତାଙ୍କ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ ସଙ୍ଗୀନ ଅଭିଯୋଗ ଆସିଥିଲା । ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଆଇଏଏସ ପରୀକ୍ଷାରେ ପାସ୍ କରିଥିବା ଅଭିଯୋଗ ପରେ ବିବାଦ ଆହୁରି ତୀବ୍ର ହୋଇଥିଲା ।ବର୍ତ୍ତମାନ ଲାଲ୍ ବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମି ଅଫ୍ ଆଡମିନିଷ୍ଟ୍ରେସନ ମସୌରୀ ପକ୍ଷରୁ ତାଙ୍କ ଟ୍ରେନିଂ କାର୍ଯ୍ୟକ୍ରମକୁ ସ୍ଥଗିତ କରଖାଯାଇଛି । ଜୁଲାଇ ୨୩ ସୁଦ୍ଧା ଟ୍ରେନିଂ ଏକାଡେମୀ ଆସିବାକୁ କୁହାଯାଇଛି । ପ୍ରକାଶ ଥାଉକି, ଗତ ବର୍ଷ ଆଇଏଏସ ପରୀକ୍ଷାରେ ଅଲ୍ ଇଣ୍ଡିଆ ରାଙ୍କ ୮୪୧ ପାଇ ପୁଣେରେ ଟ୍ରେନି(ପ୍ରଶିକ୍ଷାର୍ଥୀ) ଭାବେ ନିଯୁକ୍ତ ହୋଇଥିଲେ ପୂଜା ଖେଡକର । କିନ୍ତୁ ନିକଟରେ ଭିଆଇପି ଷ୍ଟାଟସ୍ ମାଗିବା ସହ ବ୍ୟକ୍ତିଗତ ଅଡ଼ି କାରରେ ନାଲି ବତୀ ଲଗାଇବାକୁ ନେଇ ତାଙ୍କୁ ୱାଶିମକୁ ବଦଳି କରା ଯାଇଥିଲା ।



ଏହାପରେ ତାଙ୍କ ବିରୁଦ୍ଧରେ ଗୋଟିଏ ପରେ ଗୋଟିଏ ସଙ୍ଗୀନ ଅଭିଯୋଗ ଆସିଥିଲା ।ସେ ଜାଲ୍ ଓବିସି ସାର୍ଟିଫିକେଟ ସହ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଆଇଏଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଛି । ଏହାପରେ ସେ ଟ୍ରେନିଂ ନେଉଥିବା ମସୌରୀର ଲାଲ୍ ବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମି ଅଫ୍ ଆଡମିନିଷ୍ଟ୍ରେସନ ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛନ୍ତି ।

ଅପରପକ୍ଷରେ ନିଜ କ୍ଷମତାର ଅପବ୍ୟବହାର କରି ବିବାଦରେ ଥିବା ପୁଣେର ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କ ପାଇ ଅଡୁଆ ଦିନକୁ ଦିନ ବିବାରେ ଲାଗିଛି । ପୂଜାଙ୍କ ବାପାମା' ଫେରାର ହୋଇ ଯାଇଥିବା ବେଳେ ଗତ ରାତିରେ ପୂଜାଙ୍କ ଘରେ ପଶିଥିଲା ପୋଲିସ୍ ଟିମ୍‌ଛନିଜ କ୍ଷମତାର ଅପବ୍ୟବହାର କରି ବିବାଦରେ ଥିବା ପୁଣେର ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କ ପାଇ ଅଡୁଆ ଦିନକୁ ଦିନ ବିବାରେ ଲାଗିଛି । ପୂଜାଙ୍କ ବାପାମା' ଫେରାର ହୋଇ ଯାଇଥିବା ବେଳେ ଗତ ରାତିରେ ପୂଜାଙ୍କ ଘରେ ପଶିଥିଲା ପୋଲିସ୍ ପ୍ରାୟ ସାଢେ ୧୦ଟା ବେଳେ ୩ ଜଣିଆ ଲେଡି ପୋଲିସ୍ ଟିମ୍ ପଶିଥିଲେ । ସେମାନେ ପୂଜାଙ୍କୁ ୩ ଘଣ୍ଟା କାଳ ପଚରାଉଚରା କରିଥିବା ବେଳେ ରାତି ୧ଟା ପରେ ବାହାରିଥିଲେ । ତେବେ କେଉଁ ପ୍ରସଙ୍ଗରେ ସେମାନେ ସେଠାକୁ ଯାଇଥିଲେ ଓ ପୂଜାଙ୍କୁ କ'ଣ ପଚରାଉଚରା କରିଥିଲେ ତାହାର ପ୍ରକୃତ ତଥ୍ୟ ମିଳି ପାରିନି । ଜିଲ୍ଲାପାଳଙ୍କ ଅନୁମତି ନେଇ ପୂଜା ପୋଲିସ୍ ଟିମ୍‌କୁ ଘରକୁ ଡାକିଥିବା କୁହାଯାଉଛି ।

## ବାହୁବଳୀ ବିଧାୟକ ରାଜା ଭାୟାଙ୍କ ବାପା ଗୃହବନ୍ଦୀ



ଲକ୍ଷ୍ନୌ : ଉତ୍ତରପ୍ରଦେଶର ପ୍ରତାପଗଡ଼ର ବାହୁବଳୀ ବିଧାୟକ ରାଜା ଭାୟାଙ୍କ ବାପା ଉଦୟ ପ୍ରତାପ ସିଂହଙ୍କୁ ଗୃହବନ୍ଦୀ କରିଛି ପୋଲିସ୍ । ଗତ କିଛି ବର୍ଷ ଧରି ମହରମ ପର୍ବରେ ଗଣ୍ଡଗୋଳ ଘଟାଇବା ଆଶଙ୍କାରେ ଉଦୟ ପ୍ରତାପ ସିଂହଙ୍କୁ ଗୃହବନ୍ଦୀ କରାଯାଉଛି ।

ଏହି ପର୍ବରୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଇବା ନିମନ୍ତେ ପୋଲିସ୍ ତରଫରୁ ଏପରି ଆଗୁଆ ପଦକ୍ଷେ ଗ୍ରହଣ କରାଯାଇଛି । ଏଥିନିମନ୍ତେ ଉଦୟ ପ୍ରତାପଙ୍କୁ ନିଜ ଘରେ ୩ ଦିନ ପାଇଁ ଗୃହବନ୍ଦୀ କରାଯାଇଛି । ଉଦୟ ପ୍ରତାପ ସିଂହ ମହରମ ପର୍ବକୁ ତୀବ୍ର ବିରୋଧ କରିବା ସହ ଉକ୍ତ ଦିନ ପ୍ରୟାଗରାଜ-ଲକ୍ଷ୍ନୌ ଜାତୀୟ ରାଜପଥକୁ ବ୍ଲକ କରିଥାନ୍ତି । ଫଳରେ ମୁସଲିମ ସମ୍ପ୍ରଦାୟର ଶୋଭାଯାତ୍ରାରେ ବାଧା ସୃଷ୍ଟି ହୋଇଥାଏ । ତେଣୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ଯେପରି ବିପର୍ଯ୍ୟସ୍ତ ନହୁଏ ସେଥିନିମନ୍ତେ ପୋଲିସ୍ ପ୍ରଶାସନ ତରଫରୁ ଏପରି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ପୂର୍ବରୁ ବି ଉଦୟ ପ୍ରତାପଙ୍କୁ ବହୁ ଥର ଗୃହବନ୍ଦୀ କରାଯାଇଛି । ବାହୁବଳୀ ବିଧାୟକ ରାଜା ଭାୟାଙ୍କର ତାଙ୍କ ପିତାଙ୍କ ସହ ସମ୍ପର୍କ ଠିକ୍ ନ ଥିବା ଜଣାଯାଇଛି । ରାଜା ଭାୟାଙ୍କ ପତ୍ନୀ କୋର୍ଟରେ ଛାଡ଼ପତ୍ର ମାମଲା ରୁଜୁ କରିଥିବା ବେଳେ ଏହାକୁ ନେଇ ଉଦୟ ପ୍ରତାପଙ୍କର ପୁଅ ସହ ସମ୍ପର୍କ ଠିକ୍ ନ ଥିବା ଜଣାଯାଇଛି ।

# ବଜେଟ୍-୨୦୨୪ ପୂର୍ବରୁ ହାଲୱା ପରଶିଲେ ଅର୍ଥମନ୍ତ୍ରୀ




ନୂଆଦିଲ୍ଲୀ: ୟୁନିୟନ ବଜେଟ୍ ୨୦୨୪ ପାଇଁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ଅର୍ଥାତ୍ ନର୍ଥ ବ୍ଲକ୍‌ରେ ହାଲୱା ସମାରୋହ ଆୟୋଜିତ ହୋଇଥିଲା । ନର୍ଥ ବ୍ଲକ୍‌ରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉପସ୍ଥିତିରେ ହାଲୱା ସମାରୋହ ଆୟୋଜିତ ହୋଇଥିଲା । ଏକ ପରମ୍ପରା ଅନୁଯାୟୀ, ବଜେଟ୍ ପ୍ରସ୍ତୁତିର ଲକ୍-ଇନ୍ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରତିବର୍ଷ ହାଲୱା ସମାରୋହ ଆୟୋଜିତ ହୋଇଥାଏ ।

ବଜେଟ ପୂର୍ବରୁ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏହି ହାଲୱା ସମାରୋହ ସୂଚିତ କରେ ଯେ ବଜେଟ୍ ଚୂଡାନ୍ତ ହୋଇଛି ଏବଂ ଏହାର ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସମାରୋହରେ ବଜେଟ୍ ପ୍ରସ୍ତୁତ କରୁଥିବା ବହୁ ସଂଖ୍ୟକ ଅଧିକାରୀ ଏବଂ କର୍ମଚାରୀଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି । ବାସ୍ତବରେ, ଅର୍ଥ ମନ୍ତ୍ରଣାଳୟର ବଜେଟ୍ ବିଭାଗର ସମସ୍ତ ଅଧିକାରୀ ଯେଉଁମାନେ ବଜେଟ୍ ପ୍ରସ୍ତୁତ କରିବାରେ ନିୟୋଜିତ ଥାନ୍ତି । ସେମାନେ ସଂସଦରେ ବଜେଟ୍ ଉପସ୍ଥାପିତ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଅନୁମତି ଦିଆଯାଇ ନ ଥାଏ । ଏଭଳି ପରିସ୍ଥିତିରେ ସରକାର ସେମାନଙ୍କ ପରିଶ୍ରମ ପାଇଁ କୃତଜ୍ଞତା ଜଣାଇବା ପାଇଁ ହାଲୱା ସମାରୋହ ଆୟୋଜନ କରିଥାନ୍ତି । ବଜେଟ୍ ମୁଦ୍ରଣ ପୂର୍ବରୁ ହାଲୱା ସମାରୋହ ଏକ ପାରମ୍ପାରିକ କାର୍ଯ୍ୟକ୍ରମ । କୁହାଯାଏ ଯେ ଦୀର୍ଘ ବଜେଟ୍ ତିଆରି ପ୍ରକ୍ରିୟା ଶେଷ ହେବା ପରେ ମିଠା ଖାଇ ବଜେଟର ମୁଦ୍ରଣ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥାଏ । ଅର୍ଥମନ୍ତ୍ରୀ କଡେଇରୁ ଅଧିକାରୀମାନଙ୍କୁ ହାଲୱା ପ୍ରଦାନ କରି ବଜେଟ୍ ମୁଦ୍ରଣ ପାଇଁ ସବୁଜ ସଙ୍କେତ ପ୍ରଦାନ କରିଥାନ୍ତି । ଅର୍ଥ ମନ୍ତ୍ରଣାଳୟର ନର୍ଥ ବ୍ଲକର ତଳ ମହଲାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ, ଯେଉଁଠାରେ ବଜେଟ୍ ମୁଦ୍ରଣ ପାଇଁ ଏକ ସ୍ୱତନ୍ତ୍ର ପ୍ରିଣ୍ଟିଂ ପ୍ରେସ୍ ରହିଛି । ବଜେଟ୍ ପ୍ରସ୍ତୁତି ସମୟରେ ସମ୍ପୂର୍ଣ୍ଣ ଗୋପନୀୟତା ବଜାୟ ରଖାଯାଇଥାଏ । କୁହାଯାଏ ଯେ ସଂସଦରେ ବଜେଟ୍ ଉପସ୍ଥାପନା ପୂର୍ବରୁ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ଏବଂ କର୍ମଚାରୀମାନେ ନର୍ଥ ବ୍ଲକର ତଳ ମହଲାରେ ପ୍ରାୟ ୧୦ ଦିନ ରହିଥାନ୍ତିଛ ଯେଉଁଠାରେ ସମ୍ପୂର୍ଣ୍ଣ ଗୋପନୀୟତା ବଜାୟ ରଖାଯାଇଥାଏ ।

ମନ୍ତ୍ରଣାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ୨୪ ଘଣ୍ଟା ନଜରରେ ରହିଥାନ୍ତି ଏବଂ ସେମାନଙ୍କ ପ୍ରିୟଜନଙ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ ଅନୁମତି ମିଳିନଥାଏ । ଏପରିକି ସେମାନଙ୍କୁ ଫୋନ୍ କଲ କରିବାକୁ ଅନୁମତି ଦିଆଯାଏ ନାହିଁ । ସେମାନଙ୍କୁ ସିସିଟିଭି ଏବଂ ଜାମରର ଏକ ଶକ୍ତିଶାଳୀ ନେଟୱାର୍କ ମାଧ୍ୟମରେ ବାହ୍ୟ ଯୋଗାଯୋଗରୁ ବିଚ୍ଛିନ୍ନ କରାଯାଇଥାଏ । କୁହାଯାଏ ବଜେଟ୍ ଡକ୍ୟୁମେଣ୍ଟଗୁଡିକର ମୁଦ୍ରଣ ୧୯୫୦ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭବନରେ ଜାରି ରହିଥିଲା କିନ୍ତୁ ସେହି ବର୍ଷ ବଜେଟ ଲିକ୍ ହେବା ପରେ ଏହାକୁ ମିଣ୍ଟୋ ରୋଡକୁ ଏବଂ ପରେ ନର୍ଥ ବ୍ଲକର ବେସମେଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରେ ବଜେଟର ମୁଦ୍ରଣ ଏହି ପ୍ରିଣ୍ଟିଂ ପ୍ରେସରେ ସ୍ଥାୟୀ ଭାବରେ କରାଯାଇଥିଲା ।

# ୨୦୦ରୁ ଅଧିକ ପୂର୍ବତନ ସାଂସଦଙ୍କୁ କ୍ୱାର୍ଟର ଛାଡ଼ ନୋଟିସ୍

ନୂଆଦିଲ୍ଲୀ : ନିର୍ବାଚନ ହାରିବା କିମ୍ବା ନିର୍ବାଚନ ଲଢିବାରୁ ବାଦ ପଡ଼ିଥିବା ୨୦୦ରୁ ଅଧିକ ପୂର୍ବତନ ସାଂସଦ ଏବେ ବି ସରକାରୀ ବଙ୍ଗଳା ଛାଡ଼ି ନାହାନ୍ତି । ପଦ ଗଲା ପରେ ମଧ୍ୟ ସେମାନେ ଲୁଟୟେନ୍ସ ଦିଲ୍ଲୀରେ ମିଳିଥିବା ସରକାରୀ ଘର ଛାଡ଼ିବାକୁ ଅରାଜି ହେଉଛନ୍ତି । ସେମାନେ ଘର ଛାଡ଼ିବାରେ ବିଳମ୍ବ କରୁଥିବାରୁ ସେମାନଙ୍କୁ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନୋଟିସ କରାଯାଇଛି ।ମିଳିଥିବା ସୂଚନା ଅନୁସାରେ, ସର୍ବସାଧାରଣ ପରିସର( ଅନାଧିକୃତ ଦଖଲରୁ ହଟାଯିବା) ଆଇନ ବଳରେ ସମସ୍ତଙ୍କୁ ନୋଟିସ କରାଯାଇଛି । ନିୟମ ଅନୁସାରେ, ପୂର୍ବ ଲୋକସଭାର ଅବଧି ଶେଷ ହେବାର ମାସକ ମଧ୍ୟରେ ପୂର୍ବତନ ସାଂସଦମାନଙ୍କୁ ସରକାରୀ ବଙ୍ଗଳା ଛାଡ଼ିବାକୁ ପଡ଼ିଥାଏ । କିନ୍ତୁ



ଏବେ ସୁଦ୍ଧା ୨୦୦ରୁ ଅଧିକ ପୂର୍ବତନ ସାଂସଦ ବଙ୍ଗଳା ଛାଡ଼ି ନାହାନ୍ତି । ତେଣୁ ସେମାନଙ୍କୁ ନୋଟିସ କରି ଯଥାଶୀଘ୍ର ଘର ଖାଲି କରିବାକୁ କୁହାଯାଇଛି ।ସେହିପରି ଆଉ କିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ନୋଟିସ ପଠାଇବାକୁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି । ଯଦି ସେମାନେ ଯଥାଶୀଘ୍ର ବଙ୍ଗଳା ଖାଲି ନକରିବେ, ତା'ହେଲେ ଅଧିକାରୀମାନେ ସେମାନଙ୍କ ପାଖକୁ ଯାଇ ବାଧ୍ୟତାମୂଳକ ସେମାନଙ୍କୁ ବାହାର କରିବେ ।ସାଂସଦମାନଙ୍କୁ ଲୋକସଭା ସଚିବାଳୟ ପକ୍ଷରୁ ସରକାରୀ ବଙ୍ଗଳା ପ୍ରଦାନ କରାଯାଇଥାଏ । କିନ୍ତୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ବଙ୍ଗଳା ବାଣ୍ଟିଥାଏ ।ଅନ୍ୟପକ୍ଷରେ ଆମେଠିରୁ ରାହୁଲ ଗାନ୍ଧିଙ୍କ ଠାରୁ ହାରିଥିବା ସ୍ମୃତି ଇରାନୀ ଏବେ ନିଜର ସରକାରୀ ବଙ୍ଗଳା ଖାଲି କରି ସାରିଛନ୍ତି । ତାଙ୍କୁ ୨୮ ତୁଗଲକ ରୋଡରେ ସେ ୨୦୧୪ରୁ ରହି ଆସୁଥିଲେ । ୨୦୧୪ରେ ସେ ହାରିବା ପରେ ମଧ୍ୟ ମନ୍ତ୍ରୀ ହୋଇଥିଲେ । ତେଣୁ ତାଙ୍କୁ ସରକାରୀ ବଙ୍ଗଳା ମିଳିଥିଲା ।

### ଷ୍ଟିଙ୍ଗ୍ ଅପରେସନ୍ ମାମଲା

## ମିଡ଼ିଆ ବିରୋଧରେ ମକଦ୍ଦମା ଦାଏର ମନା

ଥିରୁଭାନନ୍ତପୁରମ୍ : ଷ୍ଟିଙ୍ଗ୍ ଅପରେସନ୍ ମାମଲାରେ କେରଳ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ମିଡିଆ ବିରୋଧରେ ମକଦ୍ଦମା ଦାଏର କରାଯାଇ ପାରିବ ନାହିଁ । ରାୟରେ କେରଳ ହାଇକୋର୍ଟ ଏକ ଷ୍ଟିଙ୍ଗ୍ ଅପରେସନ୍ କରିଥିବା ଦୁଇଜଣ ଟିଭି ସାମ୍ବାଦିକ ବିରୋଧରେ ଆରମ୍ଭ ହୋଇଥିବା ଅପରାଧିକ ମାମଲାକୁ ବନ୍ଦ କରିଦେଇଛନ୍ତି । ଏହା ସହିତ କୋର୍ଟ କହିଛନ୍ତି ଯେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଚତୁର୍ଥସ୍ତମ୍ଭ ଅର୍ଥାତ୍ ମିଡିଆ ରହିବା ଆବଶ୍ୟକ । ଆମେ ତାଙ୍କ ବିରୋଧରେ ଏଭଳି ମାମଲା ଦାୟର କରିପାରିବୁ ନାହିଁ । ଏହି ମାମଲା ସମ୍ବେଦନଶୀଳ ସେର ସ୍କାମ ସହିତ ଜଡିତ ।

ଜଷ୍ଟିସ୍ ପି.ଭି କୁହ୍ନିକ୍ରିଷ୍ଣନ୍ ଏହି ମାମଲା ଉପରେ ମନ୍ତବ୍ୟ ଦେଇ କହିଛନ୍ତି ସରକାରଙ୍କ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବା କିମ୍ବା ଷ୍ଟିଙ୍ଗ୍ ଅପରେସନ୍ କରିବା ବେଳେ ପ୍ରେସ୍ ବେଳେ ବେଳେ ଆଇନଗତ ସୀମାକୁ ଅସ୍ପଷ୍ଟ କରିପାରେ । ଏହା ସେମାନଙ୍କର କାର୍ଯ୍ୟର ଏକ ଅଂଶ କାରଣ ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରିବା ସେମାନଙ୍କର କର୍ତ୍ତବ୍ୟ ଏବଂ ଏହା ସଚ୍ଚୋଟ ଭାବରେ ପୂରଣ ହେବା ଉଚିତ୍ । ଏଥିରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ ।

ବାର୍ ଆଣ୍ଡ ବେଞ୍ଚ ରିପୋର୍ଟ ଅନୁଯାୟୀ ଜଷ୍ଟିସ୍ କୁହ୍ନିକ୍ରିଷ୍ଣନ୍ ତାଙ୍କ ରାୟରେ ଲେଖିଛନ୍ତି, ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଚତୁର୍ଥସ୍ତମ୍ଭ ଜରୁରୀ ଅଟେ । ଏହା ନିଶ୍ଚିତ କରେ ଯେ କ୍ଷମତାର ଅପବ୍ୟବହାର ଯେପରି ନ ହେବ ଏବଂ ନାଗରିକମାନେ ଗଣତାନ୍ତ୍ରିକ ପ୍ରକ୍ରିୟା ବିଷୟରେ ଭଲ ଭାବରେ ଅବଗତ ହେବେ । ଚତୁର୍ଥସ୍ତମ୍ଭ କାମ କରୁଛି କି ନାହିଁ ଏବଂ ନୀତିଗୁଡିକ ଅନୁସରଣ କରୁଛି କି ନାହିଁ ତାହା ଏକ ଭିନ୍ନ ବିଷୟ । କିନ୍ତୁ ସେମାନଙ୍କ ତରଫରୁ କିଛି କାର୍ଯ୍ୟକଳାପ ହୋଇପାରେ ଯାହା ସାଧାରଣତଃ ଆଇନ ଅନୁଯାୟୀ ଆବଶ୍ୟକ ହୋଇଥାଏ । ଚତୁର୍ଥସ୍ତମ୍ଭ ଦ୍ୱାରା ବ୍ୟବହୃତ ଏହିପରି ଗୋଟିଏ ପଦ୍ଧତି ହେଉଛି ଷ୍ଟିଙ୍ଗ୍ ଅପରେସନ୍ । କୋର୍ଟ କହିଛନ୍ତି ଗଣମାଧ୍ୟମ ଏବଂ ଆଇନ ପ୍ରଣୟନକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଏହି ପରି ଷ୍ଟିଙ୍ଗ୍ ଅପରେସନ୍ ଆଇନଗତ ଭାବରେ ବିବେଚନା କରାଯାଇପାରିବ କି ନାହିଁ ତାହା କେସ୍-କେସ୍ ଭିତ୍ତିରେ ନିଷ୍ପତ୍ତି ନିଆଯିବା ଉଚିତ୍ । କିନ୍ତୁ ଯଦି ସତ୍ୟ ଜାଣିବା ଉଦ୍ଦେଶ୍ୟରେ ଏକ ଷ୍ଟିଙ୍ଗ୍ ଅପରେସନ୍ କରାଯାଏ ସେଥିରେ ବାଧା ଦେବା ଉଚିତ୍ ନୁହେଁ ।

## ଟି-୨୦ରେ ପାଣ୍ଡ୍ୟା ଅଧିନାୟକ!




ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ଚଳିତ ମାସ ୨୭ରୁ ଶ୍ରୀଲଙ୍କା ବିପକ୍ଷ ଟି-୨୦ ଶୃଙ୍ଖଳାରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭାରତର ନେତୃତ୍ୱ ନେବେ । କିନ୍ତୁ ଟି-୨୦ ବିଶ୍ୱକପ୍‌ର ହିରୋ ପାଣ୍ଡ୍ୟା ଶ୍ରୀଲଙ୍କା ବିପକ୍ଷ ତିନିମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବେ ନାହିଁ । ବ୍ୟକ୍ତିଗତ କାରଣରୁ ସେ ଏହି ଶୃଙ୍ଖଳାରେ ଅନୁପସ୍ଥିତ ରହିବେ । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ରୋହିତ୍ ଶର୍ମାଙ୍କ ଅଧିନରେ ପାଣ୍ଡ୍ୟା ଟି-୨୦ ଉପଅଧିନାୟକ ଥିଲେ । ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି । ଶ୍ରୀଲଙ୍କା ବିପକ୍ଷ ଟି-୨୦ରେ ଉପଲବ୍ଧ ରହିବେ । ସେହି ଉକ୍ତ ଶୃଙ୍ଖଳାରେ ଭାରତର ନେତୃତ୍ୱ ନେବେ । ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ୍ ହୋଇଥିଲା । ଏହାପରେ ଟି-୨୦ ଅନ୍ତର୍ଜାତୀୟରୁ ରୋହିତ୍ ଶର୍ମା, ବିରାଟ କୋହଲି ଓ ରବିନ୍ଦ୍ର ଜାଡେଜା ଅବସର ନେଇଥିଲେ । ତେଣୁ ପାଣ୍ଡ୍ୟା ହିଁ ଭାରତୀୟ ଟି-୨୦ ଦଳର ନେତୃତ୍ୱ ନେବେ । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ତିନିଟିକିଆ ଟି-୨୦ ଶୃଙ୍ଖଳା ଜୁଲାଇ ୨୭ରୁ ଆରମ୍ଭ ହୋଇ ୩୦ରେ ସରିବ । ଏହାପରେ ଅଗଷ୍ଟ ୨ରୁ ୭ ତାରିଖ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ । ଏହି ଶୃଙ୍ଖଳା ପାଇଁ ଖୁବ୍‌ଶୀଘ୍ର ଭାରତୀୟ ଦଳ ଘୋଷଣା ହେବାର ଅଛି । ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଶୃଙ୍ଖଳାରୁ ରୋହିତ୍ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ ଓ ଯଶପ୍ରୀତ ବୁମ୍‌ରାଙ୍କୁ ମଧ୍ୟ ବିଶ୍ରାମ ଦିଆଯିବ । ଏପରି ସ୍ଥିତିରେ ଲୋକେଶ ରାହୁଲ ଦିନିକିଆରେ ଭାରତର ନେତୃତ୍ୱ ନେବେ । ନଚେତ୍ ବିକଳ୍ପ ଭାବେ ଶୁଭମନ୍ ଗିଲ୍‌ଙ୍କୁ ଦାୟିତ୍ୱ ଦିଆଯାଇପାରେ ।



୧୬ ଥର ପାଇଁ କୋପା ଆମେରିକା କପ୍ ଟାଇଟଲ୍ ହାତେଇଥିବା ଲିଓନେଲ୍ ମେସିଙ୍କ ଆର୍ଜେଣ୍ଟିନା ଦଳ

# ଚମକିବେ ଭାରତୀୟ ଆଥ୍‌ଲେଟ୍

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ଆଉ ଦିନ କେଇଟାର ପ୍ରତୀକ୍ଷା ପରେ ପ୍ୟାରିସ୍ ଅଲିମ୍ପିକ୍ସ ବିଗୁଲ୍



AP & RF Youth Sports

ବାଜିବ । ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସର ପ୍ୟାରିସ୍ ସହର ମିନି ବିଶ୍ୱ ପାଲଟିବ । ସାରା ବିଶ୍ୱର ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ବିଶ୍ୱ ମହାକୁମ୍ଭର ଅଂଶୀଦାର ହେବେ । ଏନେଇ ଭାରତ ମଧ୍ୟ ସଜବାଜ ଆରମ୍ଭ କରିସାରିଛି । ଏଥର ଆଥ୍‌ଲେଟ୍ସରେ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏମାନଙ୍କ ମଧ୍ୟରେ ୧୮ ଜଣ ପୁରୁଷ ଓ ୧୨ ଜଣ ମହିଳା ଅଛନ୍ତି । ସର୍ଭିଙ୍କ ନଜର ଗତ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ନିରଜ ଚୋପ୍ରାଙ୍କ ଉପରେ ରହିବ । ଟେବୁଲ୍ ଟେନିସ୍ ଖେଳାଳି ଅଚନ୍ତା ଶରଥ କମଲ ଏବଂ ପି.ଭି ସିନ୍ଧୁ ଉଦ୍‌ଘାଟନୀରେ ଧ୍ୱଜା ବାହକ ସାଜିବ ।

ଏଥର ଦୌଡକୁଦରେ ଅଧିକ ପଦକ ଆଶା ରହିଛି । ପ୍ୟାରିସ୍‌ର ପ୍ରତିକୂଳ ପରିବେଶରେ ଖାପ ଖୁଆଇବା ପ । ଇ ଭାରତୀୟ ପ୍ରତିଯୋଗୀ

### ପ୍ୟାରିସ୍ ଅଲିମ୍ପିକ୍ସ

ଫ୍ରାନ୍ସରେ ଅଛନ୍ତି । ଆଉ କିଛି ଆସନ୍ତା ସପ୍ତାହରେ ପ୍ୟାରିସ୍ ପହଞ୍ଚିଯିବେ । ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଅବିନାଶ ସାବଲେ, ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରା ଏବଂ ଓଡ଼ିଆ ପୁଅ କିଶୋର କୁମାର ଜେନା, ସଟ୍‌ପୁଟ୍‌ରେ ତାଜିନ୍ଦର ପାଲ୍ ସିଂ ତୁର୍, ଟ୍ରିପଲ୍ ଜମ୍ପ୍‌ରେ ପ୍ରବୀଣ ଚିତ୍ରା ଭେଲ୍ ଓ ଅବ୍‌ଦୁଲ୍ଲା ଆବୁବକର, ହାଇଜମ୍ପ୍‌ରେ ସରଭେଶ କୁଶରେ, ୨୦ କିମି ରେସ୍‌ୱାକ୍‌ରେ ଅକ୍ଷଦୀପ ସିଂହ, ବିକାଶ ସିଂ ଓ ପରମଜିତ୍ ସିଂ ବିଷ୍ଟ, ୪ଗୁଣା ୧୦୦ ମିଟର ରିଲେରେ ମହମ୍ମଦ ଅନଶ, ମହମ୍ମଦ ଅଜମଲ, ଅମୋଜ ଜାକବ, ସନ୍ତୋଷ ତାମିଲାରାସନ୍, ରାଜେଶ ରମେଶ ଓ ନିଜୋଚାକୋ କୋରିଆନ୍, ରେସ୍‌ୱାକ ମିକ୍ସଡ ମାରାଥନ୍‌ରେ ସୁରଜ କନ୍‌ୱର ଓ ଲଙ୍ଗଜମ୍ପ୍‌ରେ ଜେସ୍ୱିନ୍ ଆଲ୍‌ଡ୍ରିନ୍ ପ୍ରତିଦ୍ୱନ୍ଦ୍ୱିତା କରିବେ । ମହିଳା ବର୍ଗରେ କିରଣ ପହଲ ୪୦୦ ମିଟର ଏବଂ ୪ଗୁଣା ୪୦୦ ମିଟର ରିଲେ, ପାରୁଲ୍ ଚୌଧୁରୀ ୩୦୦୦ ମିଟର ଷ୍ଟିପଲ୍‌ଚେଜ ଓ ୫୦୦୦ ମିଟର, ଅଙ୍କିତା ୫୦୦୦ ମିଟର, ଜ୍ୟୋତି ୟାରାଜି ୧୦୦ ମିଟର ହର୍ଡଲ୍ସ, ଅନୁରାଣୀ ଜାଭେଲିନ୍ ଥ୍ରୋ, ଆଭା ଖଟୁଆ ସଟ୍‌ପୁଟ୍, ଜ୍ୟୋତିକା ଶ୍ରୀଦାଣ୍ଡି, ଶୁଭ ଭେଙ୍କଟଶା, ଭିଥ୍ୟା ରାମରାଜ, ଏମ୍‌ଆର୍ ପୁଭାମା ଓ ପ୍ରାଚୀ ୪ଗୁଣା ୪୦୦ ମିଟର ରିଲେରେ ଭାଗନେବେ । ପ୍ରିୟା ଗୋସ୍ୱାମୀ ୨୦ କିମି ରେସ୍‌ୱାକ୍ ଓ ରେସ୍‌ୱାକ୍ ମିକ୍ସଡ ମାରାଥନ୍‌ରେ ଅଂଶଗ୍ରହଣ କରିବେ ।

ବ୍ୟାଡ୍‌ମିଣ୍ଟନରେ ଏଥର ଦୁଇ ପ୍ରତିଯୋଗୀଙ୍କ ଉପରେ ସମସ୍ତଙ୍କ ନଜର ରହିବ । ଏମାନେ ସ୍ୱାତ୍ତିକ ସାଇରାଜ ରଣକୀ ରେଡ୍ଡୀ ଓ ଚିରାଗ ସେଟ୍ଟୀ । ଅଲିମ୍ପିକ୍ସ ପାଇଁ ଏହି ଭାରତୀୟ ଯୋଡ଼ିଙ୍କୁ ତୃତୀୟ



PTI & Getty

ସିଡ୍ ମାନ୍ୟତା ମିଳିଛି । ଦୁହେଁ ଗ୍ରୁପ୍-ସିରେ ସ୍ଥାନ ପାଇଛନ୍ତି । ଏହି ଗ୍ରୁପ୍‌ରେ ଲୁକାସ୍ କୁର୍‌ଭୀ ଓ ରୋନନ୍ ଲାବର୍ ରହିଛନ୍ତି । ଇଣ୍ଡୋନେସିଆର ଫଜର ଆଲ୍‌ଫିନ୍ ଓ ମହମ୍ମଦ ରିଆନ୍ ଆର୍‌ଡିଆଣ୍ଟୋ ଏବଂ ଜର୍ମାନୀର ମାର୍କ ଲାମ୍ସଫୁସ୍ ଓ ମାର୍ଭିନ୍ ସେଇଡେଲ୍ ଅଛନ୍ତି । ତେଣୁ ଭାରତୀୟ ଯୁଗଳଙ୍କ ପାଇଁ ଏଥର ଅଲିମ୍ପିକ୍ସ ଅଭିଯାନ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ ।

ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଦିନଠୁ ଭାରତର ପ୍ରଦର୍ଶନ ପର୍ଯ୍ୟାୟକ୍ରମେ ଶାଣିତ ହେବାରେ ଲାଗିଛି । ୧୯୨୦ରୁ ବିଧିବଦ୍ଧ ଭାବେ ଭାରତ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଆସୁଛି । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଏପର୍ଯ୍ୟନ୍ତ ୧୬ଟି କ୍ରୀଡ଼ାରେ ୧୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ନେଇ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ଆର୍ଚେରୀରେ ୬ଜଣ, ଆଥଲେଟିକ୍ସରେ ୩୦ ଜଣ, ବ୍ୟାଡ୍‌ମିଣ୍ଟନରେ ୭ ଜଣ, ବକ୍ସିଂରେ ୬ ଜଣ, ଇକ୍ୱାଷ୍ଟ୍ରେନ୍‌ରେ ଜଣେ, ହକିରେ ୧୬ ଜଣ, ଗଲ୍ଫରେ ୪ ଜଣ, ଜୁଡ଼ୋରେ ଜଣେ, ରୋଇଂରେ ଜଣେ, ସେଲିଂରେ ଦୁଇଜଣ, ସୁଟିଂରେ ୨୧ ଜଣ, ସୁଇମିଂରେ ଦୁଇଜଣ, ଟେବୁଲ୍ ଟେନିସ୍‌ରେ ୬ ଜଣ, ଟେନିସ୍‌ରେ ୩ ଜଣ, ଭାରୋତ୍ତୋଳନରେ ଜଣେ ଓ ରେସ୍‌ଲିଂରେ ୬ ଜଣ ଅଂଶଗ୍ରହଣ କରିବେ । ମୋଟ୍ ପ୍ରତିଯୋଗୀଙ୍କ ମଧ୍ୟରେ ୬୬ଜଣ ପୁରୁଷ ଓ ୬୭ଜଣ ମହିଳା କ୍ରୀଡ଼ାବିତ୍ ଅଛନ୍ତି ।

## ଭାରତୀୟ ଖେଳାଳିଙ୍କୁ କୋହଲିଙ୍କ ଶୁଭେଚ୍ଛା

ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କ୍ରିକେଟର ବିରାଟ କୋହଲି । ସୋସିଆଲ୍ ମିଡ଼ିଆରେ ଏକ ଭିଡ଼ିଓ ବାର୍ତ୍ତା ଜାରି କରି କୋହଲି କ୍ରୀଡ଼ାବିତ୍‌ଙ୍କ ତ୍ୟାଗକୁ ବର୍ଣ୍ଣନା କରିଛନ୍ତି । ବିଶ୍ୱର ସବୁଠାରୁ ବଡ଼ ମହାକୁମ୍ଭରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ କ୍ରୀଡ଼ାବିତ୍ ସେମାନଙ୍କ ରକ୍ତ ଝାଳ ଲୁହକୁ ବାଜି ଲଗାଇ ଦେଇଥିବା କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତାକୁ ସେ କହିବା ସହ ସମସ୍ତ ଭାରତୀୟ ମିଳିତ ଭାବେ ଆମ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ ଜଣାଇବା ପାଇଁ ଆଗେଇ ଆସିବା ପାଇଁ ଅନୁରୋଧ କରିଛନ୍ତି । କୋହଲି ତାଙ୍କ ବାର୍ତ୍ତାରେ କହିଛନ୍ତି ଇଣ୍ଡିଆ, ଭାରତ, ହିନ୍ଦୁସ୍ତାନ, ସମୟ ଥିଲା ଯେତେବେଳ ଭାରତକୁ କେବଳ ସାପ ଓ ହାତୀମାନଙ୍କର ଭୂମି ଭାବେ ସାରା ବିଶ୍ୱ ଚିହ୍ନୁଥିଲା ।



ସମୟକ୍ରମେ ସେ ସବୁଥିରେ ପରିବର୍ତ୍ତନ ଆସିଛି । ଆଜି ଆମେ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବେ ପରିଚିତ ହେଉଛୁ । ଏଭଳି ମହାନ ଦେଶ ସହିତ ଆଗକୁ କଣ ଆଉ ବଡ଼ ଘଟିପାରେ । ସବୁଠୁ ଅଧିକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବା ଆଶା ରହିଛି । ଆମ ଭାଇ ଓ ଭଉଣୀମାନେ ପଦକ ଜିତିବା ପାଇଁ ପ୍ୟାରିସ୍ ଯାଇଛନ୍ତି । କୋଟି କୋଟି ଭାରତୀୟ ସେମାନଙ୍କୁ ଦେଖିବାବେଳେ ସେମାନେ ନର୍ଭସ୍ ହେବେ । ଟ୍ରାକ୍ ଓ ଫିଲ୍ଡରେ ଅଂଶଗ୍ରହଣ କରିବା ସମୟରେ କ୍ରୀଡ଼ାବିତ୍ ଅଧିକ ଉତ୍ସାହିତ ହେବା ଦରକାର । ଦେଶର ପ୍ରତିକୋଣ ଅନୁକୋଣରୁ ଇଣ୍ଡିଆ ଇଣ୍ଡିଆ ଇଣ୍ଡିଆ ଧ୍ୱନି ଗୁଞ୍ଜରିତ ହେବା କଥା । ତେଣୁ ପୋଡ଼ିୟମ୍‌ର ନିକଟତର ହେଉଥିବା ଓ ତ୍ରିରଙ୍ଗା ଆଡକୁ ଗର୍ବର ସହ ଦେଖୁଥିବା ଭଳି ସେମାନଙ୍କ ଚେହେରାକୁ ମନେପକାଇ ନିଷ୍ଠାର ସହ ସମର୍ଥନ ଜଣାଇବା ବୋଲି କୋହଲି କହିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ୧୬ଟି କ୍ରୀଡ଼ା ବିଭାଗରେ ୧୧୮ ଜଣ ଖେଳାଳି ସାମିଲ ହେବାକୁ ଯାଉଛନ୍ତି ।

## କ୍ରିକେଟ୍ ଷ୍ଟାଡ଼ିୟମ୍‌ରେ ହେବନି ତମାଖୁ, ଗୁଟ୍‌ଖା ପ୍ରଚାର

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ଭାରତରେ କ୍ରିକେଟ୍ ମ୍ୟାଚ୍ ସମୟରେ ଟିଭି ବିଜ୍ଞାପନ ଠାରୁ ଆରମ୍ଭ କରି ହୋର୍ଡିଂ ପର୍ଯ୍ୟନ୍ତ ଅନେକ ପ୍ରକାର ବିଜ୍ଞାପନ ଦେଖିବାକୁ ମିଳେ । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ଼ (ବିସିସିଆଇ) ଏହି ବିଜ୍ଞାପନ ମାଧ୍ୟମରେ ରୋଜଗାର କରେ । କିନ୍ତୁ ବର୍ତ୍ତମାନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି । ଏହି ପଦକ୍ଷେପ ଫଳରେ ବିସିସିଆଇକୁ କ୍ଷତି ସହିବାକୁ ପଡ଼ିବ । ଗୁଟ୍‌ଖା ଓ ତମାଖୁ ବିଜ୍ଞାପନଗୁଡ଼ିକୁ ବନ୍ଦ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ବିଶେଷ ପ୍ରସ୍ତୁତି କରିଛି । ଯାହାକୁ ବଲିଉଡ୍‌ର ସେଲିବ୍ରିଟି ତଥା ପୂର୍ବତନ କ୍ରିକେଟରମାନେ ପ୍ରୋତ୍ସାହିତ କରୁଥିବା ଦେଖିବାକୁ ମିଳିଛି । କ୍ରିକେଟ୍ ମ୍ୟାଚ୍ ସମୟରେ ତମାଖୁ ବିଜ୍ଞାପନକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଇଥାଏ । କିନ୍ତୁ ଏପରି ଶୋ କରାଯିବ ନାହିଁ । ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଷ୍ଟାଡ଼ିୟମ୍‌ରେ ରଖଯାଇଥିବା ତମାଖୁ ଓ ଗୁଟ୍‌ଖାର ହୋର୍ଡିଂ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯାଉଛି ।




## ଅନନ୍ୟାଙ୍କୁ ସ୍ୱର୍ଣ୍ଣ, ଜଗମୋହନ, ଜୟପ୍ରକାଶଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୬।୭ (ସବ୍ୟୁ) : ୧୩ତମ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ ଚାମ୍ପିଅନ୍‌ସିପ୍ ବେଙ୍ଗାଲୁରୁର କାଣ୍ଟେରଭା ଷ୍ଟାଡ଼ିୟମ୍‌ରେ ଜାରି ରହିଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ଅଭିଯାନ ଆରମ୍ଭ ହୋଇଛି । ୧୭ ବର୍ଷରୁ କମ୍ ସଟ୍‌ପୁଟ୍ ଏଫ୍-୩୬ ବର୍ଗରେ ଜଗମୋହନ ଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେ ୭.୧୬ ମିଟର ସଟ୍‌ପୁଟ୍ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ରାଜସ୍ଥାନର ବିସନ ସିଂ ୭.୮୩ ମିଟର ସହ ସ୍ୱର୍ଣ୍ଣ ଓ ରାଜସ୍ଥାନର ଡୁଙ୍ଗରରାମ ୭.୧୮ ମିଟର ସହ ରୌପ୍ୟ ପଦକ ହାସଲ କରିଛନ୍ତି । ପ୍ରଥମ ଦିନରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ଜିତିଛି ।







୧୯ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋରେ ଜୟପ୍ରକାଶ ବାରିକ ଓଡ଼ିଶାକୁ ପ୍ରଥମ ପଦକ ସଫଳତା ଦେଇଥିଲେ । ସେ ଏଫ୍-୩୬ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଜାଭେଲିନ୍ ଥ୍ରୋରେ ଜୟପ୍ରକାଶ ୩୦.୦୭ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଥିଲେ । ସେହିପରି ହରିୟାଣାର ହନି ସ୍ୱର୍ଣ୍ଣ ଏବଂ ରାଜସ୍ଥାନ ଭୂପେଶ କୁମାର ବ୍ରୋଞ୍ଜ ପଦକ ଜିତିଛନ୍ତି । ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ଅନନ୍ୟା ସ୍ୱାଇଁ ୧୭ ବର୍ଷରୁ କମ୍ ବାଳିକ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଅନନ୍ୟା ବାଳିକା ଏଫ୍-୫୬ବର୍ଗରେ ୪.୪୧ ମିଟର ଫିଙ୍ଗି ସ୍ୱର୍ଣ୍ଣ ଜିତିଥିଲେ । ଏହି ବର୍ଗରେ ହରିୟାଣାର ଜ୍ୟୋତି ରୌପ୍ୟ ଏବଂ ତାମିଲନାଡୁର ଗୋକିଲା ବ୍ରୋଞ୍ଜ ପଦକ ହାତେଇଛନ୍ତି । ଅନନ୍ୟା ସ୍ୱାଇଁ ଏଫ୍-୫୪ ବର୍ଗରେ ୪.୪୧ ମିଟର ଫିଙ୍ଗି ସ୍ୱର୍ଣ୍ଣ ହାସଲ କରିଥିଲେ ।

## ବାୟଜୁ ବିରୋଧରେ ଆରମ୍ଭ ହେବ ଦେବାଳିଆ ମାମଲାର ଶୁଣାଣି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି) : ବାୟଜୁ ବିରୋଧରେ ଦେବାଳିଆ ମାମଲାର ଶୁଣାଣି ଆରମ୍ଭ ହେବ । କମ୍ପାନି ବିରୋଧରେ ଶୁଣାଣି କରିବାକୁ ଜାତୀୟ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ବେଙ୍ଗାଲୁରୁ ବେଞ୍ଚ ବିସିସିଆଇ ଆବେଦନକୁ ସ୍ୱୀକାର କରିଛନ୍ତି । ଏହି ମାମଲା ଭାରତୀୟ କ୍ରିକେଟ୍ ଦଳର ଜର୍ସି ପାଇଁ ବାୟଜୁ ଓ ବିସିସିଆଇ ମଧ୍ୟରେ ସ୍ପନ୍‌ସରସିପ୍ କଣ୍ଟ୍ରାକ୍ଟ ସହିତ ଜଡିତ । କମ୍ପାନୀ ଏପର୍ଯ୍ୟନ୍ତ ବିସିସିଆଇର କଣ୍ଟ୍ରାକ୍ଟ ୧୫୮.୯ କୋଟି ଟଙ୍କା ପରିଶୋଧ କରିନାହିଁ । ଏଥିପାଇଁ କ୍ରିକେଟ୍ ବୋର୍ଡ଼ ଗତବର୍ଷ ବାୟଜୁର ମୂଳ କମ୍ପାନୀ ଥିଙ୍କ୍ ଆଣ୍ଡ୍ ଲର୍ଣ୍ଣ ପ୍ରାଇଭେଟ୍ ଲିମିଟେଡ୍



ବିରୋଧରେ ମାମଲା ରୁଜୁ କରିଥିଲା । ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୫ରେ ହେବ । ଅନ୍ୟପଟେ ବାୟଜୁ ବିସିସିଆଇ ସହିତ ଆଲୋଚନା କରି ମାମଲାର ରଫାଦଫା କରିବାକୁ ଚେଷ୍ଟା କରିଛି । ଏନ୍‌ସିଏଲ୍‌ଟି ବେଞ୍ଚର ଶୁଣାଣିରେ କୁହାଯାଇଛି ଯେ ବିସିସିଆଇ ଏବଂ ବାୟଜୁ ମଧ୍ୟରେ ଥିବା ଇମେଲ୍ ଟ୍ରେଲ୍‌ରୁ ଏହା ସ୍ପଷ୍ଟ ହୋଇଛି ଯେ, ଥିଙ୍କ୍ ଆଣ୍ଡ୍ ଲର୍ଣ୍ଣ ଡିଫଲ୍ଟ କରିଛି । ଖଣ୍ଡପୀଠ ବେଞ୍ଚ ପଙ୍କଜ ଶ୍ରୀବାସ୍ତବଙ୍କୁ ରିଜୋଲ୍ୟୁସନ୍ ପ୍ରଫେସନାଲ ନିଯୁକ୍ତ କରିଛନ୍ତି । ସେ ନିଯୁକ୍ତି ତାରିଖ ଠାରୁ ୩୦ ଦିନ ମଧ୍ୟରେ ଏକ କ୍ରେଡିଟ୍ କମିଟି ଗଠନ କରିବେ ।

ଭାରତୀୟ କ୍ରିକେଟ୍ ଦଳର ଅନେକ ଅନ୍ତର୍ଜାତୀୟ ଗ୍ରସ୍ତ ଏବଂ ଶୃଙ୍ଖଳା ଦ୍ୱାରା ପଠାଯାଇଥିବା ମୋଟ୍ ୧୨ଟି ବିଲ୍ ଉପରେ ଥିଙ୍କ୍ ଆଣ୍ଡ ଲର୍ଣ୍ଣ କମ୍ପାନି ଅର୍ଥ ପୈଠ କରିବାରେ ଅସମର୍ଥତା ଦେଖାଇଥିଲା । ୨୦୨୨ ଅଗଷ୍ଟ ୨୧ରେ ପ୍ରଥମ ଥର ପାଇଁ ବାୟଜୁ ବିସିସିଆଇକୁ ଚୁକ୍ତି ମୁତାବକ ଅର୍ଥ ଦେଇନଥିଲା ।

**ସୂଚନା**

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541